ମନସ୍କାମନା ପୂରଣ ପାଇଁ କାଉଡ଼ିଆ ଭକ୍ତ ସାଥିରେ ପ୍ଲାଷ୍ଟିକ କଳସ, ପଲିଥିନ୍ ଜରିରେ ଭୋଗ ଓ ଅନ୍ୟାନ ନିଶାଦ୍ରବ୍ୟ ସାଥିରେ ନେଇ ମନ୍ଦିର ଭିତରକୁ ପ୍ରବେଶ କରୁଛନ୍ତି। ପରବର୍ତ୍ତୀ ସମୟରେ ମନ୍ଦିର ସଫେଇ ବେଳେ ଏହା ସମସ୍ତଙ୍କ ସାମ୍ନାକୁ ଆସିଥାଏ। ଏଣୁ ମନ୍ଦିର ପ୍ରଶାସନ ପକ୍ଷରୁ ଭିତରକୁ ଯିବା ପୂର୍ବରୁ ଭକ୍ତଙ୍କଠାରୁ ଶୁଳ୍କ ଆଦାୟ କରିବା ଅପେକ୍ଷା ଅଦରକାରୀ ବସ୍ତୁ ଯେପରି ନନେଇ ଯାଇପାରିବେ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ।

**- ସୁଚିତ୍ରା ମଲ୍ଲ, ଶିକ୍ଷୟିତ୍ରୀ, ଖଣ୍ଡଗିରି, ଭୁବନେଶ୍ୱର**

## ନଦୀକୂଳ, ମନ୍ଦିର ପରିସର ସଫା ରହୁ



ଶ୍ରାବଣ ଧର୍ମର ମାସ। ଏହି ମାସରେ ଶିବଙ୍କ ଜଳାଭିଷେକ କରିବା ବିଧି ରହିଛି। କାଉଡ଼ିଆମାନେ ନଦୀରୁ ପାଣି ଉଠାଇବାଠାରୁ ଆରମ୍ଭ କରି ମନ୍ଦିର ପହଞ୍ଚିବା ପର୍ଯ୍ୟନ୍ତ ପ୍ରଦୂଷଣ ପ୍ରତି ଧ୍ୟାନ ଦେବା ଦରକାର। ମନ୍ଦିରରେ ପାଣି ଢାଳିବା ପରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ କଳସ ରଖିବା ଉଚିତ। ସେହିପରି ନଦୀରୁ ପାଣି ଉଠାଇବା ପରେ ପୂଜା ସାମଗ୍ରୀ ଆଦି ଗୋଟିଏ ସ୍ଥାନରେ ରଖିବା ଉଚିତ। ସେହିଭଳି ରାସ୍ତାରେ ଯିବା ବେଳେ ଯେଉଁଠି ରହୁଛନ୍ତି ସେହି ସ୍ଥାନକୁ ବି ଅପରିଷ୍କାର ନ କରିବା ଉଚିତ।

**- ରାଜେନ୍ଦ୍ର ପଣ୍ଡା, ଶିକ୍ଷାବିତ୍, ବ୍ରହ୍ମପୁର**

## ରାସ୍ତାରେ ଡିଜେ ଗ୍ରହଣୀୟ ନୁହେଁ



ମହାଦେବ ଶିବ ହେଲେ ଶାନ୍ତିପ୍ରିୟ। କିନ୍ତୁ ଶ୍ରାବଣ ମାସରେ କାଉଡିଆମାନେ ନଦୀରୁ ପାଣି ଉଠାଇ ଜଳାଭିଷେକ ପାଇଁ ଗଲାବେଳେ ରାସ୍ତାରେ ସେମାନଙ୍କ ଗାଡ଼ି ଡିଜେ ବଜାଇ ଯାଉଛି। କାଉଡିଆଙ୍କୁ ଯେଭଳି ଉଗ୍ର ଆଧୁନିକତା ଛୁଇଁଛି ସେଭଳି ମନେହୁଏ। ରାସ୍ତାରେ କର୍କଶ ଡିଜେ ଶବ୍ଦରେ ଶବ୍ଦ ପ୍ରଦୂଷଣ ସୃଷ୍ଟି ହେଉଛି। ନଦୀନାଳ ପୁଷ୍କରିଣୀରେ ଗୋଷ୍ଠୀ ସ୍ନାନ କରିବାବେଳେ ପୋଖରୀ ତଥା ପରିବେଶ ଦୂଷିତ ହେଉଛି। ସେଥିପ୍ରତି ସଚେତନ ରହିବା ଜରୁରୀ।

**- ସାଗର ରଞ୍ଜନ ତ୍ରିପାଠୀ, ଆୟୁର୍ବେଦିକ ଡାକ୍ତର, ବ୍ରହ୍ମପୁର**

## ବୋଲ୍‌ବମ୍‌ରେ ଡିଜେ ସଂସ୍କୃତିକୁ ରୋକାଯାଉ



ଶ୍ରାବଣ ମାସରେ ଶ୍ରଦ୍ଧାଳୁମାନେ ମହାଦେବଙ୍କୁ ଜଳଲାଗି କରୁଛନ୍ତି। ଏଥିପାଇଁ ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ପ୍ରତିବର୍ଷ ବଢୁଛି। ମନ୍ଦିର କର୍ତ୍ତୃପକ୍ଷ ଜଳଲାଗି ପାଇଁ ଅର୍ଥ ନେଉଛନ୍ତି। ତେବେ ସେହି ତୁଳନାରେ ପ୍ରଦୂଷଣ ପରିଚାଳନାକୁ ଗୁରୁତ୍ୱ ଦିଆଯାଉନାହିଁ। ମନ୍ଦିର ଆଖପାଖରେ ପଲିଥିନ୍, ବିଭିନ୍ନ ପ୍ଲାଷ୍ଟିକ୍ ସାମଗ୍ରୀ ସହିତ କୃତ୍ରିମ୍ ଫୁଲ ଓ ବର୍ଜବସ୍ତୁ ଏଣେତେଣେ ପଡିରହୁଛି। ମହିଳା ବୋଲ୍‌ବମ୍ ଯାତ୍ରୀଙ୍କ ସ୍ନାନ ଶୌଚ ପାଇଁ ଉପଯୁକ୍ତ ଶୌଚାଳୟ ବ୍ୟବସ୍ଥା ନାହିଁ। ସମ୍ପ୍ରତି ଏହି ବୋଲ୍‌ବମ୍ ସଂସ୍କୃତିରେ ଡିଜେ ଧସେଇ ପଶିଛି। ଡିଜେର ଉଚ୍ଚ ସ୍ୱର ରୋଗୀ,ଶିଶୁ ଓ ବୃଦ୍ଧାବୃଦ୍ଧଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ସେହିପରି ଡିଜେ ସଙ୍ଗୀତରେ ଭଜନ ଜଣାଣ ନାମରେ ଦ୍ୱିଅର୍ଥବୋଧକ ଗୀତ ବଜାଯାଉଛି। ଏହା ଆଧ୍ୟାତ୍ମିକ ଭାବନାକୁ ଆଘାତ ଦେବା ସହିତ ଶ୍ରୁତିକଟୁ ହେଉଛି। ଅନ୍ୟ ପ୍ରଦୂଷଣ ବନ୍ଦ ପାଇଁ ସଚେତନତା ସୃଷ୍ଟି ସହିତ ଶବ୍ଦ ପ୍ରଦୂଷଣକୁ ରୋକିବା ପାଇଁ ଡିଜେ ସଂସ୍କୃତିକୁ ରୋକାଯାଉ।

**- ଅମରବର ବିଶ୍ୱାଳ, ସାମାଜିକ କର୍ମୀ, କେନ୍ଦ୍ରାପଡ଼ା**

## ମାଟି କିମ୍ବା ଧାତୁ ନିର୍ମିତ ପାତ୍ର ବ୍ୟବହାର କରାଯିବା ଉଚିତ



ଶ୍ରାବଣ ମାସରେ ମହାପ୍ରଭୁ ଶିବଙ୍କ ନିକଟରେ ଜଳଲାଗି କରିବା ଭଲ। ପୂର୍ବରୁ ମାଟି କିମ୍ବା ଧାତୁ ନିର୍ମିତ ପାତ୍ରରେ ଶ୍ରଦ୍ଧାଳୁମାନେ ଜଳଲାଗି କରିବା ପାଇଁ ଜଳ ନେଉଥିଲେ। ସେତେବେଳେ ପ୍ଲାଷ୍ଟିକ ପ୍ରଚଳନ ହେଉ ନ ଥିଲା। ବର୍ତ୍ତମାନ ପ୍ଲାଷ୍ଟିକ୍‌ର ପ୍ରଚଳନ ବହୁଳ ଭାବରେ ହେବାରୁ ମାଟି କିମ୍ବା ଧାତୁ ନିର୍ମିତ ପାତ୍ରକୁ ବ୍ୟବହାର କରାଯାଉନାହିଁ। ଯେଉଁଠି ସବୁଜିମା ପରିବେଶ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ମଧରେ ଶୈବପୀଠଗୁଡିକ ରହିଛି, ସେଠାରେ ବହୁଳ ଭାବରେ ପ୍ଲାଷ୍ଟିକ ବ୍ୟବହାର ଯୋଗୁ ପରିବେଶ ଦୂଷିତ ହେବା ସହିତ ପ୍ରଦୂଷଣ ବଢୁଛି। ପରିବେଶର ସୁରକ୍ଷା ପାଇଁ ଏହାକୁ ରୋକାଯିବା ଜରୁରୀ। ତେଣୁ ପୂର୍ବଭଳି ଜଳଲାଗି ପାଇଁ ମାଟି କିମ୍ବା ଧାତୁ ନିର୍ମିତ ପାତ୍ର ବ୍ୟବହାର କରାଯିବା ଉଚିତ।

**- ଦେବବ୍ରତ ପଟ୍ଟନାୟକ, ବୁଦ୍ଧିଜୀବୀ, ଢେଙ୍କାନାଳ**

## ସଚେତନତା ହିଁ ମହୌଷଧି



ବୋଲ୍‌ବମ୍ ଭକ୍ତମାନେ ନଦୀରେ ସ୍ନାନ କରି ପାଣି ଉଠାନ୍ତି, ନଦୀଘାଟରେ ପୂଜାର୍ଚ୍ଚନା କରନ୍ତି, ବାଟରେ ଖାଦ୍ୟ ଗ୍ରହଣ କରନ୍ତି। ଏଥିପାଇଁ ସେହି ସ୍ଥାନ କିଛିଦିନ ହେବ ପ୍ରଦୂଷିତ ହେଉଛି। କାଉଡ଼ିଆଙ୍କ ପାଇଁ ଖୋଲିଥିବା ଦୋକାନ ଓ ଆଶ୍ରୟ ସ୍ଥଳ ଏବଂ ମନ୍ଦିରରେ ବି ସେହି ଅବସ୍ଥା। ପଲିଥିନ୍, ପ୍ଲାଷ୍ଟିକ ସାମଗ୍ରୀ ସହିତ ଅନ୍ୟାନ୍ୟ ବର୍ଜ୍ୟବସ୍ତୁରେ ସବୁ ସ୍ଥାନ ପୂରି ରହିଛି। ସେହିପରି ବହୁ ବୋଲବମ୍ ଭକ୍ତ ଡିଜେ ବଜାଇ ବାଟ ଚାଲୁଥିବାରୁ ଶବ୍ଦ ପ୍ରଦୂଷଣ ସୃଷ୍ଟି ହେଉଛି। ଏଥିପାଇଁ ସମସ୍ତେ ସଚେତନ ହେବା ଉଚିତ୍। ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅଳିଆ ପକାଯାଉ। ଆବର୍ଜନା ପଡୁଥିବା ଅଞ୍ଚଳକୁ ଚିହ୍ନଟ କରି ପଞ୍ଚାୟତ ଓ ପୌରାଞ୍ଚଳ ପକ୍ଷରୁ ଡଷ୍ଟବିନ ରଖନ୍ତୁ। ପରିବେଶ ପ୍ରଦୂଷଣକୁ ରୋକିବାକୁ ସ୍ୱେଚ୍ଛାସେବୀ ସଙ୍ଗଠନ, ପୋଲିସ ଓ ପ୍ରଶାସନ ସ୍ୱତନ୍ତ୍ର ନଜର ରଖିବା ଦରକାର। ଧାର୍ମିକ ପରିବେଶରେ ଡିଜେ ବ୍ୟବହାରକୁ ବାରଣ କରାଯାଉ। ବିଶେଷକରି ସମସ୍ତେ ସଚେତନ ରହିଲେ ଏପରି ପ୍ରଦୂଷଣକୁ ରୋକାଯାଇପାରିବ।

**- ଡ. କୈଳାସ ବାଣ୍ଡ, ଅବସରପ୍ରାପ୍ତ ଓଡ଼ିଆ ପ୍ରାଧାପକ, ନୟାଗଡ଼**

## ସରକାର ପ୍ରତିକାର ବ୍ୟବସ୍ଥା କରନ୍ତୁ



ପୌରାଣିକ ଯୁଗରୁ ବୋଲ୍‌ବମ୍ ପରମ୍ପରା ଚାଲି ଆସୁଛି। ଭକ୍ତମାନଙ୍କ ମଧ୍ୟରେ ଏଥିପାଇଁ ଉତ୍ସାହ ରହିଛି। ତେବେ ଏହି ସମୟରେ ନଦୀନାଳ, ପୋଖରୀ, ଶୈବପୀଠ ଓ ରାସ୍ତାଘାଟରେ ଉତ୍କଟ ପ୍ରଦୂଷଣ ସୃଷ୍ଟି ହେଉଛି। ଏପରି କି ଜଳଉତ୍ସଗୁଡ଼ିକରେ ବିଭିନ୍ନ ସାମଗ୍ରୀ ପଡ଼ି ପ୍ରଦୂଷିତ ହୋଇଥିବାରୁ ଶିବଙ୍କ ଲିଙ୍ଗରେ ଢାଳିବାକୁ ନିର୍ମଳ ଜଳ ମିଳିବା କଷ୍ଟକର ହେଉଛି। ତେଣୁ ସରକାର ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରନ୍ତୁ। ସମସ୍ତେ ପ୍ରଦୂଷଣ ରୋକିବା ପାଇଁ ସଚେତନ ରୁହନ୍ତୁ। ରାସ୍ତାରେ ଦଳ ଦଳ ହୋଇ ଆସୁଥିବା ବୋଲ୍‌ବମ୍ ଯାତ୍ରୀଙ୍କ ପାଇଁ ଦୁର୍ଘଟଣା ରୋକିବା ପାଇଁ ପୋଲିସ ବିହିତ ପଦକ୍ଷେପ ନେବା ଜରୁରୀ। କାଉଡ଼ିଆଙ୍କ ପାଇଁ ବିଭିନ୍ନ ସ୍ଥାନରେ ଛାମୁଡ଼ିଆ ବ୍ୟବସ୍ଥା ସହିତ ବର୍ଜବସ୍ତୁ ପକାଇବା ପାଇଁ ଡଷ୍ଟବିନ୍‌ର ବ୍ୟବସ୍ଥା ହେବା ଦରକାର।

**- ମାନସ ରଞ୍ଜନ ସାମଲ, ଆଇନଜୀବୀ, ଯାଜପୁର ରୋଡ଼**

## ବାହାରେ ଫିଙ୍ଗୁଛନ୍ତି ପ୍ଲାଷ୍ଟିକ୍ ସାମଗ୍ରୀ, ପଲିଥିନ



ବର୍ତ୍ତମାନ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଶ୍ରାବଣ ମାସ ସୋମବାର ବିଭିନ୍ନ ଶୈବପୀଠରେ ଜଳଲାଗି ପାଇଁ ଭିଡ଼ କରୁଛନ୍ତି। କିନ୍ତୁ ମହାଦେବଙ୍କୁ ଜଳଲାଗି କରିସାରିଲା ପରେ ମାଟି କଳସ, ପ୍ଲାଷ୍ଟିକ୍ କଳସ, ବାହୁଙ୍ଗିରେ ଲାଗିଥିବା ପ୍ଲାଷ୍ଟିକ୍ ସାମଗ୍ରୀ, ପଲିଥିନ ସମେତ ସାଲୁ କପଡ଼ା ଓ ସବୁ ବାହାରେ ଫିଙ୍ଗିଦେଉଛନ୍ତି। ସେଗୁଡିକ ଗଦା ହୋଇ ରହୁଛି। ଏଗୁଡିକୁ ଉପଯୁକ୍ତ ସ୍ଥାନକୁ ସ୍ଥାନାନ୍ତର ସହ ଠିକ୍ ପରିଚାଳନା ଅଥବା ନଷ୍ଟ କରାଯାଉ ନ ଥିବାରୁ ପରିବେଶ ପ୍ରଦୂଷିତ ହେଉଛି। ପରିବେଶ ସୁରକ୍ଷା ପ୍ରତି ଆମ ପ୍ରତ୍ୟେକଙ୍କ ଗୁରୁଦାୟିତ୍ୱ ରହିଛି। ବୋଲବମ ଭକ୍ତ ହୁଅନ୍ତୁ କିମ୍ବା ସରକାର ପ୍ରତ୍ୟେକ ଏଥିପ୍ରତି ଯତ୍ନବାନ୍ ହେବା ଜରୁରୀ ହୋଇପଡିଛି। ତେଣୁ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇବା ପାଇଁ ମିଳିତ ଭାବେ ପରିବେଶ ସୁରକ୍ଷା ଦିଗରେ କାମ କରିବାକୁ ହେବା

**- ପ୍ରଦୀପ୍ତ ସାହୁ, ପୂର୍ବତନ ପାରିଷଦ, ଜଗତ୍‌ସିଂହପୁର**

## ସଚେତନ ହେବାର ବେଳ



ଅନେକ ସମୟରେ କାଉଡିଆମାନଙ୍କ ଦ୍ୱାରା ବ୍ୟବହୃତ ପ୍ଲାଷ୍ଟିକ୍ ଉପକରଣ ଓ ଅନ୍ୟାନ୍ୟ ସାମଗ୍ରୀ ପରିବେଶ ପ୍ରଦୂଷଣର କାରଣ ପାଲଟୁଥିବା ଦେଖିବାକୁ ମିଳୁଛି। ମନ୍ଦିର ପରିସର, ନଦୀ, ନାଳ ପ୍ରଦୂଷିତ ହେବା ଦେଖାଯାଉଛି। ଏଥିପ୍ରତି କାଉଡିଆ ଭାଇମାନେ ସଚେତନ ହେବାର ଆବଶ୍ୟକତା ରହିଛି। ଶ୍ରାବଣ ମାସରେ ଶିବଙ୍କୁ ଜଳ ଅର୍ପଣକଲେ ପୁଣ୍ୟ ମିଳୁଥିବା ବିଶ୍ୱାସ କରାଯାଏ। ତେବେ ଆମ ସମାଜରେ ନଦୀ ଓ ବୃକ୍ଷକୁ ବି ଦେବତା ଭାବେ ଗଣାଯାଏ। ପ୍ରଦୂଷଣମୁକ୍ତ ନଦୀରୁ ବୃକ୍ଷ ଦେବତାଙ୍କୁ ଜଳ ଅର୍ପଣ କରି ଜଙ୍ଗଲ ବଞ୍ଚାଇବା ଆହ୍ୱାନ ପାଲଟିଛି। ଏ ଦିଗରେ ସଚେତନ ହେଲେ ସମସ୍ତଙ୍କର ମଙ୍ଗଳ ହେବ।

**- କୁଳମଣି ସାହୁ, ଆବାହକ, ଜିଲା ଜଙ୍ଗଲ ସୁରକ୍ଷା ପରିଚାଳନା ଫୋରମ, ବଲାଙ୍ଗୀର**

## ବର୍ଜ୍ୟବସ୍ତୁର ସୁପରିଚାଳନା କଲେ ପରିବେଶ ସୁସ୍ଥ ରହିବ



କାଉଡ଼ିଆମାନେ ପତ୍ରପୁଷ୍ପ ଆଦି ପୂଜା ସାମଗ୍ରୀ ସହିତ ପାତ୍ରରେ ଜଳ ଧରି ଶିବଙ୍କ ଆରାଧନା ପାଇଁ ମନ୍ଦିରରେ ପହଞ୍ଚି ସମସ୍ତଙ୍କ ହୃଦୟରେ ଧାର୍ମିକ ଭାବନା ଜାଗ୍ରତ କରିଥାନ୍ତି। ପତ୍ର ପୁଷ୍ପ ଆଦି ଜୈବିକ ପଦାର୍ଥ ଜୈବକ୍ଷୟକ୍ଷମ କିନ୍ତୁ ପ୍ଲାଷ୍ଟିକ ନିର୍ମିତ ପଦାର୍ଥ ସହଜରେ ମୃତ୍ତିକାରେ ମିଶି ନଥାଏ ତେଣୁ ତାହା ଜୈବକ୍ଷୟ ଅକ୍ଷମ। ପଲିଥିନ, ପ୍ଲାଷ୍ଟିକ ବୋତଲ ଆଦି ମାଟିରେ ଧୀରେ ଧୀରେ ମିଶିଥାଏ। ସେଥିରୁ ଉତ୍ପନ୍ନ ମାଇକ୍ରୋପ୍ଲାଷ୍ଟିକ ଜୀବମାନଙ୍କର ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରି ସମଗ୍ର ଜୀବ ଜଗତର କ୍ଷତି ଘଟାଇଥାଏ। ଜଳର ନିମ୍ନସ୍ତରରେ ଏହା ଜମି ରହିଲେ ଜଳ ଭୂତଳ ଜଳସ୍ତର ବୃଦ୍ଧି କରିବାରେ ବାଧା ସୃଷ୍ଟି କରିଥାଏ। ତେଣୁ ପ୍ରାକୃତିକ ସୌନ୍ଦର୍ଯ୍ୟ ବଜାୟ ରଖିବା ପାଇଁ ସମସ୍ତ ଦେବାଳୟଗୁଡ଼ିକରେ ବର୍ଜ୍ୟବସ୍ତୁର ସୁପରିଚାଳନା କଲେ ପରିବେଶର କୌଣସି କ୍ଷତି ହେବ ନାହିଁ।

**- ସଞ୍ଜୟ ଖମାରୀ, ପରିବେଶବିତ୍, ବରଗଡ଼**

## ସେବା ଯୋଗାଉଥିବା ସଂସ୍ଥା ପରିଚ୍ଛନ୍ନ କରିବା ଆବଶ୍ୟକ



ଶ୍ରାବଣ ମାସରେ ବିଭିନ୍ନ ଶୈବପୀଠରେ ଜଳାଭିଷେକ ପାଇଁ କାଉଡ଼ିଆଙ୍କ ଭିଡ଼ ଜମୁଛି। ବୋଲବମ୍ ଭକ୍ତଙ୍କୁ ସେବା ଯୋଗାଇବା ପାଇଁ ବିଭିନ୍ନ ସଂସ୍ଥା ପକ୍ଷରୁ ରାସ୍ତା ପାର୍ଶ୍ୱରେ, ମନ୍ଦିର ନିକଟରେ ପ୍ରସାଦ ସେବନ, ପାଣି ବୋତଲ ବ୍ୟବସ୍ଥା କରାଯାଉଛି। ହେଲେ ପ୍ରସାଦ ସେବନ ପରେ ଖଲି, ଦନା, ପାଣି ବୋତଲ ଉଚିତ୍ ସ୍ଥାନରେ ନ ଫିଙ୍ଗି ଏଣେତେଣେ ଫୋପାଡି ଚାଲିଯାଉଥିବାରୁ ରାସ୍ତା କଡ଼ ଏବଂ ପୀଠ ଅଞ୍ଚଳ ପ୍ରଦୂଷିତ ହେଉଛି। ତେଣୁ ସେବା ଯୋଗାଉଥିବା ସଂସ୍ଥା, ମନ୍ଦିର ପରିଚାଳନା କମିଟି ଏହାକୁ ସଫାସୁତରା କରିବା ଆବଶ୍ୟକ।

**- ମାନସ ରଞ୍ଜନ ନାୟକ, ବ୍ୟବସାୟୀ, ରାୟଗଡ଼ା**

## ଆଇନ ଭାଙ୍ଗୁଛନ୍ତି ଅମାନିଆ ଭକ୍ତ



ପ୍ରତିବର୍ଷ ଶ୍ରାବଣ ମାସର ପ୍ରତିଟି ସୋମବାର ରାଜ୍ୟ ଓ ରାଜ୍ୟ ବାହାରୁ ଅନେକ ହଜାର ସଂଖ୍ୟାରେ କାଉଡ଼ିଆ ଭକ୍ତ ଜଳ ନେଇ ଏକାମ୍ର କ୍ଷେତ୍ରର ଆରାଧ ଦେବତା ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୀଠକୁ ଆସିଥାନ୍ତି। ସେଥିମଧ୍ୟରୁ ଅନେକ ଭକ୍ତ ସାଥିରେ ପ୍ଲାଷ୍ଟିକ୍ କଳସ, ପଲିଥିନ୍ ଜରିରେ ଭୋଗ, ଶିକା କାଟିବା ପାଇଁ ଧାରୁଆ ବ୍ଲେଡ୍, ଛୁରି ଓ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ(ଗଞ୍ଜେଇ, ଗୁଟ୍‌ଖା, ପାନ, ବିଡ଼ି, ସିଗାରେଟ୍ )ଆଦି ଅଣ୍ଟାରେ ଖୋସି ମନ୍ଦିର ଭିତରକୁ ଅତି ସହଜରେ ପ୍ରବେଶ କରିଥାନ୍ତି। ପ୍ରତିବର୍ଷ ମନ୍ଦିରର କର୍ତ୍ତୃପକ୍ଷ ଏ ନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରିକରିଥାନ୍ତି। ସବୁ ପରେ ବି କେତେଜଣ ଅମାନିଆ ଭକ୍ତ ଆଇନକୁ ଭାଙ୍ଗୁଛନ୍ତି। ପ୍ଲାଷ୍ଟିକ୍ ବ୍ୟବହାର ଉପରେ ସରକାର କଟକଣା ଜାରି କରିଥିଲେ ସୁଦ୍ଧା ଧାର୍ମିକ ସ୍ଥଳଗୁଡ଼ିକରେ ଏହି କଟକଣାକୁ ଅଧିକ କଡ଼ାକଡ଼ି କରନ୍ତୁ।

**- ସୁଶାନ୍ତ ସାହୁ, ପରିବେଶ କର୍ମୀ, ଭୁବନେଶ୍ୱର**

## ମନ୍ଦିର ପ୍ରଶାସନ ପାରିପାର୍ଶ୍ୱିକ ପରିବେଶ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଅନ୍ତୁ



ଶ୍ରାବଣ ମାସରେ ମହାଦେବଙ୍କୁ ସନ୍ତୁଷ୍ଟ କରିବା ଲାଗି ବର୍ଷରେ ଥରେ ଶିବଭକ୍ତ ନିଷ୍ଠାର ସହ ନିଜ ନିଜର ମନସ୍କାମନାକୁ ମହାଦେବଙ୍କୁ ଜଣାଇବା ନିମନ୍ତେ କଠୋର ନିୟମ ପାଳନ କରି ପାଦରେ ଚାଲି ଚାଲି ବିଭିନ୍ନ ଶୈବପୀଠରେ ପହଞ୍ଚନ୍ତି। କିନ୍ତୁ ବିଡମ୍ବନା ଏହା ଯେ ମନ୍ଦିର ପ୍ରଶାସନ ହେଉ କିମ୍ବା ସ୍ଥାନୀୟ ପ୍ରଶାସନ ମନ୍ଦିରର ପାରିପାର୍ଶ୍ୱିକ ପରିବେଶ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉନାହାନ୍ତି। କିନ୍ତୁ ଏହା ପରିବର୍ତ୍ତେ ବିଭିନ୍ନ ମନ୍ଦିରରେ କାଉଡିଆଙ୍କ ଠାରୁ ଶୁଳ୍କ ଆଦାୟ କରିବାକୁ ମଧ ପଛାଉନାହାନ୍ତି।

**- ଜୀବନ ଜ୍ୟୋତି କୁଅଁର, ଛାତ୍ର, ଭୁବନେଶ୍ୱର**

## କାଉଡ଼ିଆଙ୍କୁ ସଚେତନ କରାଯାଉ



ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାରକୁ ନିଷେଧ କରାଯାଇଥିଲେ ମଧ ଶ୍ରାବଣୀ ଭାରରେ ପ୍ଲାଷ୍ଟିକ ପାତ୍ର, ଫୁଲ, ପଲିଥିନ ବ୍ୟବହାର କରାଯାଉଛି। ଏହାଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି। ପ୍ରଶାସନ ଏଥିପ୍ରତି ସଜାଗ ହେବା ଆବଶ୍ୟକ। ମନ୍ଦିର ଭିତରକୁ ପଲିଥିନ, ପ୍ଲାଷ୍ଟିକ ନେବା ଉପରେ ମନ୍ଦିର କମିଟି ଓ ପ୍ରଶାସନ ପକ୍ଷରୁ କଟକଣା ରହୁ। କାଉଡ଼ିଆଙ୍କୁ ପୂର୍ବରୁ ଏନେଇ ସଚେତନ କରାଯାଉ। ମନ୍ଦିରଠାରୁ ଅନତି ଦୂରରେ ସବୁ ବର୍ଜ୍ୟବସ୍ତୁକୁ ନଷ୍ଟ କରିବା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ।

**- ନିରନ ନାୟକ, ପରିବେଶବିତ୍, ଭଦ୍ରକ**

## ରୋବୋଟିକ୍ ନୀ ରିପ୍ଲେସମେଣ୍ଟ ଦ୍ୱାରା ନିଖୁଣ ଅସ୍ତ୍ରୋପଚାର ଓ ଯନ୍ତ୍ରଣାମୁକ୍ତ ଜୀବନ ସମ୍ଭବ



**ଡା. ପି.ସି. ଦେ**
ପ୍ରଫେସର,
ଅସ୍ଥିଶଲ୍ୟ ବିଭାଗ,
କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍,
ଭୁବନେଶ୍ୱର

ଉତ୍କଟ ଆଣ୍ଠୁ ବାତ ଏବଂ ପୁରୁଣା ଗଣ୍ଠି ବ୍ୟଥାରେ ପୀଡ଼ିତ ଲୋକମାନଙ୍କ ପାଇଁ ଟୋଟାଲ୍ ନୀ ରିପ୍ଲେସମେଣ୍ଟ (ଟିକେଆର୍) ଦୀର୍ଘ ସମୟ ଧରି ଏକ ଭରସାଯୋଗ୍ୟ ସମାଧାନ ରହିଆସିଛି । ଆଜି ରୋବୋଟିକ୍-ଆସିଷ୍ଟେଡ୍ ଅସ୍ତ୍ରୋପଚାର ଦ୍ୱାରା ଏହି ପ୍ରକ୍ରିଆ ଆହୁରି ଉନ୍ନତ ଏବଂ ନିର୍ଭୁଲ ହୋଇପାରିଛି । ଏଥିରେ ସବ୍-ମିଲିମିଟର ନିର୍ଭୁଲତା ସହ ପ୍ରତିରୋପଣ ସ୍ଥାପନ କରିବା ସମ୍ଭବ ହୋଇପାରିଥାଏ, ଯାହା ବିଏମ୍‌ସି ସର୍ଜରୀ ଏବଂ ନେଚର୍ ଡିଜିଟାଲ ମେଡିସିନରେ ପ୍ରକାଶିତ କ୍ଲିନିକାଲ ଅଧ୍ୟୟନ ଦ୍ୱାରା ସମର୍ଥିତ ।

ରୋବୋଟିକ୍ ଟୋଟାଲ୍ ନୀ ରିପ୍ଲେସମେଣ୍ଟରେ, ଏକ ବିଶେଷ ରୋବୋଟିକ୍ ପ୍ରଣାଳୀ ଶଲ୍ୟ ଚିକିତ୍ସକଙ୍କୁ ଅତୁଳନୀୟ ସୂକ୍ଷ୍ମତା ସହିତ ଅସ୍ତ୍ରୋପଚାର ଯୋଜନା ପ୍ରସ୍ତୁତ କରିବା ଓ ତାହାକୁ ସମ୍ପାଦନ କରିବାରେ ସହାୟତା କରିଥାଏ । ଲୋକମାନଙ୍କ ମଧ୍ୟରେ ରହିଥିବା ଧାରଣାର ବିପରୀତ, ରୋବୋଟ୍ ସ୍ୱାଧୀନ ଭାବେ ଅସ୍ତ୍ରୋପଚାର ସଞ୍ଚାଳନ କରି ନ ଥାଏ, ବରଂ ତାହା ଏକ ଅତି ନିଖୁଣ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିଥାଏ ଓ ଶଲ୍ୟ ଚିକିତ୍ସକଙ୍କୁ ଯୋଜନା ଅନୁଯାୟୀ ଅବିକଳ ରୂପେ ପ୍ରତିରୋପଣକୁ ସ୍ଥାପନ କରିବାରେ ସାହାଯ୍ୟ କରିଥାଏ ।

ରୋବୋଟିକ୍ ଟିକେଆର୍‌ର ଏକ ମୁଖ୍ୟ ଲାଭ ହେଉଛି ବ୍ୟକ୍ତିକରଣ । ପ୍ରତ୍ୟେକ ଆଣ୍ଠୁ ଭିନ୍ନ ହୋଇଥାଏ; ଏବଂ ୩ଡି ଇମେଜିଂ ସହାୟତାରେ ରୋବୋଟିକ୍ ପ୍ରଣାଳୀ ପ୍ରତ୍ୟେକ ରୋଗୀଙ୍କ ଅନନ୍ୟ ଶାରୀରିକ ଗଠନକୁ ସୁହାଉଥିବା ଏକ ଯୋଜନା ପ୍ରସ୍ତୁତ କରିଥାଏ । ଏହାଦ୍ୱାରା ଉତ୍ତମ ଆଲାଇନମେଣ୍ଟ, ଗଣ୍ଠି କାର୍ଯ୍ୟକ୍ଷମତାରେ ଉନ୍ନତି ଏବଂ ଅସ୍ତ୍ରୋପଚାର ପରେ ଶ୍ରେୟସ୍କର ରୋଗୀ ସନ୍ତୁଷ୍ଟି ସୁନିଶ୍ଚିତ ହୋଇଥାଏ ।

ରୋଗୀମାନେ ପ୍ରାୟତଃ କମ୍ ଯନ୍ତ୍ରଣା, ଦ୍ରୁତ ଆରୋଗ୍ୟତା ଏବଂ ଅଧିକ ପ୍ରାକୃତିକ ଲାଗୁଥିବା ଆଣ୍ଠୁର ଅନୁଭୂତି ପାଇଥାନ୍ତି । ଏହି ପ୍ରଯୁକ୍ତି ପ୍ରତିରୋପଣ ଶୀଘ୍ର କ୍ଷତିଗ୍ରସ୍ତ ହେବା ଏବଂ ସ୍ୱାସ୍ଥ୍ୟ ଜଟିଳତାର ଆଶଙ୍କାକୁ ମଧ ହ୍ରାସ କରିଥାଏ । ତେଣୁ, ଏହାକୁ ଉଭୟ ଯୁବ ଏବଂ ବୟସ୍କ ରୋଗୀଙ୍କ ପାଇଁ ଏକ ଭରସାଯୋଗ୍ୟ ବିକଳ୍ପ କୁହାଯାଇପାରିବ ।

ଉତ୍କଟ ଅଷ୍ଟିଓଆର୍ଥ୍ରାଇଟିସ୍, ପୁରୁଣା ଆଣ୍ଠୁଗଣ୍ଠି ବାତ କିମ୍ବା ପୂର୍ବବର୍ତ୍ତୀ ଆଣ୍ଠୁ ଆଘାତ ଭୋଗୁଥିବା ରୋଗୀ କିମ୍ବା ଅସ୍ତ୍ରୋପଚାର ପରେ ମଧ ଉପଶମ ପାଇ ନ ଥିବା ରୋଗୀଙ୍କ ପାଇଁ ରୋବୋଟିକ୍ ଟିକେଆର୍ ଉପଯୁକ୍ତ ସାବ୍ୟସ୍ତ ହୋଇଥାଏ । ଯଦି ଆପଣ ଦୀର୍ଘ ସମୟ ଧରି ଯନ୍ତ୍ରଣା ସହ ଜୀବନ ଯାପନ କରିଆସୁଛନ୍ତି, ତେବେ ଏହି ବିକଳ୍ପ ହିଁ ଯନ୍ତ୍ରଣାମୁକ୍ତ ଜୀବନ ପାଇଁ ଆପଣଙ୍କ ପ୍ରତୀକ୍ଷାର ଅନ୍ତ ଘଟାଇବ ବୋଲି ଆମର ବିଶ୍ୱାସ ।

ଆଜି, ବିଶେଷକରି ଆଣ୍ଠୁ ଓ ଅଣ୍ଟାର ଗଣ୍ଠି ପ୍ରତିବଦଳ ପ୍ରକ୍ରିୟା ଅଧିକ ନିରାପଦ, ଅଧିକ ନିଖୁଣ ଏବଂ କମ୍ ଭୀତିପୂର୍ଣ୍ଣ ହୋଇଯାଇଛି । ଚିକିତ୍ସା ପ୍ରଯୁକ୍ତିରେ ଘଟିଥିବା ଅଗ୍ରଗତି ଏବଂ ନ୍ୟୂନତମ କଟାକଟି ଆବଶ୍ୟକ କରୁଥିବା ଅସ୍ତ୍ରୋପଚାର କୌଶଳ କାରଣରୁ ରୋଗୀମାନେ ଶୀଘ୍ର ଆରୋଗ୍ୟ ଲାଭ କରିବା, କମ୍ ଯନ୍ତ୍ରଣାର ସମ୍ମୁଖୀନ ହେବା ଏବଂ ସ୍ୱାଭାବିକ ଦୈନନ୍ଦିନ ଜୀବନକୁ ଫେରିବାର ଆଶା ରଖିପାରିବେ । ତାହା ଅସହଜତା ବିନା ଚଲାବୁଲା କରିବା ହେଉ, ସହଜରେ ଶିଡି ଚଢ଼ିବା ହେଉ କିମ୍ବା ଦୈନନ୍ଦିନ କାର୍ଯ୍ୟକଳାପକୁ ଉପଭୋଗ କରିବା ହେଉ - ଗଣ୍ଠି ପ୍ରତିବଦଳ ଆପଣଙ୍କୁ ଦେଇଥାଏ ନବୀକୃତ ସ୍ୱାଧୀନତା ଏବଂ ଚଳପ୍ରଚଳ ସାମର୍ଥ୍ୟ । ପୁରୁଣା ଗଣ୍ଠି ବ୍ୟଥା ଭୋଗୁଥିବା ଲୋକମାନେ ଏହି ଆଧୁନିକ ଚିକିତ୍ସା ବିକଳ୍ପଗୁଡ଼ିକୁ ବିଚାରକୁ ନେବା ପରାମର୍ଶଯୋଗ୍ୟ, ଯାହା ସେମାନଙ୍କର ଚଳପ୍ରଚଳ ହେବାର ସାମର୍ଥ୍ୟ ସହିତ ସାମଗ୍ରିକ ଜୀବନ ମାନକୁ ଉନ୍ନତ କରିବାରେ ସହାୟକ ହୋଇପାରିବ ।

*(ଦାବିତ୍ୟାଗ: ଆଲେଖ୍ୟରେ ଅଭିବ୍ୟକ୍ତ କରାଯାଇଥିବା ଦୃଷ୍ଟିକୋଣ/ପ୍ରସ୍ତାବ/ମତାମତ ପାଇଁ ଏକାକୀ ବିଶେଷଜ୍ଞ ଦାୟୀ ଅଟନ୍ତି)*

**CENTRAL UNIVERSITY OF ODISHA, KORAPUT**
(Established Under the Central Universities Act, 2009)
Dept. of Higher Education, Ministry of Education, Govt. of India
NAD, Sunabeda, Dist-Koraput, Odisha. PIN-763004
Website: www.cuo.ac.in

**ADMISSION NOTIFICATION FOR M.SC. IN BIODIVERSITY AND CONSERVATION OF NATURAL RESOURCES**

Activity Schedule :

| | |
|---|---|
| Date & Time for Reporting: | 28.07.2025 (9.30 AM to 10:30 AM) |
| Date & Time for Document Verification | 28.07.2025 (10.30 AM to 11:30 AM) |
| Date & Time for Entrance Examination | 28.07.2025 (11.30 AM to 12.30 PM) |
| Date & Time for Publication of Result & Merit List | 28.07.2025 (by 2.30 PM) |
| Date & Time for Admission | 28.07.2025 (2.30 PM onwards) |

For more details please visit our website(s): www.cuo.ac.in
For any query: Contact No. 9439185655 / 9668887305 / 8144744270
Email: admission@cuo.ac.in

Sd/-
Controller of Examinations

**TPCODL | TPNODL | TPSODL | TPWODL**
(Joint Ventures of Tata Power and Government of Odisha)

**PUBLIC NOTICE**

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.

ବିଶୃଙ୍ଖଳା ଓ ଅନ୍ଧକାର ମଧ୍ୟରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ସଂପୂର୍ଣ୍ଣ ଭାବେ ଶାନ୍ତ ଓ ଧୀରସ୍ଥିର ହୋଇ ରହିବା ଏବଂ ଝଡଝଞ୍ଜାକୁ ବାଟ ଛାଡିଦେବା। -ଶ୍ରୀମା

-ଚିତାଲାଗି ଅମାବାସ୍ୟା, ଚନ୍ଦ୍ର କ୍ଷୟ, ନିଶିପାଳନ, ହଳ ନିଷେଧ



# ଲିପିର କ୍ରମବିକାଶ



ଦେବଦତ୍ତ ପଟ୍ଟନାୟକ

ଆମେ ଯେତେବେଳେ ଅନ୍ୟଜଣଙ୍କ ସହ ଯୋଗାଯୋଗ କରୁ ସେତେବେଳେ ଶବ୍ଦ ବ୍ୟବହାର କରିଥାଉ, ଯାହାକୁ କଥା ବା ଭାଷା ବୋଲି କହୁ। ସେହିପରି ଆମେ ଯେତେବେଳେ ଲେଖା ମାଧ୍ୟମରେ ଯୋଗାଯୋଗକରୁ ସେତେବେଳେ ତାହାକୁ ଲିପି କହିଥାଉ। ବିଶ୍ୱରେ ବିଭିନ୍ନ ଅଞ୍ଚଳରେ ରହୁଥିବା ଭିନ୍ନ ଭିନ୍ନ ଭାଷାଭାଷୀ ଲୋକଙ୍କ ମଧ୍ୟରେ ବିଭିନ୍ନ ଲିପି ଅଛି। ସେଗୁଡ଼ିକ କ'ଣ ଚିତ୍ରାକ୍ଷର ନା ଅକ୍ଷର। ସେଗୁଡ଼ିକ କ'ଣ ବ୍ୟଞ୍ଜନବର୍ଣ୍ଣ ଓ ସ୍ୱରବର୍ଣ୍ଣ? ଲେଖାର ଲକ୍ଷ୍ୟ କ'ଣ ଓ ଏହା କେମିତି ବିକାଶ ହୋଇଛି? ଗ୍ରୀସ୍‌ର ମେସୋପଟାମିଆ (ଏବର ଇରାକ୍)ସଭ୍ୟତା ସବୁଦିଗରୁ ସମୃଦ୍ଧ ଥିଲା। ସେଠାକାର ବାସିନ୍ଦା ସୁମେରୀୟମାନେ ପ୍ରାୟ ଖ୍ରୀଷ୍ଟପୂର୍ବ ୩୩୦୦ରେ ଲେଖାଶୈଳୀ ଉଦ୍ଭାବନ କରିଥିଲେ। ସେତେବେଳେ ସେମାନେ କୀଳକ ଲିପି ବ୍ୟବହାର କରୁଥିଲେ। ସ୍ଲେଟ୍ ଭଳି ମାଟି ଖଣ୍ଡ ଉପରେ ମୁନିଆ ଲେଖନୀରେ ସାଙ୍କେତିକ ଚିହ୍ନ ଭଳି ଲେଖୁଥିଲେ, ଯାହାକୁ କୁହାଯାଉଛି କୀଳକ ଲିପି। ଏଗୁଡ଼ିକ ପ୍ରଥମେ ଚିତ୍ର ଆଧାରିତ(ଇମୋଜି)ଥିଲା। ତା'ପରେ ଇଜିପ୍ଟର ସ୍ୱଷ୍ଟ ଚିତ୍ରାକ୍ଷର ଲେଖା ସାମ୍ନାକୁ ଆସିଥିଲା। ଏଗୁଡ଼ିକ ମଧ୍ୟ ସାଙ୍କେତିକ ଚିହ୍ନ ଥିଲା। ତା' ପରେ ଆସିଲା ଚାଇନା ଲୋକଙ୍କ ଲେଖାଶୈଳୀ ଏବଂ ଏହା ମଧ୍ୟ ସାଙ୍କେତିକ ଚିତ୍ରଲିପି ଥିଲା। ବାସ୍ତବରେ ଏଗୁଡ଼ିକ ଉପରୁ ତଳ ଆଡ଼କୁ ଲେଖାଯାଉଥିଲା। ପରେ ଇଜିପ୍ଟବାସୀ ଉଭୟ ଦିଗରୁ ଲେଖିପାରିଲେ। କୀଳକ ଲିପି ବାମରୁ ଡାହାଣକୁ ଲେଖାଯାଉଥିଲା।

ପାଖାପାଖି ଖ୍ରୀଷ୍ଟପୂର୍ବ ୨୮୦୦ରେ କୀଳକ ଲିପି ଅକ୍ଷରମାଳା(ସ୍ୱର ଉଚ୍ଚାରିତ ଶବ୍ଦାଂଶ) ପାଲଟିଲା ଏବଂ ଏଥିରେ ଅଧିକ ଶବ୍ଦ ଲେଖାଯାଇପାରିଲା। ଏହାର ମଧ୍ୟ ଆବଶ୍ୟକତା ଥିଲା, କାରଣ ଚିତ୍ରାକ୍ଷର ପାଇଁ କମ୍ ସୁଯୋଗ ରହିଥିଲା। ଅନେକ ଭାଷାରେ ଏହି କୀଳକ ଲିପି ବ୍ୟବହାର କରାଗଲା ଏବଂ ମେସୋପଟାମିଆ, ବାବିଲୋନ ଏବଂ ପାରସ୍ୟର ରାଜାମାନଙ୍କ ଦ୍ୱାରା ଏହି ଭାଷା ବ୍ୟବହାର କରାଯାଉଥିଲା।

ସୁମେରୀୟମାନଙ୍କ ସହ ହରପ୍ପା ସଭ୍ୟତାର ଲୋକମାନେ ବାଣିଜ୍ୟ କରୁଥିଲେ। କିନ୍ତୁ ହରପ୍ପାବାସୀ କୀଳକ ଲିପିକୁ



ଗ୍ରହଣ କରି ନ ଥିଲେ। ହରପ୍ପାର ଲିପି ସମ୍ଭବତଃ ଏକ ପ୍ରକାର ଛିତ୍ରାକ୍ଷର ବା ସାଙ୍କେତିକ ଚିହ୍ନ ଥିଲା, ଯଦିଓ ଅନେକ ଐତିହାସିକ ଏହା ସହ ଏକମତ ନୁହନ୍ତି। ହରପ୍ପାରୁ ମିଳିଥିବା ସିଲ୍ ବା ମୋହରରୁ ଜଣାପଡ଼େ, ହରପ୍ପା ଲିପି ଡାହାଣରୁ ବାମକୁ ଲେଖାଯାଉଥିଲା। ଏହାର ବାମରେ ଥିବା ଅଧିକ ସଙ୍କେତରୁ ଏହି ସୂଚନା ମିଳେ। ତେବେ ମୋହର ଲଗାଇବା ପରେ ତାହାକୁ ବାମରୁ ଡାହାଣକୁ ପଢ଼ାଯାଉଥିଲା। ବଳଦ ଜମି ହଳ କଲାବେଳେ ଯେମିତି ଡାହାଣରୁ ବାମ ଓ ବାମରୁ ଡାହାଣକୁ ବୁଲେ, ସେହିଭଳି ବେଳେବେଳେ ଲିପି ଡାହାଣରୁ ବାମକୁ ଏବଂ ପରେ ବାମରୁ ଡାହାଣକୁ ଲେଖାଯାଉଥିଲା। ଏହି ପ୍ରକାର ଡାହାଣରୁ ବାମ ଓ ବାମରୁ ଡାହାଣ ଲେଖାକୁ ବିପରୀତ ଲେଖାଶୈଳୀ (ବୌଷ୍ଟ୍ରୋଫେଡନ) କୁହାଯାଏ।

ଆସନ୍ତୁ ଅକ୍ଷର ଓ ବର୍ଣ୍ଣ ଉଦ୍ଭାବନ ବିଷୟରେ ଆଲୋଚନା କରିବା। ଏବର ଲେବାନନ୍ ଏବଂ ଇସ୍ରାଏଲ ବାସିନ୍ଦା (ଫୋଏନିସିଆନ)ଙ୍କ ଦ୍ୱାରା ଖ୍ରୀଷ୍ଟପୂର୍ବ ୧୨୦୦ରେ ଅକ୍ଷର ଉଦ୍ଭାବନ ହୋଇଥିଲା। କିନ୍ତୁ ସେମାନେ କେବଳ ବ୍ୟଞ୍ଜନବର୍ଣ୍ଣ ଉଦ୍ଭାବନ କରିଥିଲେ। ଆରବରେ ବ୍ୟଞ୍ଜନବର୍ଣ୍ଣ ସହ ଏକ ଲିପି ଅଛି। ଏଥିରୁ ପ୍ରଥମେ ହିବ୍ରୁ ଓ ଆରାମାଇକ ହୋଇଛି। ପରେ ଏଥିରୁ ଆରବୀ ଓ ପାରସ୍ୟ ଲିପି ସୃଷ୍ଟି ହୋଇଥିଲା। ଏହା ସାଧାରଣତଃ ଡାହାଣରୁ ବାମକୁ ଲେଖାଯାଇଥାଏ। ସମ୍ଭବତଃ ଏହାକୁ ପ୍ରଥମେ ପଥର ଉପରେ ଛେଣି ଓ ହାତୁଡ଼ି ଦ୍ୱାରା ଖୋଦେଇ କରାଯାଉଥିଲା। ଖ୍ରୀଷ୍ଟପୂର୍ବ ୮୦୦ ପାଖାପାଖିରେ, ଗ୍ରୀକ୍‌ବାସୀ ସ୍ୱରବର୍ଣ୍ଣ ଉଦ୍ଭାବନ କଲେ। କୀଳକ ଲିପି ଭଳି ସେମାନେ ମଧ୍ୟ ବାମରୁ ଡାହାଣକୁ ଲେଖୁଥିଲେ। ଖ୍ରୀଷ୍ଟପୂର୍ବ ୩୨୬ରେ ଆଲେକଜାଣ୍ଡର ଯେତେବେଳେ ଭାରତ ଆକ୍ରମଣ କରିଥିଲେ ସେତେବେଳେ ଏହା ଭାରତକୁ ଆସିଥିଲା। ସ୍ୱରବର୍ଣ୍ଣ ହେଉଛି ଶବ୍ଦ ବା ଧ୍ୱନିର ସମାହାର, ଯାହା ସାଧାରଣତଃ ଭୋକାଲ କର୍ଡ ବା ସ୍ୱର ନଳୀ ଓ ପାଟି ଖୋଲିଲେ ଉତ୍ପନ୍ନ ହୋଇଥାଏ। ଅନ୍ୟପଟେ ବ୍ୟଞ୍ଜନବର୍ଣ୍ଣ ଧ୍ୱନି ସ୍ୱରତନ୍ତ୍ରୀ ଓ ପାଟି ବନ୍ଦ କରି ଉତ୍ପନ୍ନ ହୋଇଥାଏ। ସ୍ୱରଯୁକ୍ତ ଶବ୍ଦାଂଶଗୁଡ଼ିକ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣର ସମାହାର। ଉଦାହରଣ ସ୍ୱରୂପ ଇଂଲିଶ ଲିପିର ୨୧ଟି ବ୍ୟଞ୍ଜନବର୍ଣ୍ଣ ଏବଂ ଏ, ଇ, ଆଇ, ଓ, ୟୁ ଭଳି ୫ଟି ସ୍ୱରବର୍ଣ୍ଣ ଅଛି। ନାଗରି ଲିପିର ୩୪ ବ୍ୟଞ୍ଜନବର୍ଣ୍ଣ ଓ ୧୪ଟି ସ୍ୱରବର୍ଣ୍ଣ ରହିଛି। ତେବେ ଲିପିରେ ବର୍ଣ୍ଣ ସଂଖ୍ୟା ସ୍ଥିର ନୁହେଁ, ଏହା ପ୍ରତ୍ୟେକ ଭାଷାରୁ ଭାଷା ପରିବର୍ତ୍ତନ ହୋଇଥାଏ। ଏଥିରୁ ବୁଝାପଡୁଛି ଭାଷା ସଂସ୍କୃତି ଦ୍ୱାରା ପ୍ରଭାବିତ। ସବୁ ମଣିଷଙ୍କ ଭାଷା ଓ ସଂସ୍କୃତି ଥିଲେ ମଧ୍ୟ ଭାଷାର କିଛି ଆନୁବଂଶିକ ଆଧାର ରହିଥାଇପାରେ।

ଭାରତର ବ୍ରାହ୍ମି ଲିପିର ସ୍ଥାନ ସ୍ୱତନ୍ତ୍ର। ଏହା ଏକ ପୁରାତନ ଭାରତୀୟ ଲେଖା ବ୍ୟବସ୍ଥା। ଏହି ଲିପିରେ ସ୍ୱତନ୍ତ୍ର ଭାବେ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣ ଅଛି। ଏଥିରେ ମଧ୍ୟ ମାତ୍ରା ଓ ବ୍ୟଞ୍ଜନବର୍ଣ୍ଣ ଓ ସ୍ୱରବର୍ଣ୍ଣ ମିଶ୍ରିତ ଶବ୍ଦାବଳୀସବୁ ରହିଛି। ବ୍ରାହ୍ମିଲିପିରେ ସ୍ୱରବର୍ଣ୍ଣଗୁଡ଼ିକ ଗୋଲାକାର ଭାବେ ଯଥା ଉପର, ତଳ, ପୂର୍ବାପର ଭାବେ ବ୍ୟବସ୍ଥିତ ହୋଇଅଛି। ସେଗୁଡ଼ିକ ପ୍ରାରମ୍ଭିକ ବ୍ୟଞ୍ଜନବର୍ଣ୍ଣ ଦ୍ୱାରା ସଂଯୋଜିତ ହୋଇଛନ୍ତି। ଏହା ହିଁ ବ୍ରାହ୍ମିଲିପିର ବିଶେଷତା।

ଖ୍ରୀଷ୍ଟପୂର୍ବ ୨୫୦ରେ ବ୍ରାହ୍ମିଲିପି ପ୍ରଥମେ ଅଶୋକଙ୍କ ରାଜବିଜ୍ଞପ୍ତିରୁ ସାମ୍ନାକୁ ଆସିଥିଲା। ତେବେ ଊନବିଂଶ ଶତାବ୍ଦୀର ବିଦ୍ୱାନ୍‌ମାନେ ଏହାକୁ 'ପିନ୍ ମ୍ୟାନ୍' ଲିପି କହୁଛନ୍ତି। ଏହାର ୫୦ ବର୍ଷ ପରେ ଅର୍ଥାତ୍ ୩୦୦ ଶତାବ୍ଦୀରେ ବୌଦ୍ଧ ଧର୍ମଗ୍ରନ୍ଥ ଲଳିତବିସ୍ତର ସୂତ୍ର ରଚନା କରାଯାଇଥିଲା। କୁହାଯାଉଛି ଯେ, ବୁଦ୍ଧ ଜଣେ ଛାତ୍ର ଭାବେ ଅନେକ ଲିପି ଶିକ୍ଷା କରିଥିଲେ ଏବଂ ସେଗୁଡ଼ିକର ତାଲିକା ମଧ୍ୟରେ ବାହ୍ମିଲିପିର ସ୍ଥାନ ଥିଲା ପ୍ରଥମ। ହିନ୍ଦୁଧର୍ମରେ ବ୍ରହ୍ମାଙ୍କୁ ସୃଷ୍ଟିକର୍ତ୍ତା ଦେବତା ଭାବେ ସ୍ୱୀକାର କରାଯାଇଛି। ବ୍ରହ୍ମାଙ୍କ ସହ ବ୍ରାହ୍ମିର ସମ୍ପର୍କ ରହିଥିବାରୁ ପଣ୍ଡିତମାନେ ମୌର୍ଯ୍ୟ ଲିପିକୁ ବ୍ରାହ୍ମିଲିପି ଭାବେ ନାମିତ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। କୌତୂହଳର ବିଷୟ ହେଉଛି, ଦିଗମ୍ବର ଜୈନ ପୁରାଣ ଅନୁଯାୟୀ, ପ୍ରଥମ ତୀର୍ଥଙ୍କର ଋଷଭଦେବଙ୍କ ଝିଅ ବ୍ରାହ୍ମିଙ୍କୁ ଏହି ଲିପି ଲେଖା ଶିଖାଇଥିଲେ। ଏହି ତଥ୍ୟ ୯୦୦ ଶତାବ୍ଦୀର ଆଦି ପୁରାଣରୁ ଆସିଛି।

-devduttofficial@gmail.com

## ଅସହାୟ ବାନପ୍ରସ୍ଥି ଓ ଉତ୍ତରପିଢ଼ି



ଜଗନ୍ନାଥ ବେହେରା

ଆଜି ଭାରତରେ ଜନ୍ମିତ ଉତ୍ତର ପିଢ଼ିମାନେ ବୟସ୍କ ମାତାପିତାଙ୍କ ଦାୟିତ୍ୱ ବହନ କରିବାରେ କୁଣ୍ଠା ପ୍ରକାଶ କରୁଛନ୍ତି। ଏହା ବଡ଼ ବିଡ଼ମ୍ବନା । ଅନେକ ଲକ୍ଷ ବୃଦ୍ଧା ବୃଦ୍ଧ ସୁରକ୍ଷାରୁ ବଞ୍ଚିତ ହୋଇ ନିର୍ଯାତିତ ଜୀବନ କାଟୁଛନ୍ତି। ଅସହାୟ ବାନପ୍ରସ୍ଥିର ଅଶ୍ରୁ ପୋଛିବାକୁ କାହା ନିକଟରେ ଆଉ ସମୟ ନାହିଁ।

ଭାରତୀୟ ସଂସ୍କୃତି ଦିନେ ପିତା ଏବଂ ପୂର୍ବପୁରୁଷଙ୍କୁ ସ୍ୱର୍ଗ, ଧର୍ମ ଏବଂ ତପସ୍ୟାର ଆସନ ଦିଆଯାଇଥିଲା। ଜୀବିତ ହେଉ ବା ମୃତ ମାତାପିତାଙ୍କୁ ଦେବତା ପରି ପୂଜା କରାଯାଉଥିଲା। ମା' ଥିଲେ ସ୍ୱର୍ଗଠାରୁ ମହୀୟସୀ। ମଣିଷ ଜୀବନର ପାଞ୍ଚବିଧି ଋଣ ମଧ୍ୟରୁ ପିତୃ ଋଣ ଥିଲା ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ। ଆର୍ଯ୍ୟ ଭାରତର ଚତୁରାଶ୍ରମ ମଧ୍ୟରୁ ତୃତୀୟ ପର୍ଯ୍ୟାୟର ବାନପ୍ରସ୍ଥ ଜୀବନ ଥିଲା ସମସ୍ତଙ୍କର ପୂଜ୍ୟ ଏବଂ ବରେଣ୍ୟ। ବନପ୍ରସ୍ଥି ଅଭିଜ୍ଞ ମନ୍ତ୍ରଣା ଦ୍ୱାରା ରାଜ୍ୟ ବ୍ୟବସ୍ଥା, ସମାଜ ବ୍ୟବସ୍ଥା ଓ ପରିବାର ବ୍ୟବସ୍ଥା ସୁପରିଚରକ ହେଉଥିଲା।

ବୟସ୍କମାନଙ୍କ ମନ, ଚିନ୍ତା ଓ ଦୃଷ୍ଟିଭଙ୍ଗୀର ବ୍ୟାପକ ପରିବର୍ତ୍ତନ ଘଟିଛି। ସତ୍ୟ, ସରଳତା, ତ୍ୟାଗ ତୀତିକ୍ଷା, ଧୈର୍ଯ୍ୟ ଏବଂ ପ୍ରେମର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସେମାନେ। ଆମେ କିନ୍ତୁ ଆଜି ଏହା ବୁଝିବାରେ ଅସମର୍ଥ । ଆମ ବୁଦ୍ଧି ବିବେକ ଏବେ ଜେଲରେ ବନ୍ଦୀ। ଏବେ କିନ୍ତୁ ସେମାନେ ସମାଜର ଅଲୋଡ଼ା ଅଙ୍ଗ, ଯାହାଙ୍କ ପ୍ରତି ଯାବତୀୟ ନିର୍ଯାତନା ପ୍ରଦର୍ଶନ କରାଯାଉଛି। ଏହି ପ୍ରସଙ୍ଗକୁ ନେଇ ଅବଶ୍ୟ ବର୍ତ୍ତମାନ ଗ୍ରାମପଞ୍ଚାୟତ ସ୍ତରରୁ ଜାତିସଂଘ ପର୍ଯ୍ୟନ୍ତ ଉଦ୍‌ବେଗ ସୃଷ୍ଟି ହୋଇଛି। ସମସ୍ୟାକୁ ସମାଧାନ କରିବାର ରାସ୍ତା ଖୋଜୁଛନ୍ତି। ସମଗ୍ର ବିଶ୍ୱରେ ବାର୍ଦ୍ଧକ୍ୟ ସଂଖ୍ୟା ୧୦୦ କୋଟି ନିକଟରେ ପହଞ୍ଚି ସାରିଲାଣି। ବୟସ୍କମାନଙ୍କ ସମସ୍ୟା ଓ ସେମାନଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତା ନିମନ୍ତେ ଜାତିସଂଘରେ ପ୍ରଥମ ଥର ଅର୍ଜେଣ୍ଟିନା ୧୯୪୮ରେ ପ୍ରଶ୍ନ ଉତ୍‌ଥାପନ କରିଥିଲେ। ଦୀର୍ଘ ୨୦ ବର୍ଷ ପରେ ୧୯୭୧ ମସିହାରେ ଜାତିସଂଘର ସାଧାରଣ ପରିଷଦ ବୟସ୍କଙ୍କ ନିମନ୍ତେ ଏକ ମାର୍ଗ ଦର୍ଶିକା ପ୍ରସ୍ତୁତ କରିବାକୁ ସେକେଟ୍ରାରୀ ଜେନେରାଲଙ୍କୁ ନିର୍ଦ୍ଦେଶ ଦେଲେ। ଶେଷରେ ୧୯୮୨ ମସିହା ଜୁଲାଇ ୨୬ ଠାରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ବୟସ୍କ ନିମନ୍ତେ ପ୍ରଥମ ଆନ୍ତର୍ଜାତିକ ସମ୍ମିଳନୀ ଭିଏଟ୍‌ନାମ୍‌ରେ ଅନୁଷ୍ଠିତ ହୋଇଥିଲା। ଏହି କ୍ରମରେ ବୟସ୍କଙ୍କ ବ୍ୟକ୍ତିଗତ ସ୍ୱାଧୀନତା, ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା, ନିରାପତ୍ତା, ବ୍ୟକ୍ତିଗତ ଇଚ୍ଛା ଓ ଆକାଂକ୍ଷା ପୂରଣ ଆଦି ନିଷ୍ପତ୍ତି ହାତକୁ ନିଆଯାଉଛି। ଣ୍ଆଇନ ଅନୁଯାୟୀ ବୃଦ୍ଧା ମାତାପିତାଙ୍କ ପରିପାଳନ କରିବା ପିଲାଙ୍କ ନିମନ୍ତେ ବାଧ୍ୟ।

୧୯୯୯ରେ ବୟସ୍କଙ୍କ ନିମନ୍ତେ ଜାତୀୟ ନୀତି ଅନୁଯାୟୀ ବୃଦ୍ଧାଶ୍ରମ ପ୍ରତିଷ୍ଠା, ଡାକ୍ତରଖାନାରେ ଅଗ୍ରାଧିକାରରେ ଚିକିତ୍ସା, ରେଳରେ ରିହାତି ବ୍ୟବସ୍ଥା କରାଯାଇଛି। ଓଡ଼ିଶାରେ 'ବରିଷ୍ଠ ନାଗରିକ ନୀତି ୨୦୧୬' କାର୍ଯ୍ୟକ୍ରମ ହୋଇଛି। ସେମାନଙ୍କ ସ୍ୱାଭିମାନ ସୁରକ୍ଷା, ସାମାଜିକ ନିରାପତ୍ତା, ସ୍ୱାସ୍ଥ୍ୟସେବା, ଖାଦ୍ୟ, ବାସଗୃହ ଏବଂ ଚିତ୍ତବିନୋଦନ ସହଜ କରିବାର ନୀତି ନିରୂପଣ ହୋଇଛି। ବାର୍ଦ୍ଧକ୍ୟରେ ଉପାର୍ଜନର ନିଶ୍ଚିତତା, ସ୍ୱାସ୍ଥ୍ୟର ଯତ୍ନ, ସୁରକ୍ଷା ଓ ନିରାପତ୍ତା, ରହିବା ପାଇଁ ବାସ, ଭରଣପୋଷଣ, ଉତ୍ତରପିଢ଼ିଙ୍କ ସହ ପାରସ୍ପରିକ ସମ୍ପର୍କକୁ ନିବିଡ଼ ପରି ସମସ୍ୟାର ସମାଧାନ ପାଇଁ ପ୍ରତିବଦ୍ଧତା ପ୍ରକାଶ ପାଇଛି।

ବୟସ୍କମାନଙ୍କୁ ସୁରକ୍ଷା, ସମ୍ମାନ ଦେବାପାଇଁ ସରକାରୀ ସ୍ତରରେ ବ୍ୟାପକ ବ୍ୟବସ୍ଥା ହୋଇଥିଲେ ମଧ୍ୟ ସେମାନେ ଘରୋଇ ହିଂସାର ଶିକାର ହେବା ବର୍ତ୍ତମାନର ବଡ଼ ସମସ୍ୟା। ନିଜର ପୁତ୍ର କନ୍ୟାମାନେ ନିର୍ଯାତନା ଦେବା, ଠିକ୍ ସମୟରେ ଖାଦ୍ୟ ନ ଦେବା, ଆବଶ୍ୟକୀୟ ଔଷଧରୁ ଦୂରେଇ ରଖିବା, ବଞ୍ଚି ଥାଉ ଥାଉ ସେମାନଙ୍କୁ ସ୍ୱ-ଅର୍ଜିତ ସମ୍ପତ୍ତିରୁ ବଞ୍ଚିତ କରିବା, ସେମାନଙ୍କ ପେନ୍‌ସନକୁ ବଳପୂର୍ବକ ନେବା ଏବଂ ଅସୁସ୍ଥତା ସମୟରେ ସେବା ନ ଦେବା ପରି ସମୟରେ ପୀଡ଼ିତ ବର୍ତ୍ତମାନ ବୟସ୍କ ମଣିଷ । ସେମାନେ ଆଜି ମରଣର ପ୍ରତୀକ୍ଷା, ଜୀବନ ଅପେକ୍ଷା ମୃତ୍ୟୁ ହିଁ ସେମାନଙ୍କ ଅଧିକ କାମ୍ୟ। ସନ୍ତାନମାନଙ୍କ ମାନସିକତାରେ ପରିବର୍ତ୍ତନ ନ ଘଟିଲେ ସେମାନଙ୍କ ଶାନ୍ତି, ସନ୍ତୋଷରେ ବ୍ୟାହତ ହେବ । ନିଜ ନିଜ ଶବକୁ ବହନ କରି ସଂସାରରେ ପର୍ଯ୍ୟଟନ କରୁଥିବା ଏହି ଅସହାୟ ବାନପ୍ରସ୍ଥିଙ୍କ ଅଶ୍ରୁ ଚିରସ୍ରୋତା ହୋଇଯିବ। ଉତ୍ତରପିଢ଼ିଙ୍କ ଦ୍ୱାୟିତ୍ୱହୀନତା ଆଗାମୀ ଦିନଗୁଡ଼ିକରେ ଅନୁଭବୀ ସୂର୍ଯ୍ୟଙ୍କ ତେଜକୁ ମେଘାଚ୍ଛନ୍ନ ନ କରି ଦେବ କିଏ କହିବ।

**ଗାୟତ୍ରୀ ନଗର, ନବରଙ୍ଗପୁର,**
**ମୋ:୯୪୩୭୭୮୫୧୫୮**

## ଏଇ ଭାରତରେ

ଯେକୌଣସି ବୃତ୍ତିରେ ଥିଲେ ମଧ୍ୟ ଅଧିକ ଆୟର ଉତ୍ସ ସୃଷ୍ଟି କରାଯାଇପାରିବ ଏବଂ ଏଭଳି କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି କେରଳର ଶିକ୍ଷୟିତ୍ରୀ ଲତିକା ସୁଦାନ। ତାଙ୍କ ବୟସ ଏବେ ୫୧ ଓ ସେ ଥ୍ରିଶୂର ଜିଲାର ଏକ ସରକାରୀ ପ୍ରାଥମିକ ସ୍କୁଲରେ ଶିକ୍ଷୟିତ୍ରୀ ଅଛନ୍ତି। ଶିକ୍ଷାଦାନ ପରେ ଅବଶିଷ୍ଟ ସମୟରେ ସେ ନିଜସ୍ୱ ଉଦ୍ୟମରେ ଘର ଅଗଣାରେ ବଗିଚାଟିଏ କରିଛନ୍ତି। ସେଠାରେ ପଦ୍ମ ଓ କଇଁ ଫୁଲ ଚାଷକରି ମାସକୁ ୪୦ ହଜାର ଟଙ୍କା ରୋଜଗାର କରିପାରୁଛନ୍ତି। ମୋଟ୍‌ରେ ତାଙ୍କ ବଗିଚାରେ ୧୦୦ ପ୍ରକାର ଦେଶୀ ଓ ବିଦେଶୀ ପଦ୍ମଫୁଲ ଏବଂ ୮୦ କିସମର କଇଁଫୁଲ ଅଛି। ତାଙ୍କ ବଗିଚାର ଆକର୍ଷଣ ହେଉଛି ୧୦୦୦ ପାଖୁଡ଼ାବିଶିଷ୍ଟ ପଦ୍ମଫୁଲ। ପ୍ରଥମକରି ସେ ଏହି ଫୁଲକୁ ତାଙ୍କ ବଗିଚାରେ ଫୁଟାଇବାରେ ସକ୍ଷମ ହୋଇଛନ୍ତି। ୨୦୧୮ରୁ ସେ ଫୁଲ ବଜାରରେ ବିକ୍ରି ଆରମ୍ଭ କରିଥିଲେ ଓ ସେବେଠାରୁ ଆୟ ବଢ଼ିବାରେ ଲାଗିଛି। ଏହାବ୍ୟତୀତ ସେ ପଦ୍ମ ଓ କଇଁ ଫୁଲ ଚାଷ ସମ୍ପର୍କରେ ବିଭିନ୍ନ କର୍ମଶାଳା ଆୟୋଜନ କରୁଛନ୍ତି। ପ୍ରତିମାସରେ ୧୫୦ରୁ ଊର୍ଦ୍ଧ୍ୱ ପଦ୍ମ ଚାରା ଓ ୧୦୦ରୁ ଊର୍ଦ୍ଧ୍ୱ କଇଁଚାରା ବିକ୍ରି କରୁଛନ୍ତି। ଏହି ସମସ୍ତ କାର୍ଯ୍ୟରେ ତାଙ୍କ ସ୍ୱାମୀ ଲତିକାଙ୍କୁ ସହଯୋଗ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୪ ଜୁଲାଇ ୧୯୭୬**

- ବମ୍ବେ ହାଇରୁ ନିର୍ଗତ ଅବିଶୋଧିତ ତୈଳର ବିଶୋଧନୀକରଣ କାର୍ଯ୍ୟ ଟ୍ରମ୍ବେସ୍ଥିତ ଭାରତ ରିଫାଇନେରୀଜ ଦ୍ୱାରା ଆରମ୍ଭ।
- ଆନ୍ତର୍ଜାତିକ ସୌଖୀନ ଆଥଲେଟିକ୍ ଫେଡେରେସନ ଦକ୍ଷିଣ ଆଫ୍ରିକାକୁ ଫେଡେରେସନରୁ ବହିଷ୍କାର କରିଛନ୍ତି।
- ଫ୍ରାନ୍ସ ପ୍ରଶାନ୍ତ ମହାସାଗରର ମୁରୋରା ଏଟୋଲଠାରେ ଭୂଗର୍ଭରେ ଦୁଇଟି ପରମାଣୁ ବୋମା ବିସ୍ଫୋରଣ କରିଥିବା ଫ୍ରାନ୍ସର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | 5 | 8 | 2 | | | |
| 2 | | | | | | | 6 | |
| | 8 | | | 6 | | | | |
| 1 | | | | 9 | 7 | | | 2 |
| 8 | 7 | | | | 1 | | | |
| | | | | | | | | 4 |
| | | | | 5 | 6 | | 2 | 7 |
| | | | 7 | 3 | | | | 9 |
| 6 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 3 | 6 | 4 | 2 | 9 | 8 | 1 |
| 6 | 4 | 1 | 9 | 3 | 8 | 5 | 7 | 2 |
| 2 | 9 | 8 | 5 | 7 | 1 | 6 | 3 | 4 |
| 9 | 8 | 5 | 2 | 1 | 3 | 7 | 4 | 6 |
| 7 | 2 | 6 | 8 | 9 | 4 | 1 | 5 | 3 |
| 1 | 3 | 4 | 7 | 5 | 6 | 8 | 2 | 9 |
| 4 | 1 | 7 | 3 | 8 | 9 | 2 | 6 | 5 |
| 3 | 5 | 2 | 1 | 6 | 7 | 4 | 9 | 8 |
| 8 | 6 | 9 | 4 | 2 | 5 | 3 | 1 | 7 |

ଗତକାଲିର ଉତ୍ତର

# ପରିବାର କଲ୍ୟାଣ ଓ ନିୟନ୍ତ୍ରଣ



ଡ.ସତ୍ୟ ନାରାୟଣ ମିଶ୍ର

ପରିବାର ହେଉଛି ଏକ ସମଭାବାପନ୍ନ ବ୍ୟକ୍ତିବିଶେଷଙ୍କର ସମଷ୍ଟି ତଥା ଏକ ବଂଶଗତ ସମୁଦାୟ। ସାଧାରଣତଃ ପରିବାର ମଧ୍ୟରେ ସମ୍ପର୍କର ଏକ ସେତୁ ରହିଥାଏ। ମଣିଷ ସମାଜର ପ୍ରଥମ ପାହାଚ ହେଉଛି ପରିବାର । ଭକ୍ତକବି ମଧୁସୂଦନ ରାଓ ଲେଖିଥିଲେ 'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର'। ଭକ୍ତକବିଙ୍କର ଏହି ଅମୃତମୟ ପଙ୍କ୍ତିରେ ଘରକୁ ବୈକୁଣ୍ଠପୁର ସହ ତୁଳନୀୟ କରାଯାଇଛି। ବୈଦିକ ଭାଷାରେ ବସୁଧୈବ କୁଟୁମ୍ବକମ୍ ଅର୍ଥାତ୍ ଆମ୍ଭେ ସମସ୍ତେ ବିଶ୍ୱବାସୀ, ଗୋଟିଏ କୁଟୁମ୍ବ ଅର୍ଥାତ୍ ଗୋଟିଏ ପରିବାର, ଯେଉଁଠି ଘରର ପ୍ରତିଟି ମୁହୂର୍ତ୍ତ ଅତିବାହିତ ହୋଇଥାଏ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସେବା ଓ ଅତୁଟ ଭଲପାଇବାର ବନ୍ଧନୀରେ। ଭାରତୀୟ ପାରିବାରିକ ବ୍ୟବସ୍ଥା ଅନେକ ମୂଲ୍ୟବୋଧ ଓ ଗରିମାକୁ ନେଇ ଚାଲିଛି, ସେଥିରେ ଦ୍ୱିମତର ଅବକାଶ ନାହିଁ। ମାତ୍ର ପରିବାର କଲ୍ୟାଣ ଓ ପରିବାର ନିୟନ୍ତ୍ରଣ ଭିନ୍ନ ଏକ ଦିଗରେ ଧାବମାନ କରୁଥିବାର ଅନୁମାନ କରାଯାଏ। ପରିବାରର ଏକାନ୍ନବର୍ତ୍ତୀ ସଂସ୍କୃତି ସମ୍ପ୍ରତି ଧୀରେ ଧୀରେ ଅପସରି ଯାଉଛି। ତଥାପି ପରିବାର ବଜାୟ ରଖିଛି ନିଜର ବିଶ୍ୱାସବୋଧତା, ଅନ୍ୟକୁ ସ୍ନେହ, ପ୍ରେମ ବାଣ୍ଟିବାର ଅମାପ ରଜ୍ଜୁରେ। ପରିବାରର ଗୃହକର୍ତ୍ତା ଭାବେ ଯିଏ ଦାୟିତ୍ୱ ସମ୍ପାଦନ କରିଥାନ୍ତି ତାଙ୍କ ଉପରେ ସବୁବେଳେ ଗୁରୁଦାୟିତ୍ୱ ରହିଥାଏ। ତେଣୁ ପରିବାରର ମୁଖ୍ୟ ପରିବାରର ସଦସ୍ୟମାନଙ୍କୁ ସ୍ନେହ ଶ୍ରଦ୍ଧା ଯତ୍ନ ଆଦିର ବଳୟରେ ବାନ୍ଧି ଯେତେବେଳେ ଏକ ସମ୍ବନ୍ଧର ସମୁଦ୍ର ସୃଷ୍ଟି କରିଥାନ୍ତି, ତାହା ପରିବାର କଲ୍ୟାଣ ଉପରେ ବିବେଚିତ ହୁଏ। ପରିବାରର ସମସ୍ତ ଆବଶ୍ୟକତା ଓ ଯତ୍ନ ପରିବାର କଲ୍ୟାଣ ଭାବେ ଯେତେବେଳେ ପରିବାରର ମୁଖ୍ୟ ବହନ କରିଥାନ୍ତି, ସେତେବେଳେ ଗଣତାନ୍ତ୍ରିକ ପଦ୍ଧତିରେ ମଧ୍ୟ ସରକାର ସମାଜର ପ୍ରତ୍ୟେକ ପରିବାରର କଲ୍ୟାଣ ପାଇଁ ବିଭିନ୍ନ ଯୋଜନା କରିଥାନ୍ତି। ପରିବାରର ମୁଖ୍ୟ ଯେତେବେଳେ ପରିବାରର ଅସୁବିଧା ସୁବିଧା କଥା ଚିନ୍ତା କରନ୍ତି, ତାହା ଥାଏ ନିର୍ଦ୍ଦିଷ୍ଟ ଭାବେ ଉକ୍ତ ପରିବାର ପାଇଁ ଉଦ୍ଦିଷ୍ଟ। ମାତ୍ର ସରକାର ଯେତେବେଳେ ପରିବାର କଲ୍ୟାଣ କଥା ବିଚାର କରନ୍ତି, ତାହା ଥାଏ ସମଗ୍ର ଦେଶ ବା ଜାତିର କଲ୍ୟାଣ। କାରଣ ପରିବାର କଲ୍ୟାଣ ହେଲେ ଦେଶ ବା ଜାତିର ବିକାଶ ସମ୍ଭବ ହେବ ।

ଗୋଟିଏ ପରିବାର କେବଳ ଏକାଠି ରହୁଥିବା ବ୍ୟକ୍ତିବିଶେଷଙ୍କ ଗୋଷ୍ଠୀ ନୁହେଁ; ଏହା ଏକ ସାମାଜିକ ଏକକ ଏବଂ ରକ୍ତ, ବିବାହ କିମ୍ବା ସ୍ନେହ ଦ୍ୱାରା ବନ୍ଧା ହୋଇଥିବା ଏକ ମଞ୍ଚ। ବ୍ୟକ୍ତିର ପରିଚୟ ଓ ମୂଲ୍ୟବୋଧରେ ପରିବାରର ସଦସ୍ୟମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଅତଏବ ପରିବାର ସଦସ୍ୟଙ୍କ ପ୍ରେମକୁ ଦୁନିଆର ଅନ୍ୟ କୌଣସି ପ୍ରେମ ସହିତ ତୁଳନା କରାଯାଇ ନ ପାରେ, ଯେଉଁଠି ଥାଏ ସୁସ୍ଥ ଭାବପ୍ରବଣତା, ସ୍ନେହ, କରୁଣା ତଥା ସହାନୁଭୂତି। ଏହା ସକାରାତ୍ମକ ମାନସିକ ସ୍ୱାସ୍ଥ୍ୟ ଫଳାଫଳ ଓ ସାମଗ୍ରିକ ସୁସ୍ଥତା ପାଇଁ ସହାୟକ ହୋଇଥାଏ। ପାରିବାରିକ ସ୍ତରରେ ଉକ୍ତ ମୁକ୍ତ କଲ୍ୟାଣର ପନ୍ଥା ଯେତେବେଳେ ପରିବାରର ସଦସ୍ୟଙ୍କଠାରେ ଥାଏ, ଯାହା ବ୍ୟକ୍ତିକୁ ସୁସ୍ଥ ତଥା ଦୀର୍ଘାୟୁ କରେ, ସେତେବେଳେ ସରକାରୀ କଲ୍ୟାଣ ହୋଇଥାଏ କେବଳ କିଛି ଅର୍ଥର ସାହାଯ୍ୟ ଓ



ଆନୁଷଙ୍ଗିକ ସହଯୋଗ। ଭାରତୀୟ ପରିବାର ଆମ ସଂସ୍କୃତିରେ ଏକ ବିଶେଷ ସ୍ଥାନ ଅଧିକାର କରିଥାଏ, ଯାହା ଦ୍ୱାରା ସୃଷ୍ଟି ହୁଏ ଚେତନାର ଶିକ୍ଷା। ପାରିବାରିକ କଲ୍ୟାଣ କେବଳ ଜନ୍ମର ଯୋଜନା ନୁହେଁ, ବରଂ ସମୁଦାୟ ପରିବାରର ସ୍ୱାସ୍ଥ୍ୟ ସେବା ମାଧ୍ୟମରେ ସମଗ୍ର ପରିବାରର କଲ୍ୟାଣକୁ ଅନ୍ତର୍ଭୁକ୍ତ କରିଥାଏ। ଭାରତରେ ସରକାରୀ ସ୍ତରରେ ପ୍ରଥମେ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ରଘୁନାଥ ଧୋଣ୍ଡୋ କରଭେ ସ୍ଥାପିତ କରିଥିଲେ। ତାଙ୍କ ଯୋଜନାରେ ସେ ଜନସଂଖ୍ୟା ନିୟନ୍ତ୍ରଣର ଆବଶ୍ୟକତାକୁ ସ୍ୱୀକାର କରି ସେଥିପାଇଁ କେତେକ ଉପଦେଶ ଦେଇଥିଲେ। ତାଙ୍କ ମତରେ ସମାଜ କଲ୍ୟାଣ ସର୍ବ ପ୍ରଥମେ ଜନସଂଖ୍ୟା ନିୟନ୍ତ୍ରଣରେ ପ୍ରାଥମିକତା ଦେବା ଉଚିତ, ତେବେ ଯାଇ ପରିବାର କଲ୍ୟାଣ ସରକାରୀ ଭାବରେ ସମ୍ଭବ ହୋଇପାରିବ। ମହାତ୍ମା ଗାନ୍ଧୀ କହିଥିଲେ, ସମାଜ ଜନ୍ମ ନିୟନ୍ତ୍ରଣ ଉପରେ ନିର୍ଭର କରିବା ପରିବର୍ତ୍ତେ, ଆତ୍ମ ନିୟନ୍ତ୍ରଣ ଅଭ୍ୟାସ କରିବା ଉଚିତ, ଯାହା ଏକ ମୌଳିକ ଚିନ୍ତା ବୋଲି ମନେହୁଏ। ମାତ୍ର ପରବର୍ତ୍ତୀ ସମୟରେ ସରକାର ଅନେକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜନ୍ମ ନିୟନ୍ତ୍ରଣକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିଥାନ୍ତି। ପରିବାରର କଲ୍ୟାଣ ଯେତେବେଳେ ଜନ୍ମ ନିୟନ୍ତ୍ରଣକୁ ପ୍ରାଥମିକତା ଦେଇଥାଏ, ସେତେବେଳେ ଏହା ଏକ ଭିନ୍ନ ବାସ୍ତବତାର ସମ୍ମୁଖୀନ ହୋଇଥାଏ । ଭାରତରେ ଏହି କାର୍ଯ୍ୟକ୍ରମ ୧୯୫୨ରେ ଆରମ୍ଭ ହୋଇଥିଲା ଓ ପ୍ରଥମେ ଏହା କେବଳ ଜନ୍ମ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେଉଥିଲା। ମାତ୍ର ସମୟକ୍ରମେ ଏହି କାର୍ଯ୍ୟକ୍ରମ ପାରିବାରିକ ସ୍ୱାସ୍ଥ୍ୟର ଅନ୍ୟାନ୍ୟ ଦିଗ ଯାହା ପୁଷ୍ଟିକର ଖାଦ୍ୟ, ପରିବାର କଲ୍ୟାଣ, ମା' ଓ ଶିଶୁ ସ୍ୱାସ୍ଥ୍ୟକୁ ଅନ୍ତର୍ଭୁକ୍ତ କରିଥିଲା।

ପରିବାର ଯୋଜନା ଆରମ୍ଭ କରିବାରେ ଭାରତ ବିଶ୍ୱର ପ୍ରଥମ ଦେଶ ଥିଲା। କିନ୍ତୁ ଜନସଂଖ୍ୟାକୁ ସ୍ଥିର ରଖିବା ତଥା ନାଗରିକଙ୍କୁ ସୁସ୍ଥ ଓ ଉତ୍ପାଦନକ୍ଷମ ଜୀବନ ପ୍ରଦାନ କରିବାର ଆବଶ୍ୟକତା ଥିବା ମନେହୁଏ। ଏହା ମଧ୍ୟ ନିଶ୍ଚିତ ଯେ, ଅନିୟନ୍ତ୍ରିତ ଜନସଂଖ୍ୟା ବୃଦ୍ଧି ଜାତୀୟ ବିକାଶରେ ବାଧା ସୃଷ୍ଟି କରିଥାଏ। ଏଥିପାଇଁ ଜନସଂଖ୍ୟା ବୃଦ୍ଧି ସମସ୍ୟାକୁ ଦୂର କରିବା ପାଇଁ ଯୋଜନା ଅବଧି ମଧ୍ୟରେ ମୁଖ୍ୟ ଗୁରୁତ୍ୱ ଦିଆଯାଇଥିଲା। ସରକାରୀ ସ୍ତରରେ ଯେତେବେଳେ ଅନେକ କଲ୍ୟାଣ ଓ ନିୟନ୍ତ୍ରଣ କାର୍ଯ୍ୟକାରୀ ହୋଇଥାଏ, ସେତେବେଳେ ପରିବାର ତାହାକୁ ସ୍ୱୀକାର କରିଥାଏ ବା କେତେକାଂଶରେ ନ କରି ମଧ୍ୟ ଥାଏ, ଯାହା ଥାଏ ସରକାରୀ ସ୍ତରର ନୀତି ଓ ନିର୍ଦ୍ଦେଶ। ମାତ୍ର ସାମ୍ପ୍ରତିକ ସମାଜରେ ପରିବାର କଲ୍ୟାଣ ଓ ନିୟନ୍ତ୍ରଣ ସରକାରୀ ସ୍ତରରେ ନିୟନ୍ତ୍ରିତ ହୋଇଥିଲେ ମଧ୍ୟ ପାରିବାରିକ ବା ସାମାଜିକ କ୍ଷେତ୍ରରେ ତାହା ଯଥେଷ୍ଟ ନିଷ୍କ୍ରିୟ ହୋଇଯାଉଛି। ଯେତେବେଳେ ପରିବାର ଜନସଂଖ୍ୟାରେ ନିୟନ୍ତ୍ରଣ ହୋଇଗଲା, ସେତେବେଳେ ସେହି ସମାଜରେ ବ୍ୟକ୍ତି ବା ପରିବାର ନିଜ ନିଜ ମଧ୍ୟରେ ଅନିୟନ୍ତ୍ରିତ ହୋଇଗଲେ। ସାମଗ୍ରିକ ଭାବେ କିଛି ବର୍ଷ ପୂର୍ବରୁ ଯେତେବେଳେ ପରିବାର କହିଲେ ୧୫/୨୦ ଜଣକୁ ବୁଝାଉଥିଲା, ସେତେବେଳେ ପରିବାର କଲ୍ୟାଣ ମଧ୍ୟ ସୁଚାରୁରୂପେ ହେଉଥିଲା ଓ ପରିବାର ନିୟନ୍ତ୍ରଣରେ ନିୟନ୍ତ୍ରିତ ହେଉଥିଲା। ବର୍ତ୍ତମାନ ପ୍ରତ୍ୟେକ ପରିବାର ନିକଟରେ ଯଥେଷ୍ଟ କଲ୍ୟାଣର ସୁବିଧା ଥାଇ ମଧ୍ୟ ଏକାନ୍ନବର୍ତ୍ତୀ ପରିବାର ଏକକ ପରିବାର ହୋଇଛି। ବୈକୁଣ୍ଠର ଘର ନିର୍ବାସନ କ୍ଷେତ୍ର ଭଳି ଅନୁଭବ ହେଉଛି । ଅତଏବ ସରକାରୀ ଭାଷାରେ ପରିବାର କଲ୍ୟାଣ ଓ ପରିବାର ନିୟନ୍ତ୍ରଣ ଯେତେବେଳେ ଶାସନର ପରିଧି ମଧ୍ୟରେ ନିୟନ୍ତ୍ରିତ ହୋଇଥାଏ, ସେତେବେଳେ ପାରିବାରିକ ଓ ସାମାଜିକ ଅନୁଶାସନରେ ପରିବାର କଲ୍ୟାଣର ପୃଷ୍ଠଭୂମିରେ ନୈତିକତାର ଆତ୍ମନିୟନ୍ତ୍ରଣରେ ମନ୍ତ୍ରିତ ହେବା ଆବଶ୍ୟକ; ଯେଉଁଥିରେ ସୃଷ୍ଟି ହେବ ପରିବାରର ଆତ୍ମ ମର୍ଯ୍ୟାଦା ଓ ପ୍ରକୃତ କଲ୍ୟାଣର ନିୟନ୍ତ୍ରିତ ସୀମାରେଖା।

**ସହାୟକ ନିର୍ଦ୍ଦେଶକ**
**ଜାତୀୟ ଅଭିଲେଖାଗାର, ଭାରତ ସରକାର , ଭୁବନେଶ୍ୱର**
**ମୋ:୯୯୩୭୩୪୫୯୦୦**

## ପାଠକ ଶ୍ରେଷ୍ଠ ବିଚାରକ

### ଛାତ୍ରୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉ

ମହାଶୟ,

ନାରୀ ଶିକ୍ଷାରେ ଉଲ୍ଲେଖନୀୟ ପାରଦର୍ଶିତା ଆଣିବାକୁ ହେଲେ ଛାତ୍ରୀଙ୍କ ସୁରକ୍ଷା ଲୋଡ଼ା। ସେମାନଙ୍କୁ ଅଧ୍ୟୟନ ସମୟରେ ମାନସିକ ଉତ୍ପୀଡ଼ନରୁ ମୁକ୍ତ ରଖିବା ଦରକାର। ସାମ୍ପ୍ରତିକ ପରିସ୍ଥିତିରେ ଭାରତର ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀମାନଙ୍କ ପ୍ରତି ମାନସିକସ୍ତରରେ ଅତ୍ୟାଚାର ଯୋଗୁ ସେମାନଙ୍କ ସ୍ଥିତି ଚାପଗ୍ରସ୍ତ ହେବା ସହ ଜୀବନ ଦିନକୁ ଦିନ ଅସୁରକ୍ଷିତ ହେଉଛି। ସ୍ଥିତିକୁ ଲକ୍ଷ୍ୟକରି ବିଦ୍ୟାଳୟସ୍ତରରେ ଅଧିକ ଶିକ୍ଷୟିତ୍ରୀ ସହ ମହିଳା କର୍ମଚାରୀ ନିଯୁକ୍ତ କରାଯାଉ। ସେହିପରି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ରୀଙ୍କ ପାଇଁ ଏକ ଭୀତିମୁକ୍ତ ବ୍ୟବସ୍ଥାକୁ ସୁସଙ୍ଗଠିତ କରିବା ସକାଶେ ସରକାର ତାଙ୍କ ଶିକ୍ଷାନୀତିରେ ପରିବର୍ତ୍ତନ ଆଣନ୍ତୁ, ଯାହା ଜାତୀୟ ଆଶା ଆକାଂକ୍ଷାର ପ୍ରତିଫଳନ ରୂପେ ପ୍ରତିପାଦିତ ହେବ। ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଅପରାଧୀକରଣକୁ ପ୍ରୋତ୍ସାହିତ କିମ୍ବା ପ୍ରଶ୍ରୟ ଦେବା ପରି ହୀନ ମାନସିକତାଠାରୁ ଦୂରେଇ ରହିବା ଦିଗରେ ଆମ୍ଭେମାନେ ସତର୍କତା ଅବଲମ୍ବନପୂର୍ବକ ସଚେତନାତ୍ମକ ପଦକ୍ଷେପ ନେବା ଆବଶ୍ୟକ।

**-ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପ୍ରୀଡ଼ିତ ମରମେ ମମ
ଅତିହିଁ ନିଠୁରତମ
ଏ ସଂସାର ମାରିଯାଏ ବିକଳ ଆଘାତ,
ଚିରିଯାଏ କ୍ଷତଗାର
ବହଇ ରକତ ଧାର
ଛୁଇଁଯାଉ ତହିଁ ତବ ସୁଶୀତଳ ହାତ ।
-(ଆଶ୍ଳେଷ ସ୍ୱର୍ଗ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଉଦିତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

## ସାଧୁଗୌରେଶ୍ୱର ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

**ଦଶରଥପୁର,୨୩ା୭ (ସୁଶାନ୍ତ କୁମାର ବେହୁରିଆ):**

ଦଶରଥପୁର ବ୍ଲକ କନିକାପଡ଼ାସ୍ଥିତ ସାଧୁଗୌରେଶ୍ୱର ମହାବିଦ୍ୟାଳୟର ଭାଜପା ସମର୍ଥିତ ଛାତ୍ରୀଛାତ୍ର ବୁଧବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବଳାତ୍କାର ଅଭିଯୋଗରେ ଗିରଫ ହୋଇଥିବା ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

କଲେଜ ଗେଟ ନିକଟରୁ ଶତାଧିକ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ଆସି ଯାଜପୁର-ମଙ୍ଗଳପୁର ମୁଖ୍ୟ ରାସ୍ତାକୁ କନିକାପଡ଼ା କଲେଜ ଛକ ନିକଟରେ ଅବରୋଧ କରିଥିଲେ। ଉଦିତଙ୍କୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ କରି କଂଗ୍ରେସ ନେତା ରାହୁଲ ଗାନ୍ଧୀ, ରାଜ୍ୟ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ଓ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏଥିସହିତ ଭକ୍ତ ଓ ରାହୁଲଙ୍କ ଇସ୍ତଫା ଦାବି କରିଥିଲେ।


ଛାତ୍ରୀଛାତ୍ର ରାସ୍ତା ଅବରୋଧ କରି ଆନ୍ଦୋଳନ କରୁଛନ୍ତି।

ଛାତ୍ରନେତା ଓମ୍ ପ୍ରକାଶ ପୃଷ୍ଟି, ରଞ୍ଜିତ ସାହୁ, ବିଶ୍ୱଜିତ ସେଠୀ, ଦୁର୍ଗାଶଙ୍କର ସାହୁ, ଦେବାଶିଷ ନାୟକ, ଦୀପଙ୍କର ମହାନ୍ତି, ସତ୍ୟଜିତ ସେଠୀ, ଶୁଭଶଙ୍କର ଦାସ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଭାଜପା ଯୁବନେତା ସତ୍ୟଜିତ ସାମଲ, ପତିତପାବନ ମହାନ୍ତି, ସୁନୀଲ ରାଉତ, ଇନ୍ଦ୍ରଜିତ ଦାସ, ଶୁକଦେବ ଦାସ, ସବ୍ୟସାଚୀ ଦାସ ଓ ଚିତ୍ତରଞ୍ଜନ ସାମଲ ଉପସ୍ଥିତ ରହି ସହଯୋଗ କରିଥିଲେ।

# ରୋଗୀ କଲ୍ୟାଣ ସମିତି ବୈଠକ

**ଯାଜପୁରରୋଡ୍,୨୩ା୭ (ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ରୋଗୀ କଲ୍ୟାଣ ସମିତି ଗଠନ କରାଯିବା ପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ଓ ପରିଚାଳନା ସମ୍ପର୍କରେ ଆଲୋଚନା କରାଯାଇଛି। ସମିତିର ଅଧ୍ୟକ୍ଷ ତଥା କୋରେଇ ବିଧାୟକ ଆକାଶ ଦାସନାୟକ, ସହ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ଉପାଧ୍ୟକ୍ଷ ପ୍ରଦୀପ କୁମାର ପାଢ଼ୀ, ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଗୌତମ ସାହୁ, କାର୍ଯ୍ୟକାରୀ ସଭ୍ୟ ରଶ୍ମିତା ରାଉତ ଏବଂ କମିଟି ସଦସ୍ୟ ଶିଶିର କୁମାର ରାଉତ, ରାଜେଶ ରାଉତ, ବାବାଜି ଚରଣ ମଲ୍ଲିକ ଓ କଳ୍ପନା ରାଉତ ପ୍ରମୁଖ ବୈଠକରେ ସାମିଲ ହୋଇଥିଲେ। ଅଚଳ ହୋଇ ପଡ଼ିଥିବା ସମିତିକୁ କ୍ରିୟାଶୀଳ କରିବା ସହିତ ମେଡିକାଲର ବିକାଶ ସମସ୍ତଙ୍କ ଧେୟ ହେବା ଉଚିତ ବୋଲି ଅଧ୍ୟକ୍ଷ ଦାସନାୟକ ମତବ୍ୟକ୍ତ କରିଥିଲେ।



ବୈଠକରେ ଯୋଗଦେଇଥିବା ରୋଗୀ କଲ୍ୟାଣ କମିଟିର ସଦସ୍ୟ।

# କୁସେଇ ନଦୀରେ ବୁଡ଼ି ବୃଦ୍ଧା ମୃତ

**ଆନନ୍ଦପୁର,୨୩ା୭(ସୁଶାନ୍ତ କୁମାର ସାହୁ):**

କେନ୍ଦୁଝର ଜିଲା ଆନନ୍ଦପୁର କୁସେଇ ନଦୀରେ ବୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାମଚନ୍ଦ୍ରପୁରୁ ଥାନା ଜଳସୁଆଁର ଲକ୍ଷ୍ମୀ ରଣା(୭୦)। ଲକ୍ଷ୍ମୀ ବୁଧବାର ନଦୀକୁ ଶୌଚ ହେବାକୁ ଯାଇ ବୁଡ଼ି ଯାଇଥିଲେ। ଘସିପୁରା ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି କରି ନଦୀରୁ ବୃଦ୍ଧାଙ୍କ ମୃତଦେହ ଜବତ କରିଥିଲା।

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**T.No.TPWODL/PJ/O/SU/2500001018 Date: 23.07.2025**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**One Year RC for supply of Different types of LED Light.**

Interested bidders are to submit Tender Participation Fee and Authorization Letter through email on or before **2nd Aug 2025, 15:00Hrs.**, after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

**Sd/- Head- Contracts & Procurement**

# ସ୍ୱାଭିମାନ ମଞ୍ଚ ପକ୍ଷରୁ ଚାରାରୋପଣ


ଚାରା ରୋପଣରେ ସାମିଲ ହୋଇଥିବା ସ୍ୱାଭିମାନ ମଞ୍ଚର କର୍ମକର୍ତ୍ତା।

**କାଏମା,୨୩ା୭(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କାଏମା ଅଞ୍ଚଳର ସ୍ୱେଚ୍ଛାସେବୀ ସଙ୍ଗଠନ ସ୍ୱାଭିମାନ ମଞ୍ଚ ପକ୍ଷରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ସୁଧାକର ସାହୁଙ୍କ ନେତୃତ୍ୱରେ କାଏମା ୧୪ନମ୍ବର କେନାଲ ବନ୍ଧ ପାର୍ଶ୍ୱରେ ବଉଳ, ଆକାଶୀ, କୃଷ୍ଣଚୂଡ଼ା, କଦମ ଓ ପିଜୁଳି ଆଦି ଚାରାରୋପଣ କରାଯାଇଛି। ପ୍ରତ୍ୟେକ ବ୍ୟକ୍ତି ନିଜ ଜନ୍ମଦିନ, ବିବାହ ବାର୍ଷିକୀ କିମ୍ବା କୌଣସି ଶୁଭ ଅବସରରେ ଅତିକମରେ ଗୋଟିଏ ଗଛ ଲଗାଇବାକୁ ମଞ୍ଚ ସମ୍ପାଦକ ନିକୁଞ୍ଜ ବେହେରା ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ଶିଶିର ମାହାଣା, ପ୍ରଦୀପ୍ତ ସାହୁ, ସୌମ୍ୟ ରଞ୍ଜନ ମହାନ୍ତି, ଚିନ୍ମୟ ଦାସ, ବିନୋଦ ବେଜ, ମନୋରଞ୍ଜନ ଜେନା, ସୁବ୍ରତ ସାହୁ, ଅବିନାଶ ବେହେରା, ମାନସ ରଞ୍ଜନ ସ୍ୱାଇଁ, କାର୍ତ୍ତିକ ମଲ୍ଲିକ, ଦେବବ୍ରତ ପଣ୍ଡା, ସୁକାନ୍ତ ସାହୁ, ଶିବପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ରାସ୍ତାରେ ଓଲଟି ପଡ଼ିଲା ଟ୍ରେଲର

**କଳିଙ୍ଗନଗର,୨୩ା୭ (ଶୁଭାଶିଷ ରାଉତ):**

ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପାଞ୍ଚଳକୁ ସଂଯୋଗ କରୁଥିବା ମିଲିଟାରୀ ଛକ-ଦମକଳ କେନ୍ଦ୍ର ରାସ୍ତାରେ ଏକ ଦୁର୍ଘଟଣା ଘଟିଛି। ରାସ୍ତାର ପେଟ୍ରୋଲ ପମ୍ପଠାରୁ କିଛି ଦୂରରେ ବୁଧବାର ରାତି ପ୍ରାୟ ୮ଟାରେ ଏକ ଟ୍ରେଲର ଟ୍ରକ ଉପରେ ଓଲଟି ପଡ଼ିଛି। ଫଳରେ ରାସ୍ତା ବନ୍ଦ ହୋଇଯିବାରୁ କିଛି ସମୟ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଛି। ଟ୍ରେଲର ଚାଳକ ସାମାନ୍ୟ ଆହତ ହୋଇଛନ୍ତି। ଟ୍ରେଲରଟି ଜିନ୍ଦଲ କାରଖାନାରୁ କଏଲ ଲୋଡ୍ କରି ଯାଉଥିଲାବେଳେ ଏହି ଦୁର୍ଘଟଣା ଘଟିଛି।

ଅନ୍ୟପକ୍ଷରେ ରାସ୍ତା ଖରାପ ଯୋଗୁ ଏଠାରେ ଦୈନିକ ଦୁର୍ଘଟଣା ଘଟୁଛି। ରାସ୍ତାରେ ଅଧିକାଂଶ ସ୍ଥାନରେ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଯଦ୍ଵାରା ଗାଡ଼ିଗୁଡ଼ିକ ଅଧିକାଂଶ ସମୟରେ ଓଲଟି ପଡୁଛି। ବାଇକ ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ପୂର୍ତ୍ତ ବିଭାଗ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।



ମିଲିଟାରୀ ଛକ-ଦମକଳ କେନ୍ଦ୍ର ରାସ୍ତାରେ ଟ୍ରେଲର ଓଲଟି ପଡିଛି।

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ବିଜ୍ଞପ୍ତି ସଂ.
MSM-TW-CERT-SBP-17-25

**କାର୍ଯ୍ୟର ନାମ :** ଦୁଇ ବର୍ଷ ଅବଧି ନିମନ୍ତେ ସମ୍ବଲପୁର ସଦର ଠାରେ **20 KG. CI** ଟେଷ୍ଟ ୱେଟ୍ସର ଲୋଡ଼ିଙ୍ଗ / ଅନଲୋଡ଼ିଙ୍ଗ, ପେଣ୍ଟିଙ୍ଗ, ସମନ୍ୱୟ ଏବଂ ପରୀକ୍ଷଣ, ଓଜନ ଏବଂ ମାପ ଆଇନ୍ ଓ ନିୟମ ଅନୁଯାୟୀ ଷ୍ଟେଟ୍ ଲିଗାଲ୍ ମେଟ୍ରୋଲୋଜି ବିଭାଗ, ଓଡ଼ିଶା ଦ୍ୱାରା ଯାଞ୍ଚ ପ୍ରମାଣପତ୍ର ଜାରି କରିବା ସହିତ ପରୀକ୍ଷଣ ୱାଗନର କ୍ରମାଙ୍କନ ଏବଂ ମୋହର ମାରିବା (**Calibration and Stamping**) ନିମନ୍ତେ ଶ୍ରମିକ ପ୍ରଦାନ କରିବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 25,07,468/-, **EMD :** ₹ 50,200/-, କାର୍ଯ୍ୟ ଶେଷ ହେବା ଅବଧି: 24 ମାସ।

(2) ଟେଣ୍ଡର ବିଜ୍ଞପ୍ତି ସଂ.
MSM-HYDPNE-SBP-KBJ-18-25

**କାର୍ଯ୍ୟର ନାମ :** ତିନି ବର୍ଷ ନିମନ୍ତେ ସମ୍ବଲପୁର ଏବଂ କଣ୍ଟାବାଞ୍ଜିର **140T BD** କ୍ରେନ୍‌ର ହାଇଡ୍ରୋଲିକ୍ ଏବଂ ନ୍ୟୁମେଟିକ୍ (**Hydraulic and Pneumatic**) ସିଷ୍ଟମ୍ (ମୁଖ୍ୟ ଇଞ୍ଜିନ୍ ଏବଂ **SLI** ସିଷ୍ଟମ ବ୍ୟତୀତ ସମସ୍ତ ସିଷ୍ଟମ)ର ରକ୍ଷଣାବେକ୍ଷଣ ନିମନ୍ତେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 40,35,968/-, **EMD :** ₹ 80,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 3,540/-, କାର୍ଯ୍ୟ ଶେଷ ହେବା ଅବଧି : 36 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: 06.08.2025, 1500 ଘଟିକା** (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

ଡିଭିଜନାଲ ମେକାନିକାଲ ଇଂଜିନିୟର(Frt), ସମ୍ବଲପୁର
PR-390/Q/25-26

**Government of Jharkhand**
**Urban Development and Housing Department**
**PHUSRO NAGAR PARISHAD (BOKARO)**

**Very Short Term Notice Inviting Tender**
**Re-E-Tender Notice No. : - PMC/04/2024-25 (2nd Call)**

| Group No. | Tender Reference No. | Description | Estimated Cost in Rs. | Earnest Money in Rs. | BOQ Document Fees in Rs. | Duration for Work |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 7 | PMC/07/ 04/2024-25 | Providing and Constructing of PCC Road work from Ragho Yadav House to Laxmi Paswan House to Rajendra Chouhan House, Hero Shop To Thakur House, Naveen Thakur House to Bangla Tak, Manoj Singh House to Karipani Main Road, Bijli Ghar to Varun Singh Office, Ganga Rajak House to Manoj Sharma House, Raju House to Chotu Shop, Main Road to Sarju Chouhan House, Back of New Qrtr to Shamshan Ghat upto 1700 M Length Under Nagar Parishad Phusro (Bokaro) | 1,00,51,483 | 2,01,100 | 10,000 | 06 Month |

1. Date of Publication of Tender on website (Online) - 25.07.2025 From 10:30 AM (Uploading of Bid Online Only)
2. Date of Downloading of Tender on website (Online) - 25.07.2025 From 10:30 AM (Downloading Bid Online Only)
3. Last Date and Time of Submitting of Bids (Online) - 31.07.2025 up to 05:00 PM (Submitting Bid Online Only)
4. Date and Time of Opening of Bid (Online Only) – 01.08.2025 From 10:30 AM (Opening of Bid Online Only)
5. Name of Online E-Tender Notice Inviting Officer - Mr. Rajeev Ranjan (Administrator, Phusro Nagar Parishad)
6. Name and Address of E-Tender Notice Inviting Office - Office of The Administrator, Phusro Nagar Parishad (Bokaro)
7. Contact No. of E-Procurement Officer – 06549-356303
8. Help Line No. of E-Procurement Office - 06549-356303
9. Only E-Tenders will be accepted. Further details can be seen on website http://jharkhandtenders.gov.in
10. The Executive Officer/Authority have reserves the right to reject/cancel/ postponed/extend of any one or all tender accepts at any stage without assigning any reasons and which cann't be challenged in any court.
11. Estimated Cost/BOQ Quantity may be vary increase or decrease as per decision and direction by Technical Authority/PhusroNagar Parishad, Bokaro and all term & conditions will be applicable as per given in NIT .

**Administrator**
**Phusro Nagar Parishad,Bokaro**

**PR 357973 Urban Development(25-26).D**

# କର୍କଟ ପୀଡ଼ିତଙ୍କୁ ସହାୟତାର ହାତ ବଢ଼ାଇଲେ ବିଧାୟକ

**ଚଢ଼େଇଧରା,୨୩ା୭ (ଦିଲୀପ ପରିଡ଼ା):**

ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଗଡ଼ମଧୁପୁର ଗ୍ରାମର ମାନସ ଧୀର(୩୮) କର୍କଟ ରୋଗରେ ପୀଡ଼ିତ ହୋଇଛନ୍ତି। ଏକଥା ଜାଣିବା ପରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ତାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ବିଧାୟକ ମାନସଙ୍କ ଘରକୁ ଯାଇ ତାଙ୍କୁ ଆଶ୍ୱାସନା ଦେବା ସହିତ ଉତ୍ତମ ଚିକିତ୍ସା ପାଇଁ ସବୁ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।


କର୍କଟ ପୀଡ଼ିତ ମାନସ ଧୀରଙ୍କ ସହ ବିଧାୟକ ହିମାଂଶୁ ଶେଖର ସାହୁ ଆଲୋଚନା କରୁଛନ୍ତି।

ଏଥିସହିତ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। କିପରି ମାନସ ଚିକିତ୍ସିତ ହୋଇ ଆରୋଗ୍ୟ ହୋଇ ପାରିବେ ସେଥିପ୍ରତି ଦୃଷ୍ଟି ଦେବେ ବିଧାୟକ କହିଛନ୍ତି।

# ଅନ୍ଧାର ପାଇଁ ଗାଁରେ ବଢୁଛି ଅପରାଧ

**ରସୁଲପୁର,୨୩ା୭(ରଞ୍ଜିତ ରାଉତ):**

## ଜିଲାପାଳଙ୍କୁ ସମସ୍ୟା ଜଣାଇଲେ ସାମାଜିକ କର୍ମୀ

ଯାଜପୁର ଜିଲାର ବିଭିନ୍ନ ପଞ୍ଚାୟତରେ ରାସ୍ତା ଆଲୋକୀକରଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ଅନ୍ଧାର ପାଇଁ ଗାଁରେ ଆପରାଧିକ କାର୍ଯ୍ୟ ବୃଦ୍ଧି ପାଉଛି। ଏହି ଘଟଣା ଏବେ ସାମାଜିକସ୍ତରରେ ଏକ ବଡ଼ ସମସ୍ୟା ଭାବରେ ଠିଆ ହୋଇଛି। ଏହି ସମସ୍ୟାକୁ ଦୂର କରିବା ଦିଗରେ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ସାମାଜିକ କର୍ମୀ ସିଦ୍ଧାନ୍ତ ମିଶ୍ର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ଦୀର୍ଘଦିନ ହେବ ମୁଖ୍ୟମନ୍ତ୍ରୀ ଓ ଜିଲାପ୍ରଶାସନକୁ ସାମାଜିକ ଗଣମାଧ୍ୟମ, ଏକ୍ସ ଜରିଆରେ ଅବଗତ କରାଇଆସୁଛନ୍ତି। ହେଲେ ତାଙ୍କ ସୂଚନାକୁ ସରକାରୀ ଓ ପ୍ରଶାସନିକସ୍ତରରେ ଅଣଦେଖା କରାଯାଉଛି। ଗାଁ ଦାଣ୍ଡକୁ ଅନ୍ଧକାରମୁକ୍ତ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଉ ନାହିଁ ବୋଲି ସେ ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆ ନ ଗଲେ ସେ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।

ସେ ଦର୍ଶାଇଛନ୍ତି, ଜିଲାର ଅଧିକାଂଶ ପଞ୍ଚାୟତରେ ୩ବର୍ଷ ହେଲା ଷ୍ଟ୍ରିଟ୍ ଲାଇଟ୍ ଜଳୁନାହିଁ। ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ଗାଁକୁ ପାଣି, ଆଲୁଅ, ଗମନାଗମନ ଭଳି ସୁବିଧା ପ୍ରଦାନ କରାଯାଉଥିଲା। ଏହି ଯୋଜନା ବନ୍ଦ ହୋଇଯିବା ପରଠାରୁ ଗାଁ ରାସ୍ତାରେ ଲାଗିଥିବା ବିଜୁଳିବତି ଜଳୁନାହିଁ। ଏହାକୁ ମରାମତି କରିବା ପାଇଁ ସରକାରୀସ୍ତରରେ ପଦକ୍ଷେପ ନିଆଯାଉ ନାହିଁ। ବିଜୁଳି ଖୁଣ୍ଟରେ ନୂତନ ଆଲୋକ ଲଗାଇବା ବ୍ୟବସ୍ଥା କରାଯାଉ ନାହିଁ। ଫଳରେ ଗାଁ ଦାଣ୍ଡ ଅନ୍ଧକାରମୟ ହୋଇଉଠିଛି। ଏହି ଅନ୍ଧକାରର ସୁଯୋଗରେ ଗାଁରେ ଚୋରି, ଡକାୟତି, ବଳାତ୍କାର, ଅସଦାଚରଣ ବଢ଼ିଚାଲିଛି। ପିଲାମାନଙ୍କ ପାଠପଢା ବାଧାପ୍ରାପ୍ତ ହେଉଛି।

ଯାଜପୁର ଜିଲା ଏକ ଖଣି ଓ କଳକାରଖାନା ବହୁଳ। ସରକାରଙ୍କ ପକ୍ଷରୁ ଜିଲା ଖଣିଜ ପାଣ୍ଠିକୁ ମନଇଚ୍ଛା ଖର୍ଚ୍ଚ କରାଯାଉଛି। ହେଲେ ଆଲୋକୀକରଣ ଦିଗରେ ଟଙ୍କାଟିଏ ବ୍ୟୟ କରାଯାଉନାହିଁ। ରାଜ୍ୟ ସରକାର ବିଦ୍ୟୁତ୍ ସରବରାହ ସଂସ୍ଥାକୁ ଘରୋଇ କମ୍ପାନୀ ଟାଟା ପାୱାର ହାତକୁ ଟେକି ଦେଇଛନ୍ତି। ଟାଟା କମ୍ପାନୀ ପକ୍ଷରୁ ସିଏସଆର(କର୍ପୋରେଟ୍ ସୋସିଆଲ ରେସପନ୍ସିବିଲିଟି) କାର୍ଯ୍ୟକ୍ରମକୁ ଅଧିକ ପ୍ରାଧାନ୍ୟ ଦିଆଯିବାର ବିଧି ରହିଛି। ହେଲେ କମ୍ପାନୀ ପକ୍ଷରୁ ବିଦ୍ୟୁତ ବିଲ୍ ଆଦାୟ ଆଳରେ ଗ୍ରାହକଙ୍କୁ ଶୋଷଣ କରାଯାଉଛି। ହେଲେ ଗ୍ରାହକ ବସବାସ କରୁଥିବା ଗାଁକୁ ଆଲୋକୀକରଣ କରିବା ଉପରେ ଗୁରୁତ୍ୱ ଦିଆଯିବାକୁ ସରକାରଙ୍କ ପକ୍ଷରୁ କମ୍ପାନୀକୁ କୌଣସି ନିର୍ଦ୍ଦେଶ ଦିଆଯାଉ ନାହିଁ। ଖଣିଜପାଣ୍ଠି ଅର୍ଥରୁ ଏ ବାବଦରେ ଅନୁଦାନ ପ୍ରଦାନ କରିବାରେ କୌଣସି ଯୋଜନା କରାଯାଉ ନାହିଁ। ଏସବୁ ବିଫଳତା କାରଣରୁ ଗାଁ ଅନ୍ଧକାର ଦୂର ହୋଇପାରୁନାହିଁ। ତେଣୁ ଗାଁ ଦାଣ୍ଡରେ ସରକାରୀ ଭାବରେ ଲାଗିଥିବା ବିଜୁଳିବତୀଗୁଡ଼ିକୁ ମରାମତି କରିବା ସହ ନୂତନ ଲାଇଟ୍ ଲଗାଇବା ଓ ଆଲୋକୀକରଣ ହୋଇନଥିବା ଗାଁରେ ବିଜୁଳି ଆଲୁଅ ସଂଯୋଗ କରିବା ପାଇଁ ବ୍ୟୟବରାଦ କରିବାକୁ ସେ ଦାବିପତ୍ରରେ ଦର୍ଶାଇଛନ୍ତି।

**ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ (ଇ-ୟୁଜିବି)**
କ୍ଷେତ୍ରୀୟ କାର୍ଯ୍ୟାଳୟ-ବ୍ରହ୍ମପୁର, ୨ୟ ଏବଂ ୩ୟ ମହଲା, ହର୍ଷ ଆର୍‌କେଡ୍, ସୁବା ରାଓ ସ୍କୋୟାର, ଜନାନା ହସ୍ପିଟାଲ ରୋଡ୍,
ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଇ-ମେଲ: ro.berhampur@ukgb.in

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍**

ନିମ୍ନ ସ୍ୱାକ୍ଷରକାରୀ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ ୨୦୦୨ ର ରୁଲ୍ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ, ନିମ୍ନଲିଖିତ ରଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। କଥିତ ନୋଟିସ୍ ଅନୁଯାୟୀ ସେମାନଙ୍କୁ ସେମାନଙ୍କର ସମ୍ପୂର୍ଣ୍ଣ ଦେୟ ରାଶି ସହିତ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ ଆଦି ବ୍ୟାଙ୍କ / ସୁରକ୍ଷିତ ରଣଦାତାଙ୍କୁ କଥିତ ନୋଟିସ୍‌ର **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଉକ୍ତ ନୋଟିସ୍‌କୁ ଏ.ଡି. ସହିତ ରେଜିଷ୍ଟ୍ରି ଡାକରେ ରଣଗ୍ରହୀତାଙ୍କ ପାଖକୁ ପଠାଯାଇଥିଲା। କିନ୍ତୁ ତାହା ଡାକ ବିଭାଗ ପକ୍ଷରୁ ଅପ୍ରାପ୍ତି ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଫେରସ୍ତ ଆସିଛି। ବ୍ୟାଙ୍କ ଦ୍ୱାରା ବନ୍ଧକପ୍ରାପ୍ତ ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ଏତଦ୍‌ଦ୍ୱାରା ପୁନଶ୍ଚ ରଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏହି ନୋଟିସ୍ ପ୍ରକାଶିତ ହେବାର **୬୦ଦିନ** ମଧ୍ୟରେ ସେମାନଙ୍କର ଆକାଉଣ୍ଟର ନିମ୍ନମତେ ଦର୍ଶିତ ବକେୟା ଦେୟରାଶି ସହିତ ପରବର୍ତ୍ତୀ ସୁଧ, ଦେୟ ଓ ଆଇନଗତ ଖର୍ଚ୍ଚ ପୈଠ କରିବାକୁ କୁହାଯାଇଛି। ଯଦି ସେମାନେ ବ୍ୟାଙ୍କକୁ **୬୦ଦିନ** ମଧ୍ୟରେ ସମ୍ପୂର୍ଣ୍ଣ ଦେୟ ପୈଠ କରିବାରେ ବିଫଳ ହୁଅନ୍ତି ତେବେ ନିମ୍ନସ୍ୱାକ୍ଷରକାରୀ ରଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ବିରୁଦ୍ଧରେ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୪) ଅନୁଯାୟୀ ଏକ କିମ୍ବା ଏକାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବେ। କଥିତ ଆକ୍ଟର ଧାରା ୧୩(୧୩) ଅନୁଯାୟୀ ନିମ୍ନବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ବ୍ୟାଙ୍କର ଅନୁମତି ବିନା ବିକ୍ରୟ, ଲିଜ୍ ଆଦି ମାଧ୍ୟମରେ ହସ୍ତାନ୍ତରିତ କିମ୍ବା ଦଖଲ କରିବା ପାଇଁ ସେମାନଙ୍କୁ ନିଷେଧ କରାଯାଉଅଛି। ବ୍ୟାଙ୍କ ଦ୍ୱାରା ପ୍ରଚଳିତ ବ୍ୟବସ୍ଥାରେ ବଳବତ୍ତର ଥିବା ଆଇନ ଅନୁଯାୟୀ ଆବଶ୍ୟକ ସ୍ଥଳେ ସଠିକ୍ ବିଚାର୍ଯ୍ୟ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ / ଆଇନଗତ ପ୍ରକ୍ରିୟା ଆରମ୍ଭ କରିବାର ଅଧିକାରକୁ ପ୍ରତିହତ ନକରି ଏହି ନୋଟିସ୍ ଜାରି କରାଯାଇଛି।

| ଶାଖା / ରଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ / ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ନୋଟିସ୍ ତାରିଖ / ବକେୟା ପରିମାଣ | ସମ୍ପତ୍ତିଗୁଡ଼ିକର ବିବରଣୀ / ରଣ ପ୍ରକାର |
|---|---|---|
| **କୋଦଳା ଶାଖା /** **ରଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ମହେଶ୍ୱର ରାଉତ,** ପିତା: ୰ ଧନୁ ରାଉତ, ସା: ବିରିବାଟିଆ, ପୋ: କେ. ବରିଡ଼ା, ଭାୟା: ବେଗୁନିଆପଡ଼ା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୩୧ / **ଆକାଉଣ୍ଟ ନଂ.: ୮୪୦୬୦୩୪୪୫୮୨** | ୦୪.୦୬.୨୦୨୫ / ୦୪.୦୬.୨୦୨୫ ସୁଦ୍ଧା ଟ.୬,୧୮,୦୨୩.୦୦ + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | **ଶ୍ରୀ ମହେଶ୍ୱର ରାଉତ,** ପିତା: ଶ୍ରୀ ଧନୁ ରାଉତଙ୍କ ନାମରେ ରେକର୍ଡଭୁକ୍ତଥିବା ଜମି ଏବଂ ଗୃହ ଯାହାର ମୌଜା: ବିରିବାଟିଆ, ତହସିଲ: କୋଦଳା (୨୩୫), ଥାନା: କୋଦଳା (୨୩୫), ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୪୨୫/୧୮୬, ପ୍ଲଟ୍ ନଂ.: ୫୨୩/୩୨୪୫/୩୨୫୨, କ୍ଷେତ୍ର: ଏକର ୦.୦୧୩ ଡିସିମିଲି, ପ୍ଲଟ୍ ନଂ.: ୫୨୪/୩୨୪୬/୩୨୫୩, କ୍ଷେତ୍ର: ଏକର୦.୦୧୮ଡିସିମିଲି, **ସମୁଦାୟ ୧ଟି ଖାତା, ୨ଟି ପ୍ଲଟ୍, ସମୁଦାୟ କ୍ଷେତ୍ର: ଏକର୦.୦୩୧ଡିସିମିଲି / ବନ୍ଧକ ଋଣ** |
| **କୋଦଳା ଶାଖା /** **ରଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ଭ୍ରମର ପ୍ରଧାନ,** ପିତା: ୰ ଦିନ ପ୍ରଧାନ, ସା: ହରିଡ଼ାମୂଳ, ପୋ: ଶ୍ୟାମସୁନ୍ଦରପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୩୦ / **ଆକାଉଣ୍ଟ ନଂ.: ୮୪୦୬୪୨୬୧୩୮୪** | ୦୪.୦୬.୨୦୨୫ / ୦୪.୦୬.୨୦୨୫ ସୁଦ୍ଧା ଟ.୯,୪୦,୯୩୩.୦୦ + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | **ଶ୍ରୀ ଭ୍ରମର ପ୍ରଧାନ,** ପିତା: ୰ ଦିନ ପ୍ରଧାନଙ୍କ ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ଗୃହ ଯାହାର ମୌଜା: ହରିଡ଼ାମୂଳ, ତହସିଲ: ଖଲ୍ଲିକୋଟ (୨୬୩), ଥାନା: ଖଲ୍ଲିକୋଟ (୧୫୫), ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୩୮/୧୧୭, ପ୍ଲଟ୍ ନଂ.: ୩୯/୩୭୩, କ୍ଷେତ୍ର: ଏକର୦.୦୨୨ଡିସିମିଲି / **ବନ୍ଧକ ଋଣ** |
ଏହିଅବସରରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ ପ୍ରଧାନଶିକ୍ଷକଙ୍କ ଦ୍ୱାରା ବିଦ୍ୟାଳୟ ମୁଖ୍ୟ ଫାଟକର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଇକୋ କ୍ଲବ ଇନଚାର୍ଜ ନଳିନୀ ପ୍ରଭା ଦାସଙ୍କ ନେତୃତ୍ୱରେ ଚାରାରୋପଣ କରାଯାଇଥିଲା। ବିଦ୍ୟାଳୟର ଭି. ଟି ସିପନ କୁମାର ବେହେରାଙ୍କ ନେତୃତ୍ୱରେ ବିଶ୍ୱ ଦକ୍ଷତା ଦିବସ ପାଳନ ଅବସରରେ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ କରାଯାଇଥିବା ଚିତ୍ରକଳା, ସାଧାରଣଜ୍ଞାନ ଆଦି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ନଳିନୀ ପ୍ରଭା ଦାସ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀଶିକ୍ଷକ ଶୁଭଶ୍ରୀ ବିଶ୍ୱାଳ, ଖଗେଶ୍ୱର ଯେନା, ମୁମସାଦ ଖାନ, ପ୍ରିୟରଞ୍ଜନ ବେହେରା, ପାର୍ବତୀ ବେହେରା, ବିଜୟା ମଲ୍ଲିକ, ପ୍ରକାଶ ମଲ୍ଲିକ, କୈବଲ୍ୟ ପ୍ରସାଦ ପଣ୍ଡା, ପ୍ରିୟଙ୍କା ସାମଲ, ଶିକ୍ଷାକର୍ମୀ ବିଶ୍ୱନାଥ ପଣ୍ଡା, ନବ କିଶୋର ସାହୁ ଓ ସମର୍ଜିତ ସାହୁ ପ୍ରମୁଖ ସହଯୋଗ କରିଥିଲେ।




ଉତ୍ସବରେ ଅତିଥି ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ।

# ପ୍ରଯୁକ୍ତିବିଦ୍ୟା ସହ ଆଗକୁ ବଢ଼ିବାକୁ ପରାମର୍ଶ



ଯାଜପୁର ଜିଲା ଷ୍ଟାଫ କମିଟି ତରଫରୁ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି ।

## ଯାଜପୁର ଜିଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଯାଜପୁର ଟାଉନ/ଯାଜପୁର ସଦର,୨୩।୭(ପ୍ରୟକ୍ତା ପ୍ରିୟଦର୍ଶିନୀ ମହାନ୍ତି/ସମର ବିଜୟ ଶରଣ):** ଯାଜପୁର ଜିଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କ ମଙ୍ଗଳବାର ଅବକାରୀ କମିଶନର ଭାବେ ବଦଳି ହୋଇଛି। ସେ ୨୦୨୪ ଅଗଷ୍ଟ ୧୨ରେ ଯାଜପୁର ଜିଲାପାଳ ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଯାଜପୁର ଜିଲା ଷ୍ଟାଫ କମିଟି ତରଫରୁ ବୁଧବାର ଅପରାହ୍ନରେ ଜିଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ ସ୍ୱାଇଁ ଜିଲାପାଳଙ୍କ କାର୍ଯ୍ୟଦକ୍ଷତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହାପରେ ଜିଲାପାଳ ରେଡ୍ଡୀ ଅତିରିକ୍ତ ଜିଲାପାଳ ସ୍ୱାଇଁଙ୍କୁ କାର୍ଯ୍ୟଭାର ଅର୍ପଣ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଜିଲାପାଳ ସମସ୍ତଙ୍କୁ ବ୍ୟକ୍ତିଗତ ଜୀବନ ତଥା ବୃତିଗତ ଜୀବନରେ ବହୁ ଆଗକୁ ଯିବାକୁ କାମନା କରିଥିଲେ। ସେ କହିଥିଲେ, ଜିଲାରେ ହୋଇଥିବା ସମସ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଗୁରୁଦାୟିତ୍ୱ ନିର୍ବାହ କରିଛନ୍ତି। ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ଆଗାମୀ ଦିନରେ ଜିଲା ଯେପରି ଆହୁରି ଆଗକୁ ଯିବ ତାହା କାମନା କରିଥିଲେ। ନୂଆ ପ୍ରଯୁକ୍ତିବିଦ୍ୟା ସହ ଆଗକୁ ବଢ଼ିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଲୋକମାନଙ୍କ ପାଖରେ ଯେପରି ସମସ୍ତ ସରକାରୀ ସୁବିଧା ପହଞ୍ଚି ପାରିବ ସେ ଦିଗରେ ଯତ୍ନବାନ ହେବା ଏବଂ କାର୍ଯ୍ୟ କରିବା ନିମନ୍ତେ ସମସ୍ତଙ୍କୁ କହିଥିଲେ। ଯାଜପୁରରୁ ବହୁତ ଭଲ ସ୍ମୃତି ଅନୁଭବ ନେଇକି ଯାଉଛି ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଏହି ସଭାରେ ଜିଲାପାଳଙ୍କ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ କୁଳମଣି ନାୟକ, ଡେପୁଟି କଲେକ୍ଟର ଅଙ୍କିତା ବାରିକ, ବାସୁଦେବ ନାୟକ, ଆଲୋକ ରଞ୍ଜନ ଦେହୁରି, ନିର୍ବାଚନ ଅଧିକାରୀ ତାପସ ସାହୁ, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରଭାତୀ ସାହୁ, କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡ୍ଡୁ, ଷ୍ଟାଫ କମିଟିର ସଭାପତି ନିଗମା ନନ୍ଦ ମାନ୍ଧାତା, ଦେବେନ୍ଦ୍ର ନାଥ କର, ଲକ୍ଷ୍ମୀଧର ସଏ, ସସ୍ମିତା ବେହେରା ଓ ମାନସୀ ସାହୁଙ୍କ ସମେତ ଜିଲା ଓ ଜିଲା ପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ମୃତକଙ୍କ ପରିବାରକୁ ସହାୟତା



ଦେବେନ୍ଦ୍ର ଦାସଙ୍କ ପରିବାରକୁ କୃଷକ ବିକାଶ ପରିଷଦ ପକ୍ଷରୁ ସହାୟତା ଦିଆଯାଉଛି ।

**ବିଞ୍ଝାରପୁର,୨୩।୭(ରାମକୃଷ୍ଣ ଦାସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କପିଳା ପଞ୍ଚାୟତରେ ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିବା ଦେବେନ୍ଦ୍ର ଦାସଙ୍କ ପରିବାରକୁ ବୁଧବାର ସହାୟତା ପ୍ରଦାନ କରାଯାଇଛି। କୃଷକ ବିକାଶ ପରିଷଦ କର୍ମକର୍ତ୍ତା ତାଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ୧୦ ହଜାର ଟଙ୍କା ଆର୍ଥିକ ସହାୟତା କରିଛନ୍ତି। ପରେ ଦେବେନ୍ଦ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଚାରାରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା କୃଷକ ବିକାଶ ପରିଷଦର ରାଜ୍ୟ ସଭାପତି ଦେବବ୍ରତ ଦାସ, ଜିଲା ସଭାପତି ଧୀରେନ ଦାସ, ସଂଗଠନର ପ୍ରତିଷ୍ଠାତା ଉମାବଲ୍ଲଭ ସାହୁ, ସାମାଜିକ କର୍ମୀ ପଦ୍ମାକର ଗୁରୁ, ସ୍ଥାନୀୟ ସରପଞ୍ଚ ଦେବଦତ୍ତ ସେଠୀ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ବାବାଜୀ ଚରଣ ଦାସ, ରାଜ୍ୟ ଉପସଭାପତି ବିଜୟ ଦେବତା, ଜିଲା ଉପସଭାପତି ସୁଶାନ୍ତ ମହାପାତ୍ର, ସୁରେନ୍ଦ୍ର ଶତପଥୀ, ଶ୍ରୀବନ୍ତ ବାରିକ, ଡାକ୍ତର ଶୁକଦେବ ଢ଼ାଲି, ଖବରଦାତା ଦେବୀ ଦତ୍ତ ସାମଲ, ଚନ୍ଦ୍ର ନାରାୟଣ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# 'ରମାଦେବୀ ତ୍ୟାଗ, ସେବାର ପ୍ରତୀକ'

**ଯାଜପୁରରୋଡ୍,୨୩।୭ (ପବିତ୍ର ରଞ୍ଜନ ମହାନ୍ତି):** ବ୍ୟାସନଗର ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟ ଓଡ଼ିଆ ସମ୍ମାନ ବିଭାଗ ପକ୍ଷରୁ ମା' ରମା ଦେବୀଙ୍କ ୪୦ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସୁମିତ୍ରା ରାଉତ, ଅଧ୍ୟାପକ ମଳୟ ମଲ୍ଲିକ, ଅଧ୍ୟାପିକା ଝୁନୁମଣୀ ଜେନା ରମାଦେବୀଙ୍କ ତୈଳଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରି କହିଥିଲେ, ରମାଦେବୀ ତ୍ୟାଗ, ସେବା ଓ ମୂର୍ତ୍ତିମନ୍ତର ପ୍ରତୀକ ଥିଲେ। ତେଣୁ ରମାଦେବୀଙ୍କ ତ୍ୟାଗପୂତ ଜୀବନ ଧାରାରେ ଅନୁପ୍ରାଣିତ ହେବା ପାଇଁ ସେମାନେ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରୀ ତୁଳସୀ ସାମଲ, ସ୍ମୃତିସାଗରିକା ଜେନା, ସୋନାଲି ରଣା, ମାନିନୀ ବେହେରା, ପ୍ରିୟଙ୍କା ପ୍ରିୟଦର୍ଶିନୀ ମହାନ୍ତି, ମୋନାଲିସା ମଲିକ, ମୃଣ୍ମୟୀ ତରେଇ, ଏଲିଜା ପ୍ରିୟଦର୍ଶିନୀ ବ୍ରହ୍ମ, ବାସନ୍ତୀ ମଣ୍ଡଳ, ମମତା ମଲ୍ଲିକ, ରୂପାଲି କରଣ, ସୀତାମଣି ସୋରେନ, ଲିଜା ବିଶାଳ ପ୍ରମୁଖ ମା' ରମା ଦେବୀଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟାମାନଙ୍କ ମଧ୍ୟରେ ଶୁଭସ୍ମିତା ନାୟକ, ମଧୁସ୍ମିତା ପଣ୍ଡା, ମଧୁ ସ୍ମିତା ସାହୁ, ସୀମା ଦାସ, ଗାୟତ୍ରୀ ବେହେରା, ବର୍ଷା ପ୍ରିୟଦର୍ଶିନୀ ପଣ୍ଡା, ନିବେଦିତା ସ୍ୱାଇଁ ଓ ସନ୍ଧ୍ୟାରାଣୀ ମୁଦୁଲି ପ୍ରମୁଖ ଛାତ୍ରୀ ଉପସ୍ଥିତଥିଲେ। ଛାତ୍ରୀ ସାଗରିକା ଜେନା ଧନ୍ୟବାଦ ଦେଇଥିଲେ।



ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟ ଓଡ଼ିଆ ସମ୍ମାନ ବିଭାଗ ପକ୍ଷରୁ ମା' ରମା ଦେବୀଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି ।

# ସହର ବିକାଶ ଉପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

## ଯାଜପୁର ଏବଂ ବ୍ୟାସନଗର ନଗରପାଳିକାର ଅଧକ୍ଷା, ଅଧକ୍ଷ ଓ କାଉନସିଲର ନେଲେ ପ୍ରଶିକ୍ଷଣ




ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ ।

**ଯାଜପୁର ଟାଉନ,୨୩।୭ (ପ୍ରୟକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ସହର ବିକାଶ ଉଦ୍ୟମ ଉପରେ ଅନୁଭୂତିମୂଳକ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଏବଂ ବ୍ୟାସନଗର ନଗର ପାଳିକା ଅଧକ୍ଷା, ଅଧକ୍ଷ ଓ କାଉନସିଲରମାନେ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି। ବାସୁଦେବପୁର ନଗରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ ମାଷ୍ଟର ଟ୍ରେନର ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ସହଯୋଗ ଯୋଜନା, ସହରର ବିଭିନ୍ନ ଉନ୍ନୟନ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦, ଜଳାଶୟ ପୁନଃଜୀବନ ତଥା ପୁନରୁଦ୍ଧାର ଯୋଜନା ବିଷୟରେ ଉପସ୍ଥିତ ଅଧକ୍ଷା, ଅଧକ୍ଷ ଏବଂ ସମସ୍ତ କାଉନସିଲରଙ୍କୁ ତାଲିମ ପ୍ରଦାନ କରିଥିଲେ। ଚାନ୍ଦବାଲି ବିଜ୍ଞାପିତ ଅଞ୍ଚଳ ପରିଷଦର ସହକାରୀ ଯନ୍ତ୍ରୀ ପ୍ରଭାତ କୁମାର ସାହୁ ମାଷ୍ଟର ଟ୍ରେନର ଭାବେ ଅଂଶ ଗ୍ରହଣ କରି ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମ ଯାଜପୁର ନଗରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ରାଉତଙ୍କ ଦ୍ୱାରା ସଞ୍ଚାଳିତ ହୋଇଥିଲା। ଯାଜପୁର ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ ଅଧକ୍ଷତା କରିଥିଲେ। ଯାଜପୁର ନଗରପାଳିକା ଅଧକ୍ଷା ରଞ୍ଜୁଲତା ହୋତା ଓ ବ୍ୟାସନଗର ନଗରପାଳିକାର ଅଧକ୍ଷ ସୁବାସ ଚନ୍ଦ୍ର ବଳ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରଶିକ୍ଷଣ ମାଧ୍ୟମରେ ନିର୍ବାଚିତ ପ୍ରତିନିଧିମାନେ ସ୍ଥାନୀୟସ୍ତରରେ ସହର ବିକାଶ ଯୋଜନାଗୁଡ଼ିକୁ କିପରି କ୍ରିୟାନ୍ୱୟନ କରିପାରିବେ ସେ ସମ୍ପର୍କରେ ଅବଗତ ହୋଇଥିଲେ।

## ଯୁବକଙ୍କୁ ଅପହରଣ ଅଭିଯୋଗ

ପଟ୍ଟାମୁଣ୍ଡାଇ,(କଳ୍ପତରୁ ନାୟକ): ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଳଭଦ୍ରପୁର ପଞ୍ଚାୟତ ବାଲିପାଟଣା ଗ୍ରାମର ମନୋଜ କୁମାର ଦାଶ ରାଜନଗର ବଜାରରେ କାମ କରନ୍ତି। କିନ୍ତୁ ଗତ ୧୭ ତାରିଖଠାରୁ ତାଙ୍କର କୌଣସି ପତ୍ତା ମିଳୁନାହିଁ। ବହୁ ଖୋଜା ଖୋଜି ପରେ କୌଣସି ସନ୍ଧାନ ନ ମିଳିବାରୁ ପରିବାର ଲୋକ ଓ ପଞ୍ଚାୟତବାସୀ ଏ ସମ୍ପର୍କରେ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି। କେହି ତାଙ୍କୁ ଅପହରଣ କରି ନେଇଥିବା ସନ୍ଦେହ କରାଯାଉଛି। ରାଜନଗର ଥାନା ପୋଲିସ ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିଛି। ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା ପୋଲିସ ଉପଯୁକ୍ତ ତଦନ୍ତ କରି ମନୋଜଙ୍କୁ ଠାବ କରିବା ପାଇଁ ଅନୁରୋଧ କରିଛନ୍ତି।

# ଯାତ୍ରୀ ସୁରକ୍ଷା ଲାଇଫ୍ ଜ୍ୟାକେଟ ଦାବିରେ ଘାଟ ବନ୍ଦ

### ଝାଡ଼ମାଲ ନଦୀଘାଟ ରାସ୍ତା ସୁଦୃଢ଼ୀକରଣ ଦାବି

ରାଜକନିକା,୨୩।୭(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ସହ ପଡୋଶୀ ରାଜନଗର ବ୍ଲକକୁ ସଂଯୋଗ କରୁଥିବା କାଟଣା ପଞ୍ଚାୟତର ବ୍ରାହ୍ମଣୀ ନଦୀର ଝାଡ଼ମାଲ ଘାଟ ଯାଏ ଯାତାୟାତ ପାଇଁ ଆପ୍ରୋଚ ରାସ୍ତାରେ ଭାରିଯାନ ଯାଆସ କରୁଥିବାରୁ ଫାଟ ସୃଷ୍ଟି ହେବା ସହ ଦବି ଯାଇଛି। ଏଥିସହ ଘାଟ ଡଙ୍ଗାରେ ଯାତ୍ରୀଙ୍କ ପାରଉତାର ଲାଗି ଲାଇଫ୍ ଜ୍ୟାକେଟ ବ୍ୟବହାର ହେଉ ନ ଥିବା ଭଳି ୨ଟି ଗୁରୁତର ଅନିୟମିତତାକୁ ନେଇ ବୁଧବାର ଝାଡ଼ମାଲ ଅଞ୍ଚଳର ଯୁବକ ଦିଲୀପ କୁମାର ନାୟକ, ପ୍ରଦୀପ କୁମାର ନାୟକ, ସୂର୍ଯ୍ୟକାନ୍ତ ନାୟକ, ପପୁ ମହାନ୍ତି, ପିଣ୍ଟୁ ନାୟକ, ସତ୍ୟଜିତ୍ ନାୟକ, ବିଜନ ନାୟକ, ନବୀନ ନାୟକ, ପ୍ରତାପ ବାରିକ, ପ୍ରମୋଦ ନାୟକ, ଉମାକାନ୍ତ ନାୟକ, ଅରୁଣ କୁମାର ନାୟକ ପ୍ରମୁଖ ପ୍ରତିବାଦ କରି ଘାଟ ବନ୍ଦ କରିଛନ୍ତି।

କାଟଣା-ବଣିଆଁ ପଞ୍ଚାୟତ ଅଧୀନରେ ଥିବା ବ୍ରାହ୍ମଣୀ ନଦୀରେ ଝାଡ଼ମାଲ ଘାଟରେ ଦୈନନ୍ଦିନ ବହୁ ଯାତ୍ରୀ ଡଙ୍ଗା ଦ୍ୱାରା ନଦୀ ପାର ହୋଇ ଯାତାୟାତ କରନ୍ତି। ଲୋକଙ୍କ ଯିବା ଆସିବା ସୁବିଧା ପାଇଁ ପଞ୍ଚାୟତ ପକ୍ଷରୁ ନଦୀ ଘାଟ ଯାଏ ଏକ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା। ଆରଡି ରାସ୍ତାଠାରୁ ପ୍ରାୟ ୬ ଶହ ମିଟର ଲମ୍ବ ଏହି ରାସ୍ତାରେ ୨ ଚକିଆ ଯିବା ଆସିବା କରିବା କଥା। ମାତ୍ର ଚିଙ୍ଗୁଡ଼ି ଫାର୍ମ ପାଇଁ ବ୍ୟବସାୟିକ ଦୃଷ୍ଟିକୋଣରୁ ଦୈନନ୍ଦିନ ଏହି ରାସ୍ତା ଦେଇ ବଡ଼ ଗାଡ଼ି ଯିବା ଆସିବା କରୁଛି। ଫଳରେ ରାସ୍ତା ଫାଟି ଯିବା ସହ ଦବି ଯାଇଛି। ଅଞ୍ଚଳବାସୀଙ୍କ ବିରୋଧ ସତ୍ତ୍ୱେ ଅଞ୍ଚଳର ଜଣେ ବ୍ୟକ୍ତି ଏହି ରାସ୍ତା ଦେଇ ନିଜ ଚିଙ୍ଗୁଡ଼ି ଫାର୍ମକୁ ଟ୍ରକ୍, ପିକ୍‌ଅପ୍ ଭ୍ୟାନ ଆଦି ଭାରିଯାନଗୁଡ଼ିକୁ ନେଉଥିବାରୁ ତାହା ନଷ୍ଟ ହେଇଯାଇଛି। ଏହାର ପ୍ରତିବାଦରେ ବୁଧବାର ଝାଡ଼ମାଲ ଅଞ୍ଚଳର ଯୁବକମାନେ ଘାଟ ବନ୍ଦ କରିଛନ୍ତି। ଘାଟ ରାସ୍ତା ବିପର୍ଯ୍ୟସ୍ତ କରିଥିବା ଚିଙ୍ଗୁଡ଼ି ଚାଷୀଙ୍କ ଭାରିଯାନ ଚଳପ୍ରଚଳ ଉପରେ ପ୍ରଶାସନ କଟକଣା ଲଗାଇବା, ଘାଟରେ ଯାତ୍ରୀଙ୍କ ପାଇଁ ଲାଇଫ୍ ଜ୍ୟାକେଟ ବ୍ୟବହାରକୁ ସୁନିଶ୍ଚିତ କରି ଜୀବନରକ୍ଷା ଭଳି ପଦକ୍ଷେପ ଆଦି ଦାବିରେ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଘାଟ ବନ୍ଦ କରାଯାଇଥିଲା। ସମସ୍ତ ଖବର ବ୍ଲକ ପ୍ରଶାସନ ପାଖରେ ଥିଲେ ମଧ୍ୟ କୌଣସି ତ୍ୱରିତ ପଦକ୍ଷେପ ନେଉନାହିଁ। ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତିବର୍ଷ ମାର୍ଚ୍ଚ ମାସରେ ଏହି ଘାଟକୁ ନିଲାମ ଦେଇ ପଞ୍ଚାୟତକୁ ତାର ତଦାରଖ ଦାୟିତ୍ୱ ଦେଇଥାଏ। ମାତ୍ର ଚଳିତବର୍ଷ ଏହି ଘାଟ ଏଯାଏ ନିଲାମ ହୋଇ ନ ଥିବା ବେଳେ, ପଞ୍ଚାୟତ ପକ୍ଷରୁ ଏହାକୁ ଦୈନିକ ଭଡ଼ା ସୂତ୍ରରେ ପରିଚାଳନା କରିବାକୁ ପୂର୍ବରୁ ଘାଟ ନେଇଥିବା ବ୍ୟକ୍ତିକୁ ଘାଟ ଚଲାଇବାର ଅନୁମତି ଦେଇଛି। ଏହି ଘାଟ ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ, ନଷ୍ଟ ହୋଇଥିବା ରାସ୍ତା ମରାମତି, ଘାଟରେ ଯାତ୍ରୀଙ୍କ ସୁରକ୍ଷା ପାଇଁ ଲାଇଫ୍ ଜ୍ୟାକେଟ ପ୍ରଚଳନ ବାଧ୍ୟତାମୂଳକ କରିବାକୁ ବ୍ଲକ ପ୍ରଶାସନକୁ ଜଣାଇଥିଲେ ମଧ୍ୟ ଏ ସମ୍ପର୍କରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏହି ପ୍ରତିବାଦକୁ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଗୁରୁତ୍ୱ ଦେଇ ସମାଧାନ କରିବାକୁ ଆଲୋନ କରିଥିବା ଯୁବକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ରାଜକନିକା ବିଡିଓ ଦାୟିତ୍ୱରେ ଥିବା କନିକା ତହସିଲଦାର ଭାନୁମତୀ ମାଝୀଙ୍କୁ ପଚାରିବାରେ ଘଟଣା ସମ୍ପର୍କରେ ଜାଣିବା ପରେ ଆର୍‌ଆଇଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଘାଟ ବନ୍ଦ କରିଥିବା ଯୁବକମାନଙ୍କୁ ବୁଝାଶୁଝା କରି ଘାଟ ଖୋଲାଯାଇଛି। ଆରଆଇଙ୍କ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ଝାଡ଼ମାଲ ଗାଁର ଯୁବକମାନେ ଘାଟକୁ ବନ୍ଦ କରିଛନ୍ତି। ଘାଟରେ ଲାଗିଥିବା ଡଙ୍ଗା।



# ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

ମାର୍ଶାଘାଇ,୨୩।୭ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )

ମାର୍ଶାଘାଇ ଥାନା ଅନ୍ତର୍ଗତ କରଞ୍ଜ ଗ୍ରାମରେ ଯୌତୁକ ପାଇଁ ବଧୂ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଥାନା ଅନ୍ତର୍ଗତ ପଳାସପୁର ଗ୍ରାମର ମଞ୍ଜୁଲତା ଗେରୁଙ୍କ ଝିଅ ପ୍ରଭାତୀଙ୍କୁ କରଞ୍ଜ ଗ୍ରାମର ଜୟନ୍ତ ଦାସ ୨ ବର୍ଷ ପୂର୍ବେ ବିବାହର ପ୍ରତିଶ୍ରୁତି ଦେଇ ନେଇ ପଳାଇଥିଲେ। ମାତ୍ର ପ୍ରଭାତୀଙ୍କୁ କରଞ୍ଜ ଗ୍ରାମକୁ ନ ନେଇ ରାଜ୍ୟ ବାହାରକୁ ନେଇ ରଖିଥିଲେ। ଏବେ ୨୦ ଦିନ ପୂର୍ବେ ଜୟନ୍ତ ପ୍ରଭାତୀଙ୍କୁ ଧରି ନିଜ ଗ୍ରାମ କରଞ୍ଜକୁ ଆସିଥିଲେ। ସେଠାରେ ପ୍ରଭାତୀ ଜାଣିବାକୁ ପାଇଲେ ଯେ, ପୂର୍ବରୁ ଜୟନ୍ତ ବିବାହିତ ଓ ତାଙ୍କର ଗୋଟିଏ ପୁଅ ଅଛି। ଶାଶୁଶ୍ୱଶୁର ପ୍ରଭାତୀଙ୍କୁ କହିଲେ ଯେ, ଯଦି ଘରେ ରହିବୁ ତାହା ହେଲେ ବାପ ଘରୁ ୨ ଲକ୍ଷ ଟଙ୍କା ଆଣ। ପ୍ରଭାତୀ ଘର ଲୋକଙ୍କୁ ଏ କଥା କହିବାରୁ ଘର ଲୋକ ନିଜର ଅକ୍ଷମତା ପ୍ରକାଶ କରିଥିଲେ। ଫଳରେ ତାଙ୍କୁ ଶାରୀରିକ ନିର୍ଯାତନା ଦିଆଯାଉଥିଲା। ନିର୍ଯାତନା ସହି ନ ପାରି ୪ ଦିନ ତଳେ ପ୍ରଭାତୀ ବିଷ ପିଇ ଦେଇଥିଲେ। କଟକ ବଡ଼ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ସେହି ଗ୍ରାମରେ ବିବାହ କରିଥିବା ପ୍ରଭାତୀଙ୍କ ବଡ଼ ଭଉଣୀ ଘର ଲୋକଙ୍କୁ ଫୋନ କରି ଜଣାଇଥିଲେ ବୋଲି ମଞ୍ଜୁଲତା ଏତଲାରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ମଞ୍ଜୁଲତା ଥାନାରେ ବୁଧବାର ନିଜ ଝିଅକୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କଲା ପରେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ବୋଲି ଆଇଆଇସି ତପନ ନାୟକ କହିଛନ୍ତି।

# ଆମ ଗାଁରେ ତହସିଲ କାର୍ଯ୍ୟାଳୟ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ରାଜକନିକା,୨୩।୭(ରବୀନ୍ଦ୍ର କୁମାର ଦାସ)

ରାଜକନିକା ତହସିଲ ଭାରିଗଦା ପଞ୍ଚାୟତରେ 'ଆମ ଗାଁରେ ତହସିଲ କାର୍ଯ୍ୟାଳୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ କନିକା ତହସିଲଦାର ଭାନୁମତି ମାଝୀ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମାଞ୍ଚଳ ଲୋକମାନେ ନିଜ ଘର ପାଖରେ ସବୁ ସୁବିଧା ପାଇପାରିବେ। ଏହା ସହିତ ୨-ଖାନା ସଂଶୋଧନ, ଇ-ପାଉତି, ଓଏଲଆର ୮(ଏ), ମ୍ୟୁଟେଶନ କେଶ, ବସୁନ୍ଧରା ସ୍କମ୍, ମିସ ସାର୍ଟିଫିକେଟ, ସିଙ୍ଗଲ ଆରଟି ସୁବିଧା ନିଜ ଗାଁରେ ହୋଇପାରିବ। ଏହି କାର୍ଯ୍ୟକ୍ରମ ସକାଳ ୧୦ ଘଟିକାରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ଶେଷ ହୋଇଥିଲା। ସମାପ୍ତ କରାଯାଇଥିଲା ତହସିଲ ସମ୍ପର୍କିତ ବହୁବିଧ ସମସ୍ୟା ନେଇ ମୋଟ ୨୧୨ ଟି ଆବେଦନ ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭରିଗଦା ପଞ୍ଚାୟତର ସରପଞ୍ଚ ମିନା କୁମାରୀ ମଲିକ, ଅତିରିକ୍ତ ତହସିଲଦାର ବେବଲାଭ ସେଠୀ, ଆରଆଇ କରୁଣାକର ମଲିକ, ସତୀଶରଞ୍ଜନ ବେହୁରା, ସୁଚିତ୍ର କୁମାର ରାଉତ, ବିଭୁଦତ୍ତ ସାମଲଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# କୋର୍ଟ ଖୋଲିବା ନେଇ ଭିତ୍ତିଭୂମି ପରଖିଲେ ଜିଲା ଜଜ୍

ମାର୍ଶାଘାଇ,୨୩।୭ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ରାଜ୍ୟ ସରକାର ସବୁ ବ୍ଲକ୍‌ରେ କୋର୍ଟ ଖୋଲିବା ନେଇ ଘୋଷଣା କରିବା ପରେ ମାର୍ଶାଘାଇ ବ୍ଲକରେ ଏହାର ଭିତ୍ତିଭୂମିର ତଦାରଖ କରିଛନ୍ତି କେନ୍ଦ୍ରାପଡ଼ା ଜିଲା ସେସନ୍ସ ଜଜ୍ ଲୁସି ମହାନ୍ତି। ମାର୍ଶାଘାଇ ପୁରୁଣା ତହସିଲ କାର୍ଯ୍ୟାଳୟରେ ଖୋଲିବାକୁ ଥିବା ଜେଏମ୍‌ଏଫ୍‌ସି କୋର୍ଟର ଭିତ୍ତିଭୂମି ଓ ନିର୍ମାଣ କାର୍ଯ୍ୟକୁ ବୁଧବାର ସେସନ୍ସ ଜଜ୍ ପରିଦର୍ଶନ କରିବା ସହ କାମରେ ସାମାନ୍ୟ ପରିବର୍ତ୍ତନ ପାଇଁ କହିଥିଲେ। ଜଜ ମହାନ୍ତିଙ୍କ ସହ ରେଜିଷ୍ଟ୍ରର ସୁଦୀପ କୁମାର ଦାସ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ ହେଲେ କୋର୍ଟ ଖୋଲିବାର ଆଶା ଉଜ୍ଜଳ ହେବ ବୋଲି ଆଇନଜୀବୀ ଯଶୋବନ୍ତ ରାଉତ, ଶଙ୍କର୍ଷଣ ରାଉତ, ବିଚିତ୍ରାନନ୍ଦ ରାଉତ, ଦିଲୀପ ସ୍ୱାଇଁ, ସୁଶାନ୍ତ ମହାପାତ୍ର ପ୍ରମୁଖ ପ୍ରକାଶ କରିଛନ୍ତି।

# ପୋକ୍‌ସୋ ଆଇନ ସଚେତନତା

ରାଜକନିକା,୨୩।୭(ରବୀନ୍ଦ୍ର କୁମାର ଦାସ)

ରାଜକନିକା ଏସ୍‌ଏନ୍ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଆଳି ତାଲୁକ ଆଇନ ସେବା ସମିତି ପକ୍ଷରୁ ପୋକ୍‌ସୋ ଆକ୍ଟ-୨୦୧୨(ଗ), ଶିକ୍ଷାଅଧିକାର ଓ ବାଧ୍ୟତାମୂଳକ ଶିକ୍ଷାର ସଚେତନତା ଶିବିର ଆଇନଜୀବୀ ମୃତ୍ୟୁଞ୍ଜୟ ସାମଲଙ୍କ ସଂଯୋଜନା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟବକ୍ତା ଭାବେ ଆଳି କୋର୍ଟର ବିଚାରପତି ତଥା ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ଦେବାନ ସତ୍ୟଦର୍ଶୀ ନନ୍ଦ ଯୋଗଦେଇ ଉପରୋକ୍ତ ଆଇନର ବିଭିନ୍ନ ଦିଗ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ବକ୍ତବ୍ୟ ଦେଇଥିଲେ। ଏସ୍‌ଏନ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ଉପେନ୍ଦ୍ର କୁମାର ପଣ୍ଡା ସ୍ୱାଗତ ଭାଷଣ ସହିତ ବିଚାରପତିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଶିବିରରେ ଆଇନଜୀବୀ ଶରତ ଚନ୍ଦ୍ର ମହାନ୍ତି, ବସନ୍ତ କୁମାର ନାୟକ, ଅକ୍ଷୟ କୁମାର ମଲିକ, ଚକ୍ରଧର ମହାପାତ୍ର ପ୍ରମୁଖ ଆଇନର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିଥିଲେ। ଇଂଲିଶ ବିଭାଗର ମୁଖ୍ୟ ପ୍ରଫେସର ସଞ୍ଜୀବ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରସାୟନିକ ବିଜ୍ଞାନ ବିଭାଗର ପ୍ରଫେସର ଡ.ଅଜୟ କୁମାର କୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଇନଜୀବୀ ପ୍ରମୋଦ କୁମାର ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ।




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ବନ୍ୟା କ୍ଷୟକ୍ଷତି, ଫସଲହାନି ଯୋଗୁ ଚିନ୍ତାରେ ଚାଷୀ



ବନ୍ୟାରେ କ୍ଷତିଗ୍ରସ୍ତ ଚାଷଜମି।

### ଋଣ ଛାଡ଼ ସହ ମାଗଣାରେ ସାର, ବିହନ ଯୋଗାଇବାକୁ ଦାବି

ପଟ୍ଟାମୁଣ୍ଡାଇ,୨୩।୭(କଳ୍ପତରୁ ନାୟକ)

ଚଳିତବର୍ଷ ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ପ୍ରଳୟଙ୍କରୀ ବନ୍ୟା ଆସିବା ଫଳରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ କ୍ଷୟକ୍ଷତି ସାଙ୍ଗକୁ ବ୍ୟାପକ ଫସଲହାନି ଘଟିଛି। ବନ୍ୟା ଯୋଗୁ ରାସ୍ତାଘାଟ କ୍ଷତିଗ୍ରସ୍ତ ହୋଇଛି। ପ୍ରାୟ ଏକ ସପ୍ତାହରୁ ଅଧିକ ସମୟ ଚାଷଜମି ଗୁଡିକ ବନ୍ୟା ପାଣିରେ ବୁଡି ରହିବା ଫଳରେ ଧାନ ଓ ବିଭିନ୍ନ ପନିପରିବା ଫସଲହାନୀ ଘଟିଛି । ଚଳିତ ବର୍ଷ ଧାନତଳି ପ୍ରସ୍ତୁତି ସମୟରେ ପ୍ରାୟ ୧ମାସରୁ ଉର୍ଦ୍ଧ୍ୱ ସମୟ ଧରି ଲଗାଣ ବର୍ଷା ଲାଗି ରହିବା ଫଳରେ ଚାଷୀ ବାରମ୍ବାର ଚଢ଼ା ଦରରେ ଧାନ ବିହନ କିଣି ତଳି ପକାଇଥିଲେ । ବିଭିନ୍ନ ସୂତ୍ରରୁ ଧାରକରଜ କରି ଚାଷୀମାନେ ଧାନ ଚାଷ କରିଥିଲେ । ବାରମ୍ବାର ଲଗାଣବର୍ଷା ଯୋଗୁ ଧାନ ଓ ପନିପରିବା ଫସଲ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି । ଯାହାକିଛି ବଞ୍ଚିଥିଲା ଚଳିତ ବନ୍ୟା ପରିସ୍ଥିତି ଧାନ ଓ ପନିପରିବା ଫସଲ ସମୂଳେ ନଷ୍ଟ କରିଦେଇଛି । ଚାଷ ପାଇଁ କରଜରେ ବୁଡି ରହିଥିବା ଚାଷୀମାନେ ବ୍ୟାପକ ଫସଲହାନୀ ଦେଖି ମାନସିକସ୍ତରରେ ହତାଶ ହୋଇ ପଡିଛନ୍ତି । ଅନ୍ୟପକ୍ଷରେ ବନ୍ୟା ଜଳରେ ବୁଡି ରହି ପନିପରିବା ଫସଲ ନଷ୍ଟ ହେବା ଫଳରେ ପରିବା ଦର ଆକାଶ ଛୁଆଁ ହୋଇଛି । ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଞ୍ଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡ କ୍ଷତିଗ୍ରସ୍ତ ହୋଇଛି । ବନ୍ୟା କମିବା ପରେ ମଧ୍ୟ ପଟ୍ଟାମୁଣ୍ଡାଇ ବ୍ଲକର ସିଂହଗାଁ ଅଳପୁଆ ତରଡ଼ିପାଳ,ପେଣ୍ଠପାଳ, ଅଣ୍ଡରା, ଅମୃତମଣୋହି, ବଲୁରିଆ, ନୀଳକଣ୍ଠପୁର, ବାଛରା, ବାଲିପାଟଣା, ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର,ଶାସନ ଆଦି ପଞ୍ଚାୟତର ଚାଷଜମି ପାଣିରେ ବୁଡି ରହିଛି। ବନ୍ୟା ବିପନ୍ନ ପଟ୍ଟାମୁଣ୍ଡାଇ ଧୋୟାଂଚଳର ବହୁ ଏକର ଚାଷ ଜମି ବନ୍ୟାଜଳରେ ବୁଡି ରହିଥିବାରୁ ପନିପରିବା ସମେତ ବିଭିନ୍ନ ଫସଲହାନୀ ଘଟିଛି । ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବାଲିପଡ଼ା, ତଳବାଲିପଡ଼ା, ବଳଦେବନଗର, ସିଦ୍ଧପାଟଣା, କଷଣଅଂଟା, ନୂଆଗାଁ, କାକୁଡିପଲ୍ଲୀ, ତନୁପୁର, ନନ୍ଦିନୀନଗର, ଷଣ୍ଢପଲ୍ଲୀ, ଅଳଭା ଆଦି ଅଞ୍ଚଳର ଶତାଧିକ ଏକର ଚାଷଜମିରେ ଏବେ ବି ବନ୍ୟାଜଳ ରହିଛି ।.ସରକାର ଓ ପ୍ରଶାସନ କେବଳ ଗୋଖାଦ୍ୟ ବଣ୍ଟନ କରି ନିଜ ଦାୟିତ୍ୱ ସାରି ଦେଇଛନ୍ତି । ରାଜ୍ୟ ସରକାର ବନ୍ୟାବିପନ୍ନଙ୍କୁ ସମସ୍ତ ସରକାରୀ ସହାୟତା ସହ କ୍ଷତିଗ୍ରସ୍ତ ଚାଷୀମାନଙ୍କ ସମବାୟ ଋଣ ଛାଡ଼ ସହିତ ମାଗଣା ସାର ଓ ବିହନ ଯୋଗାଇ ଦେବା ପାଇଁ ଚାଷୀମାନେ ଦାବି କରିଛନ୍ତି।

# କ୍ୟାନ୍‌ସର ପୀଡ଼ିତାଙ୍କୁ ଆର୍ଥିକ ସହାୟତା

ଆଳି, ୨୩।୭ (ବନମାଳୀ ସେନାପତି)

କ୍ୟାନ୍‌ସର ପୀଡ଼ିତ ରାଜକନିକା ବ୍ଲକ୍ ଦେଓଗାଁର ଶିକ୍ଷୟିତ୍ରୀ ସରିତା ନାୟକ(୨୭)ଙ୍କ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତାର ହାତ ଜୟ ଜଗନ୍ନାଥ ଫାଉଣ୍ଡେଶନ ବଢ଼ାଇଛି। ସରିତାଙ୍କ ବାପା ଫେରି ବ୍ୟବସାୟ କରି ପରିବାର ପ୍ରତିପୋଷଣ କରନ୍ତି। ଘରେ ତାଙ୍କ ମା' ବାପା ଓ ସାନ ଭଉଣୀ ଏବଂ ପିଇସୀ ରହୁଛନ୍ତି। ତାଙ୍କ ବାପା ଯାହା କିଛି ଅର୍ଥ ସଞ୍ଚୟ କରିଥିଲେ ତାହା ଖର୍ଚ୍ଚ କରିବା ସହ ଲକ୍ଷାଧିକ ଟଙ୍କା ଧାରକରଜ କରି ଝିଅର ଚିକିତ୍ସା କରାଉଥିଲେ। ସରିତାଙ୍କ ଗୋଟିଏ ମାସ ମଧ୍ୟରେ ଟ୍ରାନ୍ସପ୍ଲାଣ୍ଟ ସହ ଅଧିକ ଚିକିତ୍ସା କରିବାକୁ ପଡ଼ିବ। ଏବେ ଏଥିପାଇଁ ୨୦ ଲକ୍ଷ୍ୟ ଟଙ୍କା ଖର୍ଚ୍ଚ ହେବ ବୋଲି ଡାକ୍ତର କହିବା ପରେ ପରିବାର ଲୋକଙ୍କ ମୁଣ୍ଡରେ ଏବେ ଚଡ଼କ ପଡ଼ିଛି। ପରିବାର ଏତେ ଗୁଡ଼ାଏ ଅର୍ଥ କେଉଁଠୁ ଯୋଗାଡ଼ କରିବେ ସେ ନେଇ ଚିନ୍ତାରେ ପଡିଥିବା ବେଳେ ସରକାରୀ ଓ ବେସରକାରୀ ସହାୟତା ଅପେକ୍ଷାରେ ରହିଛନ୍ତି। ଫାଉଣ୍ଡେଶନ ପକ୍ଷରୁ ମନୋଜ କୁମାର ବେହେରା ଓ ସତ୍ୟ ପ୍ରକାଶ ସରିତାଙ୍କୁ ଭେଟି ସହାୟତା ପ୍ରଦାନ କରିଛନ୍ତି।



ଫାଉଣ୍ଡେଶନର କର୍ମକର୍ତ୍ତା ସହାୟତା ପ୍ରଦାନ କରୁଛନ୍ତି।

# ନକଲି ଔଷଧ ନେଉଛି ଅକାଳରେ ଜୀବନ

- ଉପକୂଳ ଅଞ୍ଚଳରେ ନକଲି କ୍ୱାକ୍
- ନୀରବଦ୍ରଷ୍ଟା ସାଜିଛି ଡ୍ରଗ ସ୍କ୍ୱାଡ୍

ମହାକାଳପଡ଼ା, ୨୩।୭ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ସରକାର ଗ୍ରାମାଞ୍ଚଳଗୁଡିକରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରି ନିରାମୟ ଯୋଜନାରେ ମାଗଣାରେ ଔଷଧ ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଖୋଲି ୧୨୦ ପ୍ରକାର ଔଷଧ ଯୋଗାଇ ଦେଉଛନ୍ତି।

ସବୁ ସତ୍ତ୍ୱେ ବି ବେଆଇନ ଗଳାବାଟ ଦେଇ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ଉପାନ୍ତ ଅଞ୍ଚଳରେ ମାଳ ମାଳ ବିନା ପଞ୍ଜୀକରଣରେ ଔଷଧ ଦୋକାନ ଖୋଲି କ୍ୱାକ୍‌ମାନେ ଚଳାଇଛନ୍ତି। ବେନାମୀ କମ୍ପାନୀଠାରୁ ଔଷଧ କିଣି ଲୋକଙ୍କୁ ଚିକିତ୍ସା କରାଉଛନ୍ତି। ଡାକ୍ତରୀ ପାଠ ନ ପଢ଼ି ରୋଗୀଙ୍କୁ ସାଲାଇନ ଲଗାଇବା, ଇଞ୍ଜେକଶନ ସହ ବଟିକା ଦେବା, ସର୍ଜରି କରିବା ଓ ଗର୍ଭନଷ୍ଟ କରିବା ଆଦି ବହୁ ଅଭିଯୋଗ ଦୀର୍ଘଦିନ ଧରି ହୋଇଆସୁଛି। ସ୍ୱାସ୍ଥ୍ୟ ବିଭାଗର ଡ୍ରଗ ସ୍କ୍ୱାଡ୍ ଚୁପ୍ ରହୁଛି ବୋଲି କୁହାଯାଇଛି।

ସୂଚନାଯୋଗ୍ୟ, ବ୍ଲକର ୩ବର୍ଷ ପୂର୍ବେ ଜମ୍ବୁ ଅଞ୍ଚଳର ନକଲି କ୍ୱାକ୍‌ଙ୍କ ଇଞ୍ଜେକଶନ ଦେବାର ଅଧ ଘଣ୍ଟା ମଧ୍ୟରେ ଭାଟେଣିର ଜଣେ ମହିଳାଙ୍କ ଜୀବନ ଯାଇଥିଲା। ଏ ନେଇ ଜିଲାରେ ତୁମ୍ବିତୋଫାନ ହୋଇଥିଲା। ସେହିପରି ପିତାପାଟ ଗ୍ରାମର ମହିଳା ଶ୍ରମିକ ସେହି ଗ୍ରାମର କ୍ୱାକ୍‌ଙ୍କଠାରୁ ଔଷଧ ଖାଇ ମୃତ୍ୟୁ ହୋଇଥିଲା। ଅପରପକ୍ଷରେ କେବି ଦାଣ୍ଡୁଆ ପଞ୍ଚାୟତର ପଙ୍କପାଳ ଗ୍ରାମର ୨ ବର୍ଷ ପୂର୍ବେ ରୋଗୀଙ୍କ ବେଣାକନ୍ଧା ଅଞ୍ଚଳର କ୍ୱାକ୍‌ଙ୍କ ଔଷଧରେ ଜୀବନ ଯାଇଥିଲା ବୋଲି କୁହାଯାଇଛି। ହେଲେ କ୍ୱାକ୍‌ଙ୍କ ଦିନକୁଦିନ ପ୍ରାଦୁର୍ଭାବ ବଢ଼ିଚାଲିଛି। ଉପାନ୍ତ ଅଞ୍ଚଳରେ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଅନୁସାରେ ମୋଟା ଅଙ୍କର ଅର୍ଥ ନେଇ କ୍ୱାକ୍‌ମାନେ କୁମାରୀମାନଙ୍କର ଗର୍ଭପାତ କରୁଥିବା କୁହାଯାଇଛି। ଏହାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବ୍ଲକର ବଡିଘର ଅଞ୍ଚଳର ଉତ୍ତର ଖୋଲା ଗାଁର ବେନୁ ଭୂୟାଁ (୭୩)ଙ୍କ ଶରୀର ଅସୁସ୍ଥ ହେବାରୁ ବଡିଘର ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ଏକ ବେନାମୀ ଔଷଧ ଦୋକାନୀ ବା କ୍ୱାକ୍‌ଙ୍କଠାରୁ ଔଷଧ ଖାଇଥିଲେ। ରବିବାର ବିଳମ୍ବିତ ରାତିରେ ବେନୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇ ଚେତା ହରାଇ ଥିଲେ। ପରିବାର ଲୋକେ ବିଳମ୍ବିତ ରାତିରେ ଏକ ବୋଟ ଯୋଗେ ଟୁବି ଘାଟ ପାର ହୋଇ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସୋମବାର ବେନୁଙ୍କ ପୁଅ ଗୁରୁପଦ ଭୂୟାଁ ଜମ୍ବୁ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମୋ ବାପାଙ୍କ ଶରୀର ଅସୁସ୍ଥ ହେବାରୁ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲୁ। ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ କରି ମୃତଦେହକୁ ବ୍ୟବଚ୍ଛେଦ କରିବା ପାଇଁ କେନ୍ଦ୍ରାପଡ଼ା ସ୍ଥାନାନ୍ତର କରିଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା (୧୨/୨୫) ରୁଜୁ ହୋଇଛି। ଏ ସଂକ୍ରାନ୍ତରେ ଜମ୍ବୁ ସାମୁଦ୍ରିକ ଥାନା ସବ୍‌ଇନ୍ସପେକ୍ଟର ଦୀନବନ୍ଧୁ ପ୍ରଧାନଙ୍କୁ ପଚାରିବାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ମୃତଦେହ ବ୍ୟବଚ୍ଛେଦ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ତାହା ସ୍ପଷ୍ଟ ଭାବେ ଜଣାପଡ଼ିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ଡ୍ରଗ୍ ଇନ୍ସପେକ୍ଟର ପ୍ରଦୀପ କୁମାର ସାହୁଙ୍କୁ ପଚାରିବାରେ ଜମ୍ବୁ, ବେଣାକନ୍ଧା, ବାବର, ତନ୍ତିଆପାଳ ଆଦି ଅଞ୍ଚଳରେ ତଦାରଖ କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୋଗ ହୋଇଥିବା ଅଞ୍ଚଳରେ ତଦାରଖ କରାଯିବ ବୋଲି ସେ କହିଛନ୍ତି।

# ପଞ୍ଚାୟତ ଦାୟିତ୍ୱରେ ଯନ୍ତ୍ରୀ, ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ



ଖଡ଼ିଅଣ୍ଟା ଗାଁ ମଝି ରାସ୍ତାରେ ବର୍ଷାପାଣି ଜମା ହୋଇଛି।

- ବିକାଶ କାମ ତଦାରଖ କରୁଛନ୍ତି ଅନଭିଜ୍ଞ କର୍ମଚାରୀ
- ଠିକାଦାର-ଅନଭିଜ୍ଞ କର୍ମଚାରୀଙ୍କ ସଲାସୁତୁରାରେ ହେଉଛି ବିଲ୍

ପଟ୍ଟାମୁଣ୍ଡାଇ,୨୩।୭(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାମରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଅଭିଯୋଗ ହୋଇଆସୁଛି । ବ୍ଲକର ଯନ୍ତ୍ରୀମାନେ ଏକାଧିକ ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟ ତଦାରଖ କରୁଛନ୍ତି । ଏଥିପାଇଁ ସେମାନେ ଜଣେ ଲେଖାଏ ବ୍ୟକ୍ତିଗତ କର୍ମଚାରୀ ନିଯୁକ୍ତି ଦେଇଛନ୍ତି । ସେହି ଅନଭିଜ୍ଞ କର୍ମଚାରୀ କାର୍ଯ୍ୟ ତଦାରଖ କରି ବିଲ୍ କରୁଛନ୍ତି । ଉନ୍ନୟନମୂଳକ କାର୍ଯ୍ୟରେ ନିୟୋଜିତ ଠିକାଦାର ଅନଭିଜ୍ଞ କର୍ମଚାରୀଙ୍କୁ ହାତକରି ନିଜ ମନ ମୁତାବକ କାମ ସାରୁଛନ୍ତି । ବିନା ଯାଞ୍ଚରେ ଯନ୍ତ୍ରୀମାନେ ଘରେ ବସି ବିଲ୍ ପାସ୍ କରୁଥିବା ଭଳି ସାଙ୍ଘାତିକ ଅଭିଯୋଗ ହେଉଛି । ଉନ୍ନୟନମୂଳକ କାର୍ଯ୍ୟର ସିଂହଭାଗ ବାଟମାରଣା ହେବା ସହିତ ଠିକାଦାର-ଅନଭିଜ୍ଞ କର୍ମଚାରୀଙ୍କ ସଲସୁତୁରାରେ କାମ ସରିଯାଉଛି, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି ।

ବିଜୟ ଦାସ, ପ୍ରକାଶ ମହାନ୍ତି, ମଳୟ ଦାସ, ନରେନ୍ଦ୍ର ଧଳ, ହିମାଂଶୁ ବିଶ୍ୱାଳ ପ୍ରମୁଖ ଏ ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି । ସେମାନେ କହିଛନ୍ତି, ପଟ୍ଟାମୁଣ୍ଡାଇ ବ୍ଲକର ୩୧ ପଞ୍ଚାୟତ ପାଇଁ ୯ଜଣ ଯନ୍ତ୍ରୀ କାର୍ଯ୍ୟରତ ଥିବା ବେଳେ ଜଣେ ଯନ୍ତ୍ରୀଙ୍କୁ କେନ୍ଦ୍ରାପଡ଼ା ବଦଳି କରାଯାଇଛି । ସେମାନଙ୍କ ମଧ୍ୟରୁ ୨ ଜଣ କରିତକର୍ମା ଯନ୍ତ୍ରୀଙ୍କ ମଧ୍ୟରୁ ଜଣଙ୍କୁ ୮, ଓ ଅନ୍ୟ ଜଣଙ୍କୁ ୧୦ ପଞ୍ଚାୟତ ସହିତ ହେଡକ୍ୱାର୍ଟର୍ସ ଦାୟିତ୍ୱ ଦିଆଯାଇଥିବା ବେଳେ ବାଛରା ପଞ୍ଚାୟତ କେବଳ ଜଣେ ଯନ୍ତ୍ରୀ ଦେଖୁଛନ୍ତି । ସମୟ ଥିଲା ଜଣେ କନିଷ୍ଠ ଯନ୍ତ୍ରୀ ଗୋଟିଏ କିମ୍ବା ଦୁଇଟି ପଞ୍ଚାୟତର ଦାୟିତ୍ୱରେ ଥିଲେ । ଏହାପରେ ବି ଉନ୍ନତିମୂଳକ କାମକୁ ଠିକ ଭାବେ ତଦାରଖ କରିବା ପାଇଁ ସମୟ ପାଉ ନ ଥିଲେ । ମାତ୍ର ଏବେ ଜଣେ ଯନ୍ତ୍ରୀ ଏକାଧିକ ପଞ୍ଚାୟତର ଉନ୍ନତି ମୂଳକ କାର୍ଯ୍ୟ ତଦାରଖ କରୁଛନ୍ତି । ସେମାନଙ୍କ ମଧ୍ୟରୁ ଜଣଙ୍କୁ ଛାଡି ଦେଲେ ଅନ୍ୟମାନେ ବ୍ଲକ କାର୍ଯ୍ୟାଳୟରେ ରହୁ ନାହାନ୍ତି । ଦୂରଦୂରାନ୍ତରୁ ଯିବା ଆସିବା କରୁଥିବା ବେଳେ ସେମାନେ ଜଣେ ବ୍ୟକ୍ତିଗତ କର୍ମଚାରୀ ନିଯୁକ୍ତି କରିଛନ୍ତି । ବ୍ଲକ ମୁଖ୍ୟାଳୟରୁ ଗୋଟିଏ ଗୋଟିଏ ପଞ୍ଚାୟତର ଦୂରତା ୩୦ କି.ମି.ରୁ ଅଧିକ ହୋଇଥିବା ବେଳେ ଯନ୍ତ୍ରୀମାନେ କେତେବେଳେ କାର୍ଯ୍ୟ ତଦାରଖରେ ଯାଉଛନ୍ତି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଧିକାଂଶ ସମୟରେ ବ୍ଲକ କାର୍ଯ୍ୟାଳୟରେ ଥିବା ଯନ୍ତ୍ରୀଙ୍କ କୋଠରୀ ବନ୍ଦ ରହୁଛି। ଏହି ସୁଯୋଗରେ ସେମାନେ କାମ ତଦାରଖ କରୁଛନ୍ତି ନା ଘରେ ବସି ବିଲ କରୁଛନ୍ତି ତାହା ଜଣାପଡୁନାହିଁ। କାମ ଠିକ ହେଉ ବା ନ ହେଉ, ଠିକାଦାରଙ୍କ ଇଚ୍ଛା ମୁତାବକ ମାପ କରାଯାଇ ବିଲ୍ ପାସ ହେଉଛି । ଏଭଳି କ୍ଷେତ୍ରରେ ବ୍ଲକର ଅଧିକାଂଶ ଉନ୍ନୟନମୂଳକ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି । କାମ କରା ନ ଯାଇ ମିଥ୍ୟା ବିଲ ପ୍ରସ୍ତୁତ କରାଯାଇ ପ୍ରାୟ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଥିବା ଜଣେ ବ୍ଲକ କର୍ମଚାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ଏହି ବ୍ଲକରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଭିଜିଲାନ୍ସସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ଉନ୍ମୋଚିତ ହେବ ବୋଲି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ପିଡ଼ି ଅଜାମ୍ବର ମହାନ୍ତିଙ୍କୁ ପଚାରିବାରୁ ଏପରି ଘଟଣାରେ ସମ୍ପୃକ୍ତ ଥିବା ଯନ୍ତ୍ରୀମାନଙ୍କ ବିରୋଧରେ ଆବଶ୍ୟକ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ସଂକ୍ଷେପରେ

### ଗାଡ଼ି ଯାଞ୍ଚ, ୨ ଲକ୍ଷ ୪୮ ହଜାର ଜରିମାନା ଆଦାୟ

ଖଜୁରିପଡ଼ା,୨୩।୭ ( ବିଦୁର ବେହେରା)
ଖଜୁରିପଡ଼ା ବ୍ଲକ୍ ଅନ୍ତର୍ଗତ ସମ୍ପେଦର ଘାଇଠାରେ ବୁଧବାର ଦିନ ଖଜୁରିପଡ଼ା ପୋଲିସ ଏବଂ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ କଡ଼ା କଡ଼ି ଭାବେ ଗାଡ଼ି ଯାଞ୍ଚ କରାଯାଇ ୨ ଲକ୍ଷ ୪୮ ହଜାର ଟଙ୍କା ଫାଇନ ଆଦାୟ କରାଯାଇଛି। ଫୁଲବାଣୀରୁ ଭୁବନେଶ୍ୱରକୁ ସଂଯୋଗ କରୁଥିବା ୫୭ ନଂ. ଜାତୀୟ ରାଜପଥର ସମ୍ପେଦର ଘାଇ ଛକଠାରେ ଗାଡ଼ିର କାଗଜ ପତ୍ର ଯାଞ୍ଚ କରାଯାଇଛି। ବେପରୁଆ ଗାଡ଼ି ଚାଳକ, ମଦୁଆ ଗାଡ଼ି ଚାଳକଙ୍କ ଠାରୁ ସିଧା ସଳଖ ଭାବେ କାଗଜପତ୍ର ଯାଞ୍ଚ କରି ଫାଇନ କଟା ଯାଉଛି। ସେହି ପରି ଡ୍ରାଇଭିଂ ଲାଇସେନ୍ସ, ସିଟ ବେଲ୍ଟ, ହେଲମେଟ ସମେତ ଗାଡ଼ିର ସମସ୍ତ କାଗଜ ପତ୍ର ଯାଞ୍ଚ କରାଯାଇ ଥିବା ଥାନା ଅଧିକାରୀ ଚାପ ଧାରୀ ପ୍ରଧାନ ସୂଚନା ଦେଇଛନ୍ତି।

### ୨ ମୃତକଙ୍କ ପରିବାରକୁ ଭେଟିଲେ ଜିଲା ଯୁବମୋର୍ଚ୍ଚା ସଭାପତି

ପୋଲସରା,୨୩।୭ (ସୁବ୍ରତ ବେହେରା)
ପୋଲସରା ବ୍ଲକ୍ ଅନ୍ତର୍ଗତ ଚିରିକିପଡ଼ା ଶାସନର ଭଗବାନ ସାହୁଙ୍କ ପୁତ୍ର ତନ୍ମୟ (୧୨) ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥିଲା। ସେହିପରି ଉକ୍ତ ଗ୍ରାମର ସୁରେନ୍ଦ୍ର ମହାରଣାଙ୍କ ସ୍ତ୍ରୀ ସୁପ୍ରଭାଙ୍କ ଦେହାନ୍ତ ହୋଇଛି। ଏଭଳି ଦୁଃଖଦ ଖବର ପାଇ ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ଦୀପକ ପ୍ରଧାନ ତାଙ୍କ ବାସଭବନରେ ପହଞ୍ଚି ୨ ପରିବାରକୁ ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

### ନୂତନ ବିଡିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଶେରଗଡ଼,୨୩।୭(ସୂର୍ଯ୍ୟନାରାୟଣ ଦାଶ)
ଶେରଗଡ଼ ବ୍ଲକ୍‌ରେ ନୂତନ ବିଡ଼ିଓ ତୃପ୍ତିମୟୀ ଜେନା ମଙ୍ଗଳବାର ଯୋଗ ଦେବା ପରେ ବୁଧବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିଧାୟକ ପ୍ରତିନିଧି ଦିଗାମ୍ବର ନାହାକ, ବ୍ଲକ୍ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଶେରଗଡ଼ର ବିଜେଡ଼ିର ନେତୃବୃନ୍ଦ ବ୍ଲକ୍‌ରେ ପହଞ୍ଚି ଫୁଲ ତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେରଗଡ଼ ବହୁ ଦିନ ବିଡ଼ିଓ ପଦବୀ ଖାଲି ପଡିଥିଲା ବେଳେ ବିଡ଼ିଓ ଭାବେ ତୃପ୍ତିମୟୀ ଦାୟିତ୍ୱ ନେଇଥିବାରୁ ସମସ୍ତେ ଖୁସି ବ୍ୟକ୍ତ କରିଛନ୍ତି। ବ୍ଲକ୍ ବିଜେଡ଼ି ସଭାପତି ଶରତଚନ୍ଦ୍ର ପାତ୍ର, କାହ୍ନୁଚରଣ ପଟ୍ଟନାୟକ, ପ୍ରମୋଦ ପାତ୍ର, ବୃନ୍ଦାବନ ଗୌଡ, ଝୁନା ପଟ୍ଟନାୟକ ସମେତ ବହୁ ନେତା କର୍ମୀ ଉପସ୍ଥିତ ଥିଲେ।

### ସାକୁରା ବେହେରାଙ୍କ ସ୍ମୃତିଚାରଣ

ଛତ୍ରପୁର,୨୩।୭(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ଛତ୍ରପୁର ଅଞ୍ଚଳର ସିପିଆଇ ନେତା ସାକୁରା ବେହେରାଙ୍କ ୧୧ତମ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ଲକ୍ଷ୍ମଣ ଭବନ ପରିସରରେ ପାଳିତ ହୋଇଯାଇଛି । ଛତ୍ରପୁର ଜୋନାଲ ସହ ସମ୍ପାଦକ ଦୁର୍ଯ୍ୟୋଧନ ପରିଡାଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସିପିଆଇ ଜିଲା ସହ ସମ୍ପାଦକ ନୀଳକଣ୍ଠ ଦାଶ, ଛତ୍ରପୁର ଜୋନାଲ ସମ୍ପାଦକ ଡି. ଆଦିନାରାୟଣ ରେଡ୍ଡୀ, ସହ ସମ୍ପାଦକ ରାଜେନ୍ଦ୍ର ନାହାକ, ବରିଷ୍ଠନେତା ଏସ.କ୍ରିଷ୍ଣା ରେଡ୍ଡୀ, ଆଇନଜିବି ଆଦିତ୍ୟ ମିଶ୍ର, ଆର. ଶହଦେବ ରେଡ୍ଡୀ, ପି. ନାରାୟଣ ରେଡ୍ଡୀ ପ୍ରମୁଖ ଯୋଗଦେଇ ସାକୁରାଙ୍କ ସ୍ମୃତିଚାରଣ କରିଥିଲେ। ସେହିପରି ସମର୍ଥ ଦିବ୍ୟାଙ୍ଗ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଗହଣରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ସାମାଜିକ କର୍ମୀ ସାକୁରା ବେହେରାଙ୍କ ସ୍ମୃତିଚାରଣ କରାଯାଇଛି। ଛତ୍ରପୁର ଅଞ୍ଚଳର ଟିଙ୍କରା କୁମାର ବେହେରା,ମଥୁରା ସୁବୁଦ୍ଧି, ବନୋଜ ନାହାକ, ସନ୍ତୋଷ ସେଠି, ଜଲାଲ ଖାଁନ,ଭାସ୍କର ବେହେରା, ସମ୍ପଦ ନାହାକ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସାକୁରାଙ୍କର ସ୍ମୃତିଚାରଣ ସହ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### ଦୁର୍ଘଟଣାରେ ଆହତ ଛାତ୍ରୀଙ୍କ ମୃତ୍ୟୁ

ଛତ୍ରପୁର,୨୩।୭(ଦିଲ୍ଲୀପ ସାମଲ): ତାମ୍ପରା ନିକଟରେ ଟ୍ରକ ସହ ସ୍କୁଟି ଧକ୍କା ହେବାରୁ ଦୁଇ ଛାତ୍ରୀ ଗୁରୁତର ହୋଇଥିଲେ। ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସାଧିନ ଅବସ୍ଥାରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦୁଝର ଅଞ୍ଚଳର ସୁଚିସ୍ମିତା ପହୀ । ସୁଚିସ୍ମିତା ଓ ତାଙ୍କ ଜିଲାର ମୋନାଲିସା ସିଂ ବ୍ରହ୍ମପୁରରେ ରହି ବିଏଡ୍ କରୁଥିବା ବେଳେ ଉଭୟେ ମଙ୍ଗଳବାର ଏକ ସ୍କୁଟିରେ ତାମ୍ପରା ବୁଲିବାକୁ ଆସୁଥିବା ବେଳେ ଟ୍ରକ ସହ ଧକ୍କା ହୋଇଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଛତ୍ରପୁର ଓ ପରେ ବ୍ରହ୍ମପୁର ମେଡିକାଲ ପଠାଯାଇଥିଲା।

# ଜମିବାଡ଼ିକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ

**ମିଞ୍ଜାପାଙ୍ଗା-ରାମ୍ବୁଲି ଗାଁରେ ଉତ୍ତେଜନା**

■ପୋଲିସର ତଦନ୍ତ ଆରମ୍ଭ
■୨ ଅଟକ, ଧନୁତୀର ଜବତ

ଦାରିଙ୍ଗବାଡ଼ି,୨୩।୭(ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ୍ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ଜମିବାଡ଼ିକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଫଳରେ ଉଭୟ ଗୋଷ୍ଠୀର ଏକାଧିକ ଲୋକ ଆହତ ହୋଇଥିବା ବେଳେ ୪ ଜଣ ଗୁରୁତର ହୋଇଥିବା ପୋଲିସ କହିଛି। ସେମାନଙ୍କୁ ଗଜପତି ଜିଲା ଅଡ଼ବା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଥିବା ଜଣାପଡ଼ିଛି। ଖବର ପାଇ ବ୍ରାହ୍ମଣୀଗାଁ ସବ୍‌ଇନ୍ସପେକ୍ଟର ଅମରେନ୍ଦ୍ର ସୁବୁଦ୍ଧି, ଏଏସ୍‌ଆଇ ରମାକାନ୍ତ ସେଠୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କରିବା ସହ ୨ଜଣଙ୍କୁ ଥାନାକୁ ଆଣି ଅଟକ ରଖିଛନ୍ତି। ଘଟଣାରେ ବ୍ୟବହାର ହୋଇଥିବା ଧନୁତୀର ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ରକୁ ପୋଲିସ ଜବତ କରିଛି। ଏଥିରେ କିଏ କିଏ ସମ୍ପୃକ୍ତ ଅଛନ୍ତି ସେନେଇ ତଦନ୍ତ ଜାରି ରହିଛି। ୨ ଜଣଙ୍କୁ ଅଟକ ରଖିବା ପରେ ଉକ୍ତ ଅଞ୍ଚଳର ଗାଁ ମୁଖିଆଙ୍କ ସମେତ କୁଇ ସମାଜର ପ୍ରତିନିଧିମାନେ ଥାନାରେ ପହଞ୍ଚି



ଘଟଣାର ଅନୁଧ୍ୟାନ କରୁଥିବା ଜଣାପଡିଛି। ପ୍ରକାଶ ଯେ, ରାମ୍ବୁଲି ଏବଂ ମିଞ୍ଜାପାଙ୍ଗା ଗ୍ରାମବାସୀଙ୍କ ମଧ୍ୟରେ ଜମିବାଡ଼ି ବିବାଦ ଦୀର୍ଘବର୍ଷ ଧରି ଚାଲିଛି। ଏହାର ସମାଧାନ ପାଇଁ ତହସିଲ ଏବଂ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ିଥିବା ୨ ଗୋଷ୍ଠୀ କହିଛନ୍ତି। ଘଟଣାଟି ଏମିତି ଥିଲା, ରାମ୍ବୁଲି ଅଞ୍ଚଳର କିଛି ହିତାଧିକାରୀଙ୍କୁ ସରକାର ଦୀର୍ଘ ୨୦ ବର୍ଷ ପୂର୍ବରୁ ଜମିପଟ୍ଟା ଯୋଗାଇ ଦେଇଥିଲେ ମଧ୍ୟ ଜମି ଚିହ୍ନଟକରି ଦିଆଯାଇ ନ ଥିଲା। ଜମିପଟ୍ଟା ପାଇଥିବା ହିତାଧିକାରୀଙ୍କ ମଧ୍ୟରେ ଏ ନେଇ ଅସନ୍ତୋଷ ଦେଖାଯିବା ପରେ କାଟିଙ୍ଗିଆ ରାଜସ୍ୱ ନିରୀକ୍ଷକ ଦିଲୀପ କୁମାର ସାହୁ ସେହି ହିତାଧିକାଙ୍କୁ ଜମି ଚିହ୍ନଟକରି ଦେଖାଇଥିଲେ ଓ ସେଠାରେ ଘର କରିବାକୁ ପରାମର୍ଶ ଦେଇଥିଲେ। ତେବେ ରାଜସ୍ୱ ନିରୀକ୍ଷକ ଦେଖାଇଥିବା ଜମିରେ ଘର ତିଆରି ପାଇଁ ହିତାଧିକାରୀମାନେ କାଠ ଖୁଣ୍ଟି ପୋତିବା ପରେ ପୂର୍ବରୁ ଏହା ଆମ ଜମି ବୋଲି ମିଞ୍ଜାପାଙ୍ଗା ଗ୍ରାମବାସୀ ଦାବି କରିଥିଲେ। ଘଟଣାକୁ ନେଇ ରାମ୍ବୁଲି ଓ ମିଞ୍ଜାପାଙ୍ଗା ଗ୍ରାମବାସୀଙ୍କ ମଧ୍ୟରେ ପ୍ରଥମେ ବଚସା ଓ ପରେ ଘଟଣାଟି ଉଗ୍ରରୂପ ଧାରଣ କରିଥିଲା। ପରେ ସେମାନଙ୍କ ମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣ ଆରମ୍ଭ ହୋଇଯାଇଥିଲା। ପ୍ରଥମେ ଠେଙ୍ଗାବାଡ଼ି ଓ ପରେ ଧନୁତୀର ବ୍ୟବହାର କରାଯାଇଥିଲା। ତେବେ ଦୀର୍ଘବର୍ଷ ଧରି ପଟ୍ଟା ପାଇଥିବା ଲୋକଙ୍କୁ ଜମି ଚିହ୍ନଟରେ ବିଳମ୍ବ କରାଯିବା, ଉଭୟ ଗ୍ରାମରେ ରହିଥିବା ଜମି ବିବାଦକୁ ସମାଧାନ କରିବାରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଅହେତୁକ ବିଳମ୍ବ ଯୋଗୁ ଏହି ବିବାଦ ମୁଣ୍ଡ ଟେକିଛି। ଦାୟିତ୍ୱରେ ଥିବା ରାଜସ୍ୱ ନିରୀକ୍ଷକଙ୍କୁ ଅଞ୍ଚଳବାସୀ ଦାୟୀ କରିଥିବା ବେଳେ ବାରମ୍ବାର ତହସିଲ କାର୍ଯ୍ୟାଳୟ ଦୌଡ଼ିଥିଲେ ମଧ ତାଙ୍କ ଗୁହାରି କେହି ଶୁଣି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସମୀକ୍ଷା ବୈଠକ



ଫୁଲବାଣୀ/ଖଜୁରିପଡ଼ା,୨୩।୭ (ରାକେଶ କୁମାର ରାଉତ/ବିଦୁର ବେହେରା)
କନ୍ଧମାଳ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ ଭାବନା ସଭାଗୃହରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢି ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତରାଜ ନିର୍ବାଚନର ସମୀକ୍ଷା କରିଥିଲେ। ନିର୍ବାଚନ କିପରି ସୁରୁଖୁରରେ ହେବ ଏବଂ ଲୋକମାନେ ଏଥିରେ ବହୁମାତ୍ରାରେ ଭାଗନେଇ ନିଜର ଯୋଗ୍ୟ ପ୍ରତିନିଧି ଚୟନ କରି ଗ୍ରାମ, ପଞ୍ଚାୟତ ଓ ଜିଲାର ବିକାଶରେ ଯୋଗଦାନ ଦେଇ ପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଜିଲାପାଳ ଅମ୍ରିତ୍ ଋତୁରାଜ, ବୌଦ୍ଧ ଜିଲାପାଳ ସୁବ୍ରତ ପଣ୍ଡା, କନ୍ଧମାଳ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା ଏବଂ କୁଶଳ ଚନ୍ଦ୍ର ନାଏକ, ବୌଦ୍ଧ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ବୌଦ୍ଧ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଫୁଲବାଣୀ ଉପ ଜିଲାପାଳ ଭଂକାରୀ ସାହୁ, ବାଲିଗୁଡା ଉପ ଜିଲାପାଳ ଡ. ରୀନା ପ୍ରଧାନ, ବୌଦ୍ଧ ଉପ ଜିଲାପାଳ ପ୍ରବୀଣ କୁମାର ବାଣୁଆ, ୨ ଜିଲାର ସମସ୍ତ ବିଡ଼ିଓ, ପୌରପରିଷଦର କାର୍ଯ୍ୟନିର୍ବାହ ଅଧିକାରୀ, ପଞ୍ଚାୟତ ଅଧିକାରୀ ନରେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟ ନିର୍ବାଚନ ଆୟୁକ୍ତ ପାଢ଼ୀ ବୁଧବାର ଖଜୁରିପଡ଼ା ବ୍ଲକ୍ ପରିଦର୍ଶନ କରିଛନ୍ତି। ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ବିଡ଼ିଓ ଶୁଭ ଦତ୍ତାତ୍ରେୟ ବାହିନୀପତିଙ୍କ ସହିତ ଅଫିସରେ ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ବ୍ଲକ କର୍ମଚାରୀମାନେ ଯୋଗ ଦେଇଥିଲେ। ଖଜୁରୀପଡ଼ା ବ୍ଲକ୍‌ର କେଉଁ କେଉଁ ବୁଥ୍‌ରେ ଭୋଟର ସଂଖ୍ୟା ଅଧିକ ଅଛି। ସେହି ବୁଥ୍‌ର ଭୋଟରଙ୍କୁ ନିକଟସ୍ତ ବୁଥ୍‌ରେ ସଂଯୋଗ କରାଯିବା ପାଇଁ କହିଛନ୍ତି। ପାଢ଼ୀଙ୍କ ପରିଦର୍ଶନ ବେଳେ ସିଡିଓ ଶମ୍ଭୁନାଥ ନନ୍ଦୀ, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ ଏବଂ ଜିଲା ପଞ୍ଚାୟତ ଅଧିକାରୀ ନରେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ରକ୍ତଭଣ୍ଡାର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ପାରଳାଖେମୁଣ୍ଡି,୨୩।୭ (ଗିରିଧାରୀ ପରିଚ୍ଛା)
ମୋହନା ବ୍ଲକ୍‌ରେ ରକ୍ତଭଣ୍ଡାରର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଜପତି ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମୋହନା ବ୍ଲକ୍‌ର ଦଳିତ ଖ୍ରୀଷ୍ଟିଆନ ଯୁବ ସମାଜ ପକ୍ଷରୁ ଏହି ଦାବିପତ୍ର ପାରଳାଖେମୁଣ୍ଡି ସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲାପାଳ ବିଜୟ କୁମାର ଦାଶଙ୍କୁ ପ୍ରଦାନ କରିଛନ୍ତି। ସେମାନେ ଜଣାଇଛନ୍ତି ଯେ ଅଞ୍ଚଳର ରୋଗୀ ବା ପ୍ରସୂତୀ ମହିଳାମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ହେଲେ ରକ୍ତର ଆବଶ୍ୟକତା ପ୍ରାୟତଃ ପଡିଥାଏ। ଏହି ବ୍ଲକ ଅଞ୍ଚଳରେ ରକ୍ତ ଭଣ୍ଡାରଟିଏ ନ ଥିବାରୁ ଜିଲା ସଦରମହକୁମା ପାରଳାଖେମୁଣ୍ଡି ନଚେତ ବ୍ରହ୍ମପୁର ଡାକ୍ତରଖାନାକୁ ନେବାକୁ ପଡୁଛି। ଏହି ବ୍ଲକର ଚନ୍ଦ୍ରଗିରି ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହେଉ ବା ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ହେଉ ରୋଗୀମାନଙ୍କୁ ଦୂରରେ ଥିବା ରକ୍ତଭଣ୍ଡାର ବା ଡାକ୍ତରଖାନାକୁ ନେବାକୁ ପଡୁଛି। ଦୀର୍ଘ ଦୂରତା ହେଉଥିବାରୁ ଗୁରୁତର ରୋଗୀମାନେ ପହଞ୍ଚିଲାବେଳକୁ ସେତେବେଳେ ସେମାନଙ୍କର ମୃତ୍ୟୁ ମଧ ହେଉଥିବା ନଜରକୁ ଆସିଛି। ତେଣୁ ମୋହନା ବ୍ଲକରରେ ଏକ ରକ୍ତଭଣ୍ଡାରର ଆବଶ୍ୟକତା ଅଛି। ଏହି ବ୍ଲକ ଅଡବା, ମୋହନା ଓ ଚନ୍ଦ୍ରଗିରି ଜୋନ ରେ ୩୯ ପଞ୍ଚାୟତ ରହିଛି । ଏହି ବ୍ଲକରେ ରକ୍ତଭଣ୍ଡାର ସ୍ଥାପନ ହେଲେ କେବଳ ମୋହନା ବ୍ଲକ ନୁହଁ ଆର.ଉଦୟଗିରି ଓ ନୂଆଗଡ ବ୍ଲକର ବହୁ ସଂଖ୍ୟକ ଗ୍ରାମବାସୀ ତଥା ରୋଗୀମାନେ ଉପକୃତ ହୋଇପାରିବେ ବୋଲି ଜଣାଇଛନ୍ତ। ଜିଲାପାଳଙ୍କୁ ଏହି ଦାବିପତ୍ର ପ୍ରଦାନ ବେଳେ ଦଳିତ ଖ୍ରୀଷ୍ଟିଆନ ଯୁବ ସମାଜ ମୋହନା ବ୍ଲକ ସଭାପତି ହରିଚନ୍ଦନ ବେହେରା, କୈଳାଶ ଚନ୍ଦ୍ର ନାୟକ, ନିର୍ମଳ କୁମାର ବୀର ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆପଡା ଫାଣ୍ଡି ଅଞ୍ଚଳରେ ବଢୁଛି ଚୋରି

### ଗୋଟେ ରାତିରେ ଦୁଇଟି ଚୋରି

ଚିକିଟି,୨୩।୭ (ପ୍ରକାଶ ଚନ୍ଦ୍ର ସାହୁ)
ବ୍ରହ୍ମପୁର ପୋଲିସ ଜିଲା କେ.ନୂଆଗାଁ ଥାନା ଅନ୍ତର୍ଗତ ନୂଆପଡ଼ା ଫାଣ୍ଡି ଅଞ୍ଚଳରେ କିଛି ଦିନ ହେଲା ଚୋରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ମଙ୍ଗଳବାର ମଧ୍ୟରାତ୍ରିରେ ୨ଗ୍ରାମର ୨ଟି ଘରୁ କିଛି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କା ସହ ସୁନା ଅଳଙ୍କାର ଲୁଟି ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଏଥିପାଇଁ ଲୋକମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ମଙ୍ଗଳବାର ମଧ୍ୟରାତ୍ରିରେ ଚିକିଟି ବ୍ଲକ ଅନ୍ତର୍ଗତ ଚାନ୍ଦପୁର ମୁଖ୍ୟ ବଜାରରେ ରହୁଥିବା କାର୍ଯ୍ୟରତ ଫୁଲବାଣୀ କୃଷି ଅଧୀଦର୍ଶକ ମିଥୁନ ବେହେରାଙ୍କ ଘରେ କିଛି ଦୁର୍ବୃତ୍ତ ବାଡ଼ି ପଟୁ କବାଟ ଭାଙ୍ଗି ଘରେ ପଶି ପ୍ରାୟ ୪ ଭରି ସୁନା ଅଳଙ୍କାର ଲୁଟି ନେଇ ଫେରାର ହୋଇଯାଇଥିଲେ। ସେହିପରି ଡଭାର ଗ୍ରାମର ସନାତନ ସାହୁଙ୍କ ଘରେ ପଶି ୫ ଭରି ସୁନା ଏବଂ ୧୫ ଭରି ରୁପା ଅଳଙ୍କାର ସହିତ ୧୫ ହଜାର ଚୋରି କରି ଫେରାର ହୋଇଯାଇଛନ୍ତି। ଉଭୟଙ୍କ ପକ୍ଷରୁ ପୃଥକ ପୃଥକ ଭାବେ କେ ନୂଆଗାଁ ଥାନାରେ ଲିଖିତ ଅଭିଯୋଗ ହେବା ପରେ କେ ନୂଆଗାଁ ଥାନାଧିକାରୀ କିଶୋର କୁମାର ସାମଲ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ଛଟେଇ ନୋଟିସ୍ ପରେ ଆତ୍ମଦାହ ଉଦ୍ୟମ

ଭଞ୍ଜନଗର,୨୩।୭(ବାବୁଲା ପ୍ରଧାନ):
ଭଞ୍ଜନଗର ଟାଟା ପାୱାର ଭିଜିଲାନ୍ସ ସେକ୍ସନରେ ପ୍ରାୟ ୪ ବର୍ଷ ହେଲା ସୁପରଭାଇଜର ଭାବେ କାମ କରୁଥିବା ଭକ୍ତରାମ ସାହୁଙ୍କୁ ଛଟେଇ ନୋଟିସ ହୋଇଥିଲା। କିଛିଦିନ ହେଲା ସେ ଠିକ ଭାବେ କାମ କରୁ ନ ଥିବା ଦର୍ଶାଇ ଆଉଟ ସୋର୍ସିଂ କମ୍ପାନୀ ଚଳିତମାସ ଶେଷ ସୁଦ୍ଧା ଛଟେଇ କରିବା ପାଇଁ ନୋଟିସ ଦେଇଥିଲା। ତେଣୁ ଭକ୍ତରାମ କିଛିଦିନ ହେବ ମାନସିକ ଦୁଶ୍ଚିନ୍ତାରେ ଥିଲେ। ମଙ୍ଗଳବାର ସେ କାର୍ଯ୍ୟାଳୟ ସମ୍ମୁଖରେ ଠିଆ ହୋଇ ବିଭାଗୀୟ ଗାଡିଗୁଡିକୁ ଛାଡୁ ନାହାନ୍ତି ବୋଲି ଦର୍ଶାଇ ଜଣେ ଅଧିକାରୀ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଆସି ଭକ୍ତରାମଙ୍କୁ ସେଠାରୁ ଉଠାଇ ନେଇଥିଲା। ତଦନ୍ତ ପରେ ସେଭଳି କୌଣସି ପ୍ରମାଣ ନ ମିଳିବାରୁ ତାଙ୍କୁ ଛାଡି ଦେଇଥିଲେ। ବୁଧବାର ଭକ୍ତରାମ ଟାଟା ପାୱାର ଅଧିକାରୀଙ୍କ କାର୍ଯ୍ୟାଳୟ ଭିତରେ ପଶି ଆତ୍ମାହୁତି ଉଦ୍ୟମ କରିଥିଲେ। ସେ ଧରିଥିବା କିରୋସିନ ଦେହରେ ଢାଳି ନିଆଁ ଲଗାଇବାକୁ ଯାଉଥିବା ବେଳେ ଅନ୍ୟ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ବୁଝାଶୁଝା କରିଥିଲେ। ଏହାପରେ ବିଭାଗୀୟ ଅଧିକାରୀମାନେ ଭକ୍ତରାମଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। ଆଗାମୀ ଦିନରେ ଯଦି ନ୍ୟାୟ ନ ମିଳିବ ଆତ୍ମହତ୍ୟା କରିବେ ବୋଲି ଭକ୍ତରାମ ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି।ଏ ନେଇ ଆଉଟ ସୋର୍ସିଂ କମ୍ପାନୀ ଅଧିକାରୀଙ୍କ ମତାମତ ନେବାପାଇଁ ଉଦ୍ୟମ ହୋଇଥିଲା କିନ୍ତୁ ତାହା ସମ୍ଭବ ହୋଇପାରିନାହିଁ। ଅନ୍ୟପକ୍ଷରେ ଟାଟା ପାୱାରର ଜଣେ ଅଧିକାରୀଙ୍କୁ ପଚାରିବାରୁ ସେ କିଛି ଜାଣି ନ ଥିବା କହିଛନ୍ତି।

# କଲେଜ ଛାତ୍ରୀଙ୍କୁ ସଚେତନତା

ଭଞ୍ଜନଗର,୨୩।୭(ବାବୁଲା ପ୍ରଧାନ):

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଯୁକ୍ତ ୩ ପ୍ରଥମ ବର୍ଷ ବିଜ୍ଞାନ, ବାଣିଜ୍ୟ ଓ କଳା ବିଭାଗ ଛାତ୍ରୀ ଛାତ୍ରଙ୍କୁ କଲେଜ ନୀତି ନିୟମ ସମ୍ପର୍କରେ ବୁଧବାର ସଚେତନ କରାଯାଇଥିଲା। ଅଧକ୍ଷ ରାଜେନ୍ଦ୍ର କୁମାର ଦାସ ସଭାରେ ଅଧ୍ୟକ୍ଷତା କରି ଛାତ୍ରୀଛାତ୍ରମାନେ କଲେଜରେ କିଭଳି ଶୃଙ୍ଖଳିତ ରହିବେ ସେ ନେଇ କହିଥିଲେ। ଏଥିସହ କଲେଜର ନୀତି ନିୟମ ସଂପର୍କରେ ସେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ବିଭାସ ଦାସ, ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ମହାପାତ୍ର, ଅଧ୍ୟାପକ ସନାତନ ବେହେରା, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ତୃପ୍ତିମୟୀ ଦାସ, ଶେଫାଳି ପଟ୍ଟନାୟକ, ଅନିତା ମହାପାତ୍ର ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ। ଏହାପରେ କଲେଜ ଆଇସିସି ବୈଠକ ହୋଇଥିଲା। ବୈଠକରେ ଛାତ୍ରୀମାନଙ୍କୁ ନୂଆ ନୀତିନିୟମ ସଂପର୍କରେ ସଚେତନ କରାଯାଇଥିଲା । ଏଥିରେ ପ୍ରାଧ୍ୟାପିକା ରାଜଲକ୍ଷ୍ମୀ ରଥ, ତୃପ୍ତିମୟୀ ଦାସ, ସଭ୍ୟା ସୁନିତା ରାଣୀ ଖଣ୍ଡୁଆଳ, ସ୍ମରଣିକା ପାଢ଼ୀ, ମିନାକ୍ଷୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।




ଆଇସିସି ବୈଠକରେ ଉପସ୍ଥିତ ଅଧ୍ୟାପିକା।

### ଜମିରେ କୃଷକଙ୍କ ମୃତ୍ୟୁ

ପୋଲସରା,୨୩।୭(ସୁବ୍ରତ ବେହେରା)
ଚାଷ ଜମିରେ ଚାଷ କରୁଥିବା ବେଳେ ବୁଧବାର ଜଣେ କୃଷକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୋଲସରା ବ୍ଲକ୍ ଚିରିକିପଡ଼ା ଶାସନ ଗ୍ରାମର କବିରାଜ ଜେନା (୬୫)। କିମ୍ବିରା ନଦୀ ତଟରେ ଥିବା ନିଜ ଜମିରେ ଚାଷ କରୁଥିବା ବେଳେ ହଠାତ୍ ଟଳି ପଡିଲେ। ସଙ୍ଗେ ସଙ୍ଗେ ଗ୍ରାମବାସୀ ଓ ପରିବାର ଲୋକେ କବିରାଜଙ୍କୁ ପୋଲସରା ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବର ପାଇ ପୋଲସରା ପୋଲିସ ମେଡିକାଲରେ ପହଞ୍ଚି ତଦନ୍ତ ଚଳାଇଛି।

# ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟିତ

ପାରଳାଖେମୁଣ୍ଡି,୨୩।୭ (ଗିରିଧାରୀ ପରିଚ୍ଛା)
ପାରଳାଖେମୁଣ୍ଡିଠାରେ ବୁଧବାର ଜିଲାପାଳ ବିଜୟ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟନ କରିଛନ୍ତି। ଜିଲାରେ ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱ ଦିଆଯିବା ସହିତ ମହିଳାଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନା କରାଯାଇଛି। ସେଥିମଧ୍ୟରୁ ସୁଭଦ୍ରା ଶକ୍ତି ମାଧମରେ ମହିଳାମାନେ ସ୍ୱାବଲମ୍ବୀ ହୋଇ ରୋଜଗାର କରି ପରିବାର ଚଳାଇ ପାରୁଛନ୍ତି। ସ୍ଥାନୀୟ ମା'ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ସୁଭଦ୍ରା ଶକ୍ତି କାଫେ ପରିଚାଳନା ଦାୟିତ୍ୱ ଦିଆଯାଇଛି। ଏଥିସହ କାଫେ ଦାୟିତ୍ୱରେ ଥିବା ମହିଳାମାନଙ୍କ ସହତ ଜିଲାପାଳ ଆଲୋଚନା କରି ସେମାନଙ୍କୁ ଜିଲାପାଳ ଉତ୍ସାହିତ କରିଛନ୍ତି। କାଫେରେ ସୁଲଭ ମୂଲ୍ୟରେ ବିଭିନ୍ନ ଖାଦ୍ୟ ଗ୍ରାହକଙ୍କୁ ଯୋଗାଇ ଦେବେ ବୋଲି କାଫେ ଦାୟିତ୍ୱରେ ଥିବା ମହିଳା ଗୋଷ୍ଠୀ କହିଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଫାଲଗୁନି ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲାପରିଷଦ ଶଙ୍କର କେରକେଟା, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଂଶୁମାନ ମହାପାତ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀ ଓ ଜିଲା ପ୍ରକଳ୍ପ ପରିଚାଳକ ଓଡ଼ିଶା ଜୀବିକା ମିଶନ ଗଜପତି ଟିମନ ବାରା ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ଏସ୍‌ଏଚ୍‌ଜି ଉପସ୍ଥିତ ଥିଲେ।

# ବସୁନ୍ଧରା ଯୋଜନାରେ ଜମିପଟ୍ଟା ପ୍ରଦାନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ହିତାଧିକାରୀ।

ଚିକିଟି,୨୩।୭(ପ୍ରକାଶ ଚନ୍ଦ୍ର ସାହୁ)
ଚିକିଟି ତହସିଲ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ପଟ୍ଟା ବଣ୍ଟନ ମେଳା ଅନୁଷ୍ଠିତ ହୋଇଛି। ତହସିଲଦାର ବିଶ୍ୱରଂଜନ କହଁରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇ ଗ୍ରାମାଞ୍ଚଳର ଜମି ହିନ ଗରିବ ପରିବାରଙ୍କୁ ଗୃହସ୍ଥଳୀ ଭୂମି ଦେବା, ସମାଜର ଅନ୍ୟ ବଞ୍ଚିତ ବର୍ଗମାନେ ଯେଉଁ ମାନଙ୍କ ନିଜ ଜମି ନାହିଁ ସେମାନେ ଗୃହ ନିର୍ମାଣ ପାଇଁ ଜମି ପାଇପାରିବେ ଏହା ହେଉଛି ବସୁନ୍ଧରା ଯୋଜନାର ମୂଳ ଲକ୍ଷ୍ୟ ବୋଲି କହିଛନ୍ତି। ଉକ୍ତ ତହସିଲ ଅନ୍ତର୍ଗତ ବିଭିନ୍ନ ଗ୍ରାମର ୧୯ ଜଣ ଭୂମିହୀନ ପରିବାରଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଚିକିଟି ବିଡିଓ ପ୍ରମୋଦ ନାୟକ ଯୋଗଦେଇ ଭୂମିହୀନ ପରିବାରଙ୍କୁ ଆବାସ ଯୋଜନାରେ ଥଇଥାନ କରିବା ପାଇଁ ବସୁନ୍ଧରା ଯୋଜନା ଦ୍ୱାରା ହିତାଧିକାରୀଙ୍କ ସୁବିଧା ସୁଯୋଗ ହୋଇଥାଏ ବୋଲି କହିଥିଲେ। ସମସ୍ତ ଭୂମିହୀନମାନଙ୍କୁ ବସୁନ୍ଧରା ଯୋଜନାରେ ସାମିଲ କରାଇ ପଟ୍ଟା ବଣ୍ଟନ କରାଯିବ ବୋଲି ତହସିଲଦାର କହିଥିଲେ। ଏହି କାର୍ଯ୍ୟକ୍ରମକୁ ସୁପରଭାଇଜର ବିଶ୍ୱନାଥ ବେହେରା ପରିଚାଳନା କରିଥିବା ବେଳେ ରାଜସ୍ୱ ନିରୀକ୍ଷକ ବଳରାମ ପ୍ରଧାନ ଏବଂ ଅଶ୍ୱିନୀ ରାଉଳ ସହଯୋଗ କରିଥିଲେ।

# ହତ୍ୟା ଅଭିଯୁକ୍ତଙ୍କୁ ଗିରଫ ଦାବି କଲେ ଅଞ୍ଚଳବାସୀ

■ତପନଙ୍କ ମୃତଦେହ ଉଦ୍ଧାର ଘଟଣା
■ଏସ୍‌ଡିପିଓଙ୍କୁ ତଦନ୍ତ ଦାୟିତ୍ୱ

ଫୁଲବାଣୀ, ୨୩।୭(ରାକେଶ କୁମାର ରାଉତ)
କନ୍ଧମାଳ ଜିଲା ଗୋଛାପଡ଼ା ଥାନା ସଲାଗୁଡା ପଞ୍ଚାୟତ ନେଡ଼ିପଦର ଗ୍ରାମର ତପନ ରଣାଙ୍କ ମୃତ୍ୟୁ ଏବେ ରହସ୍ୟ ଘେରରେ ରହିଛି। ତପନଙ୍କ ମୃତ୍ୟୁ ବିଷ କ୍ରିୟା ଜନୀତ ନୁହେଁ, ତାଙ୍କୁ ହତ୍ୟା କରାଯାଇଛି । ହତ୍ୟାକାରୀମାନଙ୍କୁ ଧରୁନାହିଁ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ହତ୍ୟାକାରୀଙ୍କୁ ଗିରଫ କରାଯାଉ ବୋଲି ବୁଧବାର ସଲାଗୁଡ଼ା ପଞ୍ଚାୟବାସୀଙ୍କ ସମେତ ପୂର୍ବତନ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଦାବି କରିଛନ୍ତି। ଏନେଇ ଏକ ଦାବିପତ୍ର କନ୍ଧମାଳ ଏସ୍‌ପି ହରିଶ ବିସିଙ୍କୁ ପ୍ରଦାନ କରାଯାଇଛି। ଏହି ଘଟଣାର ତଦନ୍ତ ଫୁଲବାଣୀ ସଦର ଏସ୍‌ଡିପିଓ କରିବେ। ଘଟଣା ପଛରେ ଯିଏ ବି ଥାନ୍ତୁ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି।
ମୋ ଭାଇ ତପନ ରଥ ଯାତ୍ରା ଦେଖିବାକୁ ଫୁଲବାଣୀ ଆସିଥିଲେ। ତାଙ୍କ ସହ ଆମେ କଥା ହେଉଥିଲୁ। ୨ ଦିନ ପରେ ହଠାତ ତାଙ୍କ ଫୋନ ଲାଗିଲା ନାହିଁ । ଆମେ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଏତଲା ଦେଇଥିଲୁ। ପୋଲିସ ଆମକୁ ତପନଙ୍କ ମୋବାଇଲର ଲାଷ୍ଟ ଲୋକେସନ ଦେଇଥିଲା। ସେଠାରେ ଖୋଜି ମଧ ପାଇ ନ ଥିଲୁ। ଗତ ୧୦ ତାରିଖରେ ଭାଇର ମୃତଦେହ ଗୁଦାରୀ ଗ୍ରାମ ଭାଲୁଗୁଟି ଜଙ୍ଗଲରେ ପଡ଼ିଥିବା ଖବର ପାଇଥିଲୁ। ସେଠାକୁ ଯାଇ ଦେଖିଲା ବେଳକୁ ତାଙ୍କୁ ମାଡ ମରାଯାଇ ବିଷ ପିଆଇ ଦିଆ ଯାଇଥିବା ଜାଣିବାକୁ ପାଇଲୁ। ଶରୀରରେ କ୍ଷତ ଚିହ୍ନ ବି ଥିଲା। ଆମ ଜାଣିବାରେ ସାଇନପଦର, ଲୁହୁରବାଲି ଗ୍ରାମର କିଛି ପିଲାଙ୍କ ସହ ଭାଇର ଟଙ୍କା ଦେଣ ନେଣ କାରବାର ଥିଲା। ସେମାନେ ଲକ୍ଷାଧିକ ଟଙ୍କା ଭାଇ ତପନ ପାଖରୁ ଧାର ସୂତ୍ରରେ ନେଇଥିଲେ । ବାରମ୍ବାର ଟଙ୍କା ମାଗିଲେ ମଧ ସେମାନେ ଦେଉ ନ ଥିଲେ। ଯୋଜନାବଦ୍ଧ ଭାବେ ସେମାନେ ମୋ ଭାଇକୁ ହତ୍ୟା କରିଛନ୍ତି। ଏଥିରେ ଫୁଲବାଣୀ କେନ୍ଦୁପଦର ଅଞ୍ଚଳର କିଛି ଯୁବକ ସହଯୋଗ କରିଛନ୍ତି। ପୋଲିସକୁ ଆମେ ଏ ବିଷୟରେ ଅବଗତ କରିଛୁ। ସେମାନେ ମୋ ଭାଇକୁ ହତ୍ୟା କରିଛନ୍ତି ବୋଲି ତପନଙ୍କ ଭାଇ ବିଦ୍ୟାଧର ରଣା ପ୍ରକାଶ କରିଛନ୍ତି। ଫୁଲବାଣୀ ପୂର୍ବତନ ବିଧାୟକ ଅଙ୍ଗଦ କହଁର କହିଛନ୍ତି କି ତପନଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି। ଆମେ ଏହି ମାମଲାର ନିରପେକ୍ଷ ତଦନ୍ତ ଚାହୁଁଛୁ। ସୂଚନାଯୋଗ୍ୟ, ତପନ ୪ ତାରିଖରେ ସମ୍ପର୍କୀୟଙ୍କ ବାଇକ ଧରି କଟ୍ରିଙ୍ଗିଆ ଯାଉଛି କହି ଆସିଥିଲେ। ହେଲେ ଘରକୁ ଫେରି ନ ଥିଲେ।ଫୁଲବାଣୀରେ ରଥ ଯାତ୍ରା ଦେଖି ଫେରିବେ ବୋଲି କହିଥିଲେ। ୬ରେ ଆଉ ତାଙ୍କ ଫୋନ ଲାଗି ନ ଥିଲା। କିଛି ସାଙ୍ଗ ଗୁଦାରୀ ନିକଟରେ ତପନଙ୍କ ଦୁର୍ଘଟଣା ହୋଇଥିବା ନେଇ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ଆସି ଖୋଜାଖୋଜି କହିଥିଲେ ହେଁ ପାଇ ନ ଥିଲେ। ୧୦ରେ ଗୁଦାରୀ ନିକଟ ଭାଲୁଗୁଟି ଜଙ୍ଗଲରୁ ତାଙ୍କ ମୃତ ଦେହ ମିଳିଥିଲା।



ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ବିଧାୟକ ଅଙ୍ଗଦ କହଁର ଓ ପଞ୍ଚାୟତ ବାସୀ।

# ଶିଆଳି ବେଳାଭୂମି ଲଙ୍ଘିଲା ଜୁଆର, ୨୫ ଗ୍ରାମର ଲୋକେ ଆତଙ୍କିତ

ଏରସମା, ୨୩।୭ (ଦୀପ୍ତି ଖଣ୍ଡୁଆଳ )

ଜଗତ୍‌ସିଂହପୁର ଜିଲାର ଅନ୍ୟତମ ମୁଖ୍ୟ ପର୍ଯ୍ୟଟନସ୍ଥଳ ଭାବେ ପରିଚିତ ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ଶିଆଳି ବେଳାଭୂମିରେ ସମୁଦ୍ର ଜୁଆର ଉଗ୍ର ରୂପ ଧାରଣ କରିଛି। ଅମାବାସ୍ୟା ପ୍ରଭାବରେ ମଙ୍ଗଳବାର ବିଳମ୍ବିତ ରାତିରେ ଲୁଣାଜୁଆର କୂଳ ଲଂଘିଛି। ଜୁଆର ଉପକୂଳ ଜଙ୍ଗଲ ଅତିକ୍ରମ କରିଯାଇଛି। ବେଳାଭୂମି ମହୋତ୍ସବସ୍ଥଳ, ଉଠା ଦୋକାନ, ଓଟିଡିସି ଗୃହ, ଗାଡି ପାର୍କିଂ ସ୍ଥଳ ପର୍ଯ୍ୟନ୍ତ ମାଡିଯାଇଛି। ସମୁଦ୍ର ଓ ବହୁ ଉଚ୍ଚ ଉପକୂଳ ଜଙ୍ଗଲ ମଧ୍ୟରେ ଜଳ ପତନ ସମାନ ହୋଇଯାଇଛି। ଫଳରେ ସମୁଦ୍ର ସଂଲଗ୍ନ ଗଡ଼ହରିଶପୁର, ପଦ୍ମପୁର, ଆମ୍ବିକ, ଶିଆଳି, ଶଙ୍ଖା, ନୋଳିଆସାହି, କଳବେଦୀ, ରାମତରା ପଞ୍ଚାୟତର ୨୫ ଗ୍ରାମର ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି।

ସୂଚନାଯୋଗ୍ୟ, ୨୦୦୫ ମସିହାରେ ସମୁଦ୍ର ବେଳାଭୂମିଠାରୁ ୫୦ ମିଟର ଦୂରରେ ଥିଲା। ସମୟକ୍ରମେ ଜଳବାୟୁ ପରିବର୍ତ୍ତନ ଯୋଗୁ ସମୁଦ୍ର ଜଳ ପତନ ବୃଦ୍ଧି ଘଟି କୂଳମୁହାଁ ହୋଇଥିଲା। ମାତ୍ର ପୁରୀ ବେଳାଭୂମି ପରି ଶିଆଳିଠାରେ ସମୁଦ୍ର


ଶିଆଳି ବେଳାଭୂମି ଝାଉଁ ଜଙ୍ଗଲରେ ଜୁଆର ପାଣି।

ଅଗଭୀର ହୋଇଥିବାରୁ ପର୍ଯ୍ୟଟକମାନେ ସମୁଦ୍ର ସ୍ନାନର ମଜା ନେଉଥିଲେ। ଏହାକୁ ଦୃଷ୍ଟିରେ ରଖି ତତ୍କାଳୀନ ବିଧାୟକ ତଥା ମନ୍ତ୍ରୀ ଡା. ଦାମୋଦର ରାଉତ, ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ସହିତ ପୂର୍ବତନ ବିଡିଓ ମୁରଲୀଧର ସ୍ୱାଇଁଙ୍କ ଚେଷ୍ଟାରେ ସେଠାରେ ବେଳାଭୂମି ମହୋତ୍ସବର ଶୁଭାରମ୍ଭ କରାଗଲା। ସେଠାରେ ସମୁଦ୍ର ଦର୍ଶନ ପାଇଁ ଭିୟୁ ଟାୱାର, ଓଟିଡିସି ସଭା ଗୃହ, ଝାଉଁ ଜଙ୍ଗଲ, ଗାଡି ପାର୍କିଂ ପାଇଁ ବିସ୍ତୃତ ସ୍ଥାନ ସୃଷ୍ଟି କରାଯାଇ ଶିଆଳି ବେଳାଭୂମିର ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ବହୁ ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ଏହି ସ୍ଥଳକୁ ଆସିବାରେ ଲାଗିଲେ। ଏହାକୁ ବିଚାରକୁ ନେଇ ୨୦୧୪ରେ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଶିଆଳି ସ୍ଥାନ ପାଇଥିଲା। ଏ ନେଇ ଏରସମା ଅଞ୍ଚଳରେ ଆନନ୍ଦର ଲହରି ଖେଳି ଯାଇଥିଲା। ମାତ୍ର ପରିତାପର ବିଷୟ ସରକାରଙ୍କ ପକ୍ଷରୁ ଏହି କ୍ଷେତ୍ରର ବିକାଶ ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଗଲାନାହିଁ। ଏହା ମଧ୍ୟରେ ସମୁଦ୍ର ଜଳ ପତନ ଆଶାତୀତ ବୃଦ୍ଧି ଘଟି ବାରମ୍ବାର କୂଳ ଲଂଘୁଛି। ଫଳରେ ନିର୍ମାଣ କରାଯାଇଥିବା ଭିୟୁ ଟାୱାର ତଳ ଅଂଶରୁ ମାଟି ଓ ବାଲି ଧସି ଯିବାରୁ ବିପଦସଙ୍କୁଳ ଅବସ୍ଥାକୁ ଚାଲି ଆସିଥିଲା। ଫଳରେ ପ୍ରଶାସନ ବାଧ୍ୟ ହୋଇ ଭିୟୁ ଟାୱାରକୁ ଭାଙ୍ଗି ମାଟିରେ ମିଶାଇବାକୁ ପଡ଼ିଥିଲା। ପ୍ରଶାସନ ପକ୍ଷରୁ ଜୁଆର ରୋଧକ ଭାବେ ଝାଉଁ କାଠ, ତାର ଜାଲି, ପଥର ଦ୍ୱାରା ଯେଉଁ ବ୍ୟବସ୍ଥା କରାଯାଇଥିଲା ତାହା ସମୁଦ୍ର ଗର୍ଭରେ ଲୀନ ହୋଇସାରିଲାଣି। ଜୁନ ପହିଲାରେ ଲୁଣା ଜୁଆର ମାଡି ଯାଇ ଆତଙ୍କ ସୃଷ୍ଟି କରିଥିଲା। ଜୁନ ୧୫ ମଝି ରଜରେ ସମୁଦ୍ର ସ୍ନାନ ସମୟରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଶିଆଳି ଗ୍ରାମର ଦୋଳଗୋବିନ୍ଦ ଜୀଉ ଯୁବ ସଙ୍ଗଠନର କର୍ମକର୍ତ୍ତା ସୁକାନ୍ତ ସାମନ୍ତ କହିଛନ୍ତି, ସାଗରମାଳା ପ୍ରକଳ୍ପ କାଗଜ ପତ୍ରରେ ସୀମିତ ହୋଇଯାଇଛି। ସମୁଦ୍ର ଯେଉଁ କରାଳ ରୂପ ନେଇ ସ୍ଥଳ ଭାଗ ଆଡକୁ ମାଡି ଆସୁଛି ଏହା ଏରସମା ଅଞ୍ଚଳ ପାଇଁ ବପଦ ସାଜିଛି।

# ସାହାଣୀ କପ୍ ଫୁଟ୍‌ବଲ: ସେମିରେ କଟକ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

ରାଜକନିକା, ୨୩।୭ (ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

ଓଡ଼ିଶା ଫୁଟ୍‌ବଲ ଆସୋସିଏଶନ୍ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲା କ୍ରୀଡ଼ା ସଂସଦ ଅନୁବନ୍ଧିତ ରାଜକନିକା ଆଥ୍‌ଲେଟିକ ଆସୋସିଏଶନ ଦ୍ୱାରା ସ୍ଥାନୀୟ ଆର୍.ଏନ୍. ହାଇସ୍କୁଲ ମିନି ଷ୍ଟାଡିୟମରେ ଆନ୍ତଃ ଜିଲା ସିନିୟର ସାହାଣୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ବୁଧବାର କ୍ୱାର୍ଟର ଫାଇନାଲ ଖେଳ କଟକ ବନାମ ଝାରସୁଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ୫-୦ ଗୋଲରେ ବିଜୟ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଛି। ରେଫରି ଭାବେ ଆଶୀର୍ବାଦ କାନୁନ୍‌ଗୋ ଖେଳ ପରିଚାଳନା କରିଥିବାବେଳେ ଦିଲୀପ ରାଉତ ମ୍ୟାଚ କମିଶନର କାର୍ଯ୍ୟ ସମ୍ପାଦନ କରିଥିଲେ। କଟକ ଦଳର ଦୀନବନ୍ଧୁ ଦାସ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ।

ଏହି ଖେଳରେ ମୁଖ୍ୟ ଅତିଥି ଭାବେ ଆଳି ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତ୍ରୀ ତଥା ପିସିସି ସମ୍ପାଦିକା ଦେବସ୍ମିତା ଶର୍ମା, ସମ୍ମାନିତ ଅତିଥି ଭାବେ ଫାଓର ଉପସଭାପତି ବୀରେନ୍ଦ୍ର କୁମାର ବେହେରା, ସହଦେବ ରାଉତ, ଟିଆଣ୍ଟି କମିଟି ସଦସ୍ୟ ରମେଶ ଚନ୍ଦ୍ର ମଲ୍ଲିକ ଓ କାର୍ଯ୍ୟକାରୀ ସଦସ୍ୟ ସେକ୍ ଏହସାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆସୋସିଏଶନର ସଭାପତି ଦୋଳ ଗୋବିନ୍ଦ ନାୟକ, ଉପସଭାପତି କପିଳେନ୍ଦ୍ର ମଲ୍ଲିକ, ଯୁଗ୍ମ ସମ୍ପାଦକ ଡ.ଫକୀର ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ନାୟକ, ଉପଦେଷ୍ଟା ଆଦିକନ୍ଦ ଦାସ, ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଗୋଲକ ବିହାରୀ ମଲ୍ଲିକ, ବାସୁଦେବ ବେହେରା, ପର୍ଶୁରାମ ସାହୁ, ବିଜୟ ଭୂୟାଁ, ଅରୁଣ ବାରିକ, ମିର୍ଜା ଇବ୍ରାହିମ ବେଗ, ଅକ୍ଷୟ ନାଥ, ସୋମ୍ୟକାନ୍ତ ନାୟକ, ପ୍ରହଲ୍ଲାଦ ଜେନା ଆଦି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ୨୬ ତାରିଖ ସେମିଫାଇନାଲ ଖେଳ କଟକ ଓ ସୁନ୍ଦରଗଡ଼ ମଧ୍ୟରେ ହେବ ବୋଲି ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ କହିଛନ୍ତି।

# ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ଯାଜପୁର ଟାଉନ, ୨୩।୭ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ବୁଧବାର ରାୟ ପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ବିଚାରପତି ଅଭିଜିତ ପଲେଇ ମାମଲାର ବିଚାର କରି ଦୋଷୀଙ୍କୁ ୨୦ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ୩୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟରେ ଦୋଷୀଙ୍କୁ ୬ମାସ ଅଧିକ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦକୁ ୨ଲକ୍ଷ ଟଙ୍କା ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ଯାଜପୁର ସଦର ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇବା ସହ ବିବାହର ପ୍ରତିଶ୍ରୁତି ଦେଇ ବରୀ-ରାମଚନ୍ଦ୍ରପୁର ଥାନା ଅଧୀନ ଅରୁଆଳ ଗ୍ରାମର ଦୁଷ୍ମନ୍ତ ଜେନା ବିଜୟୱାଡା ନେଇଯାଇଥିଲେ। ଏହି ଘଟଣା ୨୦୨୩ ଏପ୍ରିଲ ୯ରେ ଘଟିଥିଲା। ସେଠାରେ ନାବାଳିକାଙ୍କ ଅନିଚ୍ଛା ସତ୍ତ୍ୱେ ଅଭିଯୁକ୍ତ ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ। ନାବାଳିକାଙ୍କ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନ ପାଇବାରୁ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୯୨/୨୩ରେ ଏକ ମାମଲା ରୁଜୁ କରି ବିଜୟୱାଡାରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ ୧୩ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ରାଜୀବ ମହାନ୍ତି ମାମଲା ପରିଚାଳନା କରୁଥିଲେ।


ଅଭିଯୁକ୍ତଙ୍କୁ ପୋଲିସ ଜେଲ୍‌କୁ ନେଉଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ କୁନ୍‌ମୁନ୍


@ ମାନସ


@ ସୁଲେମାନ୍


@ ସ୍ୱାଲିନୀ


@ ପ୍ରଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗୁଳୁଗୁଳି ଯୋଗୁ ୧୦ ଛାତ୍ରୀ ଅସୁସ୍ଥ


ଅସୁସ୍ଥ ଛାତ୍ରୀମାନଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।

ରାଜନଗର, ୨୩।୭ (ଭାସ୍କର ରାଉତରାୟ)

ପ୍ରବଳ ଗରମ ଓ ଗୁଳୁଗୁଳି ଯୋଗୁ ଶ୍ରେଣୀ ଗୃହରେ ୧୦ଜଣ ଛାତ୍ରୀ ଅସୁସ୍ଥ ହୋଇପଡିଥିଲେ। ସମସ୍ତଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଜଣକ ପରେ ଜଣେ ଛାତ୍ରୀଙ୍କ ମୁଣ୍ଡ ବୁଲାଇ ଥିଲା। ଏହାପରେ ସେମାନେ ନିସ୍ତେଜ ହୋଇ ଯାଇଥିଲେ। ସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଏହାଦେଖି ସେମାନଙ୍କ ଅଭିଭାବକମାନଙ୍କୁ ଖବରଦେଇଥିଲେ। ଏହାପରେ ଛାତ୍ରୀମାନଙ୍କୁ ଡାକ୍ତରଖାନା ନିଆଯାଇଥିଲା।

ସୂଚନା ଅନୁଯାୟୀ, ରାଜନଗର ଉଚ୍ଚ ବିଦ୍ୟାଳୟରେ ପ୍ରବଳ ଗରମ ଓ ଗୁଳୁଗୁଳି ଯୋଗୁ ୮ ଜଣ ନବମ ଶ୍ରେଣୀ ଛାତ୍ରୀ, ଜଣେ ଦଶମ ଶ୍ରେଣୀ ଛାତ୍ରୀ ଓ ଚାନ୍ଦିବାଉଁଶମୂଳସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଜଣେ ଦଶମ ଶ୍ରେଣୀ ଛାତ୍ରୀ ଅସୁସ୍ଥ ହୋଇଛନ୍ତି। ଶ୍ରେଣୀ ଗୃହରେ ପାଠପଢା ଚାଲିଥିବା ବେଳେ ଏହି ଘଟଣା ଘଟିଥିଲା। ଅସୁସ୍ଥ ଛାତ୍ରୀମାନେ ହେଲେ ରାଜନଗର ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ପ୍ରିୟଙ୍କା ବିଶ୍ୱାଳ, ୯ମ ଶ୍ରେଣୀ ଛାତ୍ରୀ ସୁଚିସ୍ମିତା ସେଠୀ, ତନୁଶ୍ରୀ ଦାସ, ଦୀପା ମଲିକ, ପୂର୍ଣ୍ଣିମା ପ୍ରଧାନ, ମାମୁନି ଦାସ, ପମଶ୍ରୀ ପ୍ରଧାନ। ଅନ୍ୟ ୨ ଛାତ୍ରୀ ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଚାନ୍ଦିବାଉଁଶମୂଳସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ସୁଚିତ୍ରା ରାଉଳ ଗୁଳୁଗୁଳି ଯୋଗୁ ଶ୍ରେଣୀଗୃହରେ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ମଧ୍ୟ ରାଜନଗର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଚିକିତ୍ସା ପରେ ସମସ୍ତ ଛାତ୍ରୀ ସୁସ୍ଥ ଥିବା ଜଣାପଡିଛି। ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଚିତ୍ତ ରଞ୍ଜନ ସ୍ୱାଇଁ ଓ ୨ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହି ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରିବୁଝିଥିଲେ।

# ଏନ୍‌ଜିଟି ନିର୍ଦ୍ଦେଶକୁ ଲିଜ୍‌ଧାରୀଙ୍କ ବେଖାତିର

ଯାଜପୁର, ୨୩।୭ (ହର୍ଷବର୍ଦ୍ଧନ ବେହେରା):

- ୧୦ ହଜାର ଟଙ୍କା ଜରିମାନା ସହ ସତ୍ୟପାଠ ଦାଖଲକୁ ୨ ସପ୍ତାହ ସମୟ
- ଏନ୍‌ଜିଟିରେ ଏମ୍‌ଆଇପି କ୍ଷତିଗ୍ରସ୍ତ ମାମଲା

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ରାହାଡପୁର କଳାପଥର ଖାଦାନରୁ ଅନୁମତିଠାରୁ ଢେର ଗୁଣ ଅଧିକ ଉତ୍ତୋଳନ ଏବଂ କ୍ଷୁଦ୍ରଜଳସେଚନ ପ୍ରକଳ୍ପ (ଏମ୍‌ଆଇପି) ଦ୍ୱୟ ପ୍ରଭାବିତ ହେଉଥିବା ବିରୋଧରେ ଏନ୍‌ଜିଟି ମାମଲାର ଚୂଡ଼ାନ୍ତ ଶୁଣାଣୀ ଘୁଞ୍ଚି ଘୁଞ୍ଚି ଯାଉଛି। କଳାପଥର ଖାଦାନର ଲିଜ୍‌ଧାରୀ ସତ୍ୟ ମଲ୍ଟିପ୍ଲେକ୍ସ ପ୍ରାଇଭେଟ ଲିମିଟେଡ ଏନ୍‌ଜିଟିର ନିର୍ଦ୍ଦେଶକୁ ବେଖାତିର କରି ସତ୍ୟପାଠ ଦାଖଲ କରିବାରେ ତାରିଖ ପରେ ତାରିଖ ଦେଉଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହି କ୍ରମରେ ଏନ୍‌ଜିଟି ପକ୍ଷରୁ ୨୧।୭।୨୦୨୫ରେ ହୋଇଥିବା ଶୁଣାଣିରେ ଲିଜ୍‌ଧାରୀଙ୍କ ଓକିଲ ସତ୍ୟପାଠ ଦାଖଲ କରିବାକୁ ପୁଣି ୨ ସପ୍ତାହ ସମୟ ମାଗିଛନ୍ତି। ଯାଜପୁର ଲଘୁ ଖଣି ବିଭାଗର ଉପନିର୍ଦ୍ଦେଶକ (ଡିଡିଏମ୍) ଜୟପ୍ରକାଶ ନାୟକ ତାଙ୍କ ସତ୍ୟପାଠରେ ପାଇକରାପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପଠାରୁ ରାହାଡପୁର କଳାପଥର ଖାଦାନ ୨୩୬.୨୪ ମିଟର ଦୂରତାରେ ରହିଛି ବୋଲି ଦର୍ଶାଇଛନ୍ତି। ସେହିପରି ଅନୁମତିଠାରୁ ୧୫,୧୦୧.୯୬ ଘନ ମିଟର ଅଧିକ କଳାପଥର ଉତ୍ତୋଳନ କରାଯାଇଛି। ଏଥିପାଇଁ ଲିଜ୍‌ଧାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ଅନ୍ୟପକ୍ଷେ ଆବେଦନକାରୀ ବାବୁଲି ଜେନା ଓ ଅନ୍ୟମାନେ ବାସ୍ତବରେ ପାଇକରାପୁର କ୍ଷୁଦ୍ରଜଳସେଚନ ପ୍ରକଳ୍ପ ଓ ରାହାଡପୁର କଳାପଥର ଖାଦାନ ମଧ୍ୟରେ ଦୂରତା ମାତ୍ର ୨୦.୭୮ ମିଟର ବୋଲି ଏନ୍‌ଜିଟିରେ ପୁଣି ସତ୍ୟପାଠ ଦାଖଲ କରିଛନ୍ତି। ଏଭଳିସ୍ଥିତିରେ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ଗୁରୁତ୍ୱମାମଲାର ଶୁଣାଣି ବିଳମ୍ବ ହେଉଛି ବୋଲି ମତପ୍ରକାଶ ପାଇଛି।

ଏନଜିଟିରେ ୬/୨୦୨୪/ଇଜେଡ ନମ୍ବରରେ ହୋଇଥିବା ଅଭିଯୋଗ ଅନୁସାରେ ରାଣୀବନ୍ଧ ଓ ପାଇକରାପୁର ଏମ୍‌ଆଇପିଦ୍ୱୟ ରାହାଡପୁର କଳାପଥର ଖାଦାନ ଯୋଗୁ ନଷ୍ଟ ହେବାରେ ଲାଗିଛି। ଏହି କ୍ରମରେ ରାହାଡ଼ପୁର କଳାପଥର ଖାଦାନଗୁଡିକଠାରୁ ଅଧିକ ଉତ୍ତୋଳନ ଏବଂ ଏମ୍‌ଆଇପି ଦ୍ୱୟର ବାସ୍ତବ ଦୂରତା ସଂକ୍ରାନ୍ତରେ ଓଆରଏସ୍ଏସି ସହାୟତାରେ ମାପଚୁପ କରିବାକୁ ୧୧।୧୨।୨୦୨୪ରେ ଏନ୍‌ଜିଟି ପକ୍ଷରୁ ଯାଜପୁର ଲଘୁ ଖଣିଜ ଉପନିର୍ଦ୍ଦେଶକ (ଡିଡିଏମ୍)ଙ୍କୁ ନିର୍ଦ୍ଦେଶ ହୋଇଥିଲା। ଏହାପରେ ଡିଡିଏମ୍ ଆବଶ୍ୟକ ତଦନ୍ତ କରି ମାପଚୁପ କରିବାକୁ ଓଆରଏସ୍ଏସିଙ୍କୁ ପରାମର୍ଶ ଦେଇଥିଲେ। ଧର୍ମଶାଳା ତହସିଲ ଅନ୍ତର୍ଗତ ଖାତା ନମ୍ବର ଏସ-୨୩୫ ଓ ପ୍ଲଟ ନମ୍ବର ୧(ପି)ରେ ୬ ଏକର ପରିମିତ ଖାଦାନକୁ ଗତ ୨।୬।୨୦୨୨ରେ ସତ୍ୟ ମଲ୍‌ଟିପ୍ଲେକ୍ସ ପ୍ରାଇଭେଟ ଲିଃକୁ ଲିଜ୍ ସୂତ୍ରରେ ଦିଆଯାଇଛି। ଏହାବାଦ୍ ଏଠାରେ ୧୦୪.୭୭ ଏକର ପରିମିତ ୧୨ଟି ଖାଦାନ ଚାଲିଛି। ଏଠାରୁ ନିର୍ଦ୍ଧାରିତ ପରିମାଣଠାରୁ ବହୁ ଅଧିକ ଗୁଣରେ କଳାପଥର ଉତ୍ତୋଳନ କରାଯାଉଛି। ଏଥିପାଇଁ ଅନିୟନ୍ତ୍ରିତ ବ୍ଲାଷ୍ଟିଂ ଯୋଗୁ ଆଖପାଖ ଜନବସତି ପ୍ରଭାବିତ ହେବା ସହିତ ଘରକାନ୍ଥଗୁଡିକ ଫାଟି ଯାଉଛି। ଏହାସହ କଳାପଥର ପରିବହନ ଯୋଗୁ ଧୂଳି ଉଡି ବାୟୁ ପ୍ରଦୂଷଣ ଉତ୍କଟ ହେଉଛି। ଚାଷ ଜମି କ୍ଷତିଗ୍ରସ୍ତ ହେବା ସହ ଓଭରଲୋଡିଂ ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଏହାସହ ପାଇକରାପୁରା ଓ ରାଣୀବନ୍ଧ ଏମ୍‌ଆଇପି ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଜଳସେଚନ ସମ୍ବଳ ଥିଲେ ସୁଦ୍ଧା ଏଥିରେ ନିର୍ଭର କରୁଥିବା ଚାଷୀମାନେ ବିଭିନ୍ନ ସମୟରେ ମରୁଡିର ସମ୍ମୁଖୀନ ହେଉଛନ୍ତି। ତେବେ ଲିଜଧାରୀ ଏନଜିଟିରେ ସତ୍ୟପାଠ ଦାଖଲ କରି ପାରୁନାହାନ୍ତି। ଏହାକୁ ଏନ୍‌ଜିଟି ନିର୍ଦ୍ଦେଶର ସମ୍ପୂର୍ଣ୍ଣ ଭାବେ ବେଖାତିର ବୋଲି ଦର୍ଶାଯାଇଛି। ତେଣୁ ଗତ ଶୁଣାଣିରେ ଏନ୍‌ଜିଟିର ରେଜିଷ୍ଟ୍ରାରଙ୍କ ନିକଟରେ ୧୦ ହଜାର ଟଙ୍କାର ଜରିମାନା ଦେବା ସହ ୨ ସପ୍ତାହ ସମୟ ଦେବାକୁ ମଞ୍ଜୁର କରାଯାଇଛି।


ରାହାଡ଼ପୁରକୁ ଲାଗିଥିବା ପାଇକରାପୁର ଏମ୍‌ଆଇପି।

ଏ ସଂକ୍ରାନ୍ତରେ ଯାଜପୁର ଲଘୁ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଏନ୍‌ଜିଟିର ନିର୍ଦ୍ଦେଶ ଅନୁସାରେ ରାହାଡ଼ପୁର କଳାପଥର ଖାଦାନର ମାପଚୁପ ସମ୍ପନ୍ନ ହୋଇଛି। ଏଥିରେ ଲିଜ୍‌ଧାରୀ ଅନୁମତିଠାରୁ ଅଧିକ କଳାପଥର ଉତ୍ତୋଳନ କରିଛନ୍ତି। ତେଣୁ ଆଇନ ଅନୁସାରେ ଲିଜ୍‌ଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏବଂ କଳାପଥର ଖାଦାନର ଦୂରତା ନିୟମ ଅନୁସାରେ ବିପଦପୂର୍ଣ୍ଣ ନୁହେଁ।

# ସ୍ୱୀକୃତିପ୍ରାପ୍ତ କାଠ ଡିପୋରେ ଚାଲୁଛି ଫର୍ନିଚର ୟୁନିଟ୍

- ଚୋରାକାଠ କିଣୁଥିଲେ ମଧ ନାହିଁ ଧରପଗଡ଼
- ଲାଇସେନ୍ସ ୧୧, ଚାଲିଛି ୫୨ରୁ ଊର୍ଦ୍ଧ୍ୱ ଡିପୋ
- ଅନୁକମ୍ପା ପ୍ରଦର୍ଶନ କରି ଚଢ଼ାଉ କରୁନି ବନ ବିଭାଗ

**ନୟାଗଡ଼,୨୩।୭ (ଲୋକନାଥ ମିଶ୍ର)**

ନୟାଗଡ଼ ବନଖଣ୍ଡ ନୟାଗଡ଼ ରେଞ୍ଜର ଅଧିକାଂଶ ସରକାରୀ ସ୍ୱୀକୃତି ପ୍ରାପ୍ତ କାଠ ଡିପୋରେ ଫର୍ନିଚର ୟୁନିଟ୍ ଚାଲୁଥିବା ଅଭିଯୋଗ ହୋଇ ଆସୁଛି । ଡିପୋରେ କାଠ ପଟା ଓ ସାଇଜ୍ ବିକ୍ରି ହେଉଥିବାବେଳେ ଭିତରେ ଚୌକି, ଟେବୁଲ, ଖଟ ପରି କାଠ ଉପକରଣ ତିଆରି କରାଯାଇ ବିକ୍ରି ଚାଲୁଥିବା ଅନୁରୂପ ଅଭିଯୋଗ ହୋଇ ଆସୁଛି । କାଠ ଡିପୋରେ ଚୌକି, ଟେବୁଲ, ଖଟ ପରି କାଠ ଉପକରଣ ତିଆରି ଓ ବିକ୍ରି ହେବାର ନିୟମ ନ ଥିଲେ ହେଁ ଆଇନକୁ ଅଣଦେଖା କରି ତିଆରି ଓ ବ୍ରିକି ଚାଲିଛି । ସେହିପରି ନୟାଗଡ଼ ରେଞ୍ଜରେ ୧୧ଟି କାଠ ଡିପୋ କାଠ ପଟା ଓ ସାଇଜ ବିକ୍ରି କରିବାକୁ ଅନୁମତି ପାଇଥିଲେ ହେଁ ୫୨ରୁ ଊର୍ଦ୍ଧ୍ୱ ଡିପୋ ବେଆଇନ ଭାବେ ଚାଲୁଥିବା ଅଭିଯୋଗ ହୋଇଛି । ପୁଣି ଅଧିକାଂଶ ସରକାରୀ ସ୍ୱୀକୃତିପ୍ରାପ୍ତ ଡିପୋ ଚୋରା କାଠ ରଖୁଥିଲେ ହେଁ ଧରପଗଡ ନ ଥିବା ସୂଚନା ମିଳିଛି। ବନବିଭାଗ ଅନୁକମ୍ପା ପ୍ରଦର୍ଶନ କରି ଚଢ଼ାଉ କରୁ ନ ଥିବାରୁ ସରକାରୀ ଓ ବେଆଇନ ଡିପୋରେ ଅନିୟମିତତାକୁ ରୋକାଯାଇ ପାରୁନି ।

ନୟାଗଡ଼ ରେଞ୍ଜରେ ଖେଡପଡା, ପାଣି ପୋଇଲା, ଡିଆଁପଡା, ଘଡୁଆଳରେ ୨ଟି, ଦୁର୍ଗପ୍ରସାଦ, ସୁନ୍ଦୁରିଆ, ଲକ୍ଷ୍ମୀପ୍ରସାଦ ଗୋଡିସାହି, ହରିପୁର, ମାଛିପଡା, ବାଉଁଶିଆପଡା ପରି ଅଞ୍ଚଳରେ ୧୧ଟି ସ୍ୱୀକୃତି ପ୍ରାପ୍ତ କାଠ ଡିପୋ ରହିଛି । ସରକାରୀ ସ୍ୱୀକୃତି ପ୍ରାପ୍ତ ୧୧ କାଠ ଡିପୋକୁ ଛାଡିଦେଲେ ନୟାଗଡ଼ ରେଞ୍ଜର ଇଟାମାଟି, ଭୂତଡିହି, ଲାଠିପଡା ପରି ବିଭିନ୍ନ ଗାଁ ରେ ୫୨ରୁ ଊର୍ଦ୍ଧ୍ୱ ବେଆଇନ ଭାବେ କାଠ ଡିପୋ ଗଢି ଉଠିଛି । ନୟାଗଡ଼ ରେଞ୍ଜରେ କେଉଁଠି ଓ କେତୋଟି କାଠ ଡିପୋ ରହିଛି ସେନେଇ ସାଧାରଣ ଲୋକ ସଚେତନତା ନୁହଁନ୍ତି। ଏହାର ଫାଇଦା ଉଠାଇ କାଠ ଡିପୋ ମାଲିକମାନେ ସରକାରୀ ଡିପୋ କହି ପଟା, ସାଇଜ, ଖଟ, ପଲଙ୍କ, ଚୌକି, ଟେବୁଲ ପରି କାଠ ଉପକରଣ ବିକ୍ରି କରି ଚାଲିଛନ୍ତି । ଗାଁ ଗାଁରେ ବେଆଇନ ଭାବେ କାଠ ଡିପୋ ଅଥବା ଫର୍ନିଚର ୟୁନିଟ କୁଟିର ଶିଳ୍ପରେ ପରିଣତ ହୋଇଛି । ଅନ୍ୟପକ୍ଷେ ସରକାରୀ ସ୍ୱୀକୃତୀ ପ୍ରାପ୍ତ କାଠ ଡିପୋ ମାଲିକମାନେ କର୍ପୋରେଶନ, ରେକର୍ଡ ହୋଲଡିଂ ବ୍ୟବସାୟୀଙ୍କଠାରୁ କାଠ କିଣି ସରକାରୀ ଲାଇସେନ୍ସ ପ୍ରାପ୍ତ ସ ମିଲରେ ଚିରି ପାରିବେ। ପୁଣି କାଠର ପଟା ଓ ସାଇଜ ମଧ୍ୟ ସରକାରୀ ଲାଇସେନ୍ସ ପ୍ରାପ୍ତ ସ ମିଲରୁ ମଧ୍ୟ କିଣି ପାରିବେ । ତେବେ ଚୋରା କାଠ କିଣି ସରକାରୀ ଡିପୋରେ ରଖିଥିଲେ ମଧ ତଦନ୍ତ କରାଯାଉନି ବୋଲି ଅଭିଯୋଗ ରହିଛି ।

ଏନେଇ ନୟାଗଡ଼ର ସୁଦାମ ପ୍ରଧାନ, ବିକାଶ ସାହୁ, ଶ୍ରୀଧର ସ୍ୱାଇଁ କୁହନ୍ତି, ବନବିଭାଗ ପକ୍ଷରୁ ଧରପଗଡ଼ ନ ଥିବାରୁ ଗାଁ ଗହଳିରେ ବେଆଇନ ଫର୍ନିଚର ୟୁନିଟ୍ ଅଥବା କାଠ ଡିପୋ ସଂଖ୍ୟା ବଢ଼ି ଚାଲିଛି। ବନ ବିଭାଗ ପକ୍ଷରୁ ନୟାଗଡ଼ ରେଞ୍ଜରେ କେତେ କାଠ ଡିପୋ ରହିଛି ସେନେଇ ସଚେତନତା କରାଯିବା ଦରକାର । ମଝିରେ ମଝିରେ ସ୍ୱୀକୃତୀ ପ୍ରାପ୍ତ କାଠ ଡିପୋରେ ଚଢ଼ାଉ କରାଯାଇ ସେମାନେ କେଉଁଠୁ କାଠ ଆଣୁଛନ୍ତି ତାର ତଦନ୍ତ କରାଯିବା ଦରକାର । କେବଳ ଅଫିସରେ ବସି ରହିଲେ କାମ ହେବନି ବୋଲି କହିଛନ୍ତି । ନୟାଗଡ଼ ରେଞ୍ଜର ଅଶୋକ କୁମାର ବିଶ୍ୱାଳ କୁହନ୍ତି, ବନବିଭାଗ ପକ୍ଷରୁ ଧରପଗଡ଼ ଚାଲିଛି । ଆଗକୁ ଚଢ଼ାଉ ଓ ଧରପଗଡ ତ୍ୱରାନ୍ୱିତ କରାଯିବ ବୋଲି ସେ କହିଛନ୍ତି ।


@ କୁନ୍‌ମୁନ୍


@ ମାନସ


@ ସୁଲେମାନ୍


@ ସ୍ୱାଲିନୀ


@ ପ୍ରଶାନ୍ତ

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କଂଗ୍ରେସ ବିରୋଧରେ ସ୍ଲୋଗାନ, ବ୍ୟାନର ପୋଡ଼ି

**ଦଶପଲ୍ଲା,୨୩।୭ ( ପ୍ରକାଶ କୁମାର ପାଣି)**

ବୁଧବାର ସନ୍ଧ୍ୟାରେ ଦଶପଲ୍ଲା ବ୍ଲକ ଛକ ଠାରେ ଭାରତୀୟ ଜନତା ପାର୍ଟି (ଭାଜପା) ଦଶପଲ୍ଲା ଶାଖା ତରଫରୁ କଂଗ୍ରେସ ବିରୋଧରେ ବିଭିନ୍ନ ନାରାବାଜି ଦେବା ସହ ରାହୁଲ ଗାନ୍ଧୀଙ୍କ ଫଟୋ ଥାଇ ପ୍ରସ୍ତୁତ ହୋଇଥିବା ବ୍ୟାନରକୁ ଭାଜପା କର୍ମୀମାନେ ପୋଡ଼ି ଥିଲେ । କିଛି ସମୟଧରି କଂଗ୍ରେସ ବିରୋଧରେ ଭାଜପା କର୍ମୀମାନେ ସ୍ଲୋଗାନ ଦେଇଥିଲେ । ଭାଜପା ମଣ୍ଡଳ ସଭାପତି ମନୋଜ କୁମାର ସାହୁ, ଏମ୍‌ପିଙ୍କ ପ୍ରତିନିଧି କିଶୋର ଦଳବେହେରା, ମନୋଜ ବେହେରା,କାଳିଆ ସାହୁ ସମେତ ବହୁ କର୍ମୀ ଏଥିରେ ସାମିଲ ହୋଇଥିଲେ । ଶାନ୍ତିଶୃଙ୍ଖଳା ନିମନ୍ତେ ପୋଲିସ ମୁତୟନ କରାଯାଇଥିଲା ।

# ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ


ସାଙ୍ଗଠନିକ ବୈଠକରେ ଯୋଗଦେଇଥିବା ବିଜେଡି ନେତା ଓ କର୍ମୀ ।

## ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକ

**ଗଣିଆ,୨୩।୭ (ସନ୍ତୋଷ କୁମାର ପ୍ରଧାନ)**

ଗଣିଆ ବ୍ଲକ ବିଜୁଜନତା ଦଳ ତରଫରୁ ବୁଧବାର ବିନ୍ଧ୍ୟଗିରି ଭବନଠାରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗଣିଆ ବିଜୁଜନତା ଦଳର ବ୍ଲକ ସଭାପତି ସଦାଶିବ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥିଭାବେ ଦଶପଲ୍ଲା ବିଧାୟକ ତଥା ନୟାଗଡ଼ ବିଜୁଜନତା ଦଳର ସଭାପତି ରମେଶ ଚନ୍ଦ୍ର ବେହେରା ଯୋଗଦେଇଥିବା ବେଳେ ସାମ୍ମାନୀତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ ଶେଷଦେବ ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷ ରାଜକିଶୋର ସାହୁ, ଜିଲା ପରିଷଦ ସଭ୍ୟ ନରେଶ କୁମାର ବେହେରା, ପୂର୍ବତନ ଜିଲା ପରିଷଦ ମହେଶ୍ୱର ମହାରଣା ପ୍ରମୁଖ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ କିଶୋରପ୍ରସାଦ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ବେହେରା , ବରିଷ୍ଠ ବିଜେଡି ନେତା, ବାନାମ୍ବର ସାହୁ, ପ୍ରଦୀପ ରାଉତ, ସନ୍ତୋଷ କୁମାର ରାଉତ, ପ୍ରମୋଦ କୁମାର ପୃଷ୍ଟିଙ୍କ ସମେତ ଗଣିଆ ବ୍ଲକର ୮ ପଞ୍ଚାୟତର ପ୍ରତ୍ୟେକ ୱାର୍ଡରୁ ଶତାଧିକ ବିଜୁଜନତା ଦଳର କର୍ମୀ ଯୋଗ ଦେଇଥିଲେ । ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ କର୍ମୀମାନଙ୍କୁ ନିଜ ନିଜର ୱାର୍ଡସ୍ତରରେ ଦଳକୁ ମଜଭୁତ କରିବା ପାଇଁ ମୁଖ୍ୟ ଅତିଥି ବେହେରା ଅନୁରୋଧ କରିଥିଲେ । ପୂର୍ବତନ ବ୍ଲକ ଅଧକ୍ଷ ଶେଷଦେବ ସ୍ୱାଇଁଙ୍କ ସମେତ ସମସ୍ତ ନେତୃମଣ୍ଡଳୀ ଗଣିଆ ବ୍ଲକର ବିକାଶର ଧାରାକୁ ଆଗକୁ ବଢ଼ାଇ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ । ୨୦୨୪ ନିର୍ବାଚନରେ ଆମେ ଯେଉଁ ଶିକ୍ଷା ପାଇଥିଲେ, ତାହାକୁ ତର୍ଜମା କରିବା ସହିତ ଏକତ୍ରିତ ହୋଇ କାମ କରିବା ତେବେ ବିକାଶ ପୁଣି ଗଢ଼ି ଉଠିବ ବୋଲି ବ୍ଲକ ସଭାପତି ସଦାଶିବ ମିଶ୍ର ମତ ଦେଇଥିଲେ । ଶେଷଦେବ ସ୍ୱାଇଁଙ୍କୁ ସର୍ବସମ୍ମତିକ୍ରମେ ବିଜୁଜନତାଦଳର ସାଙ୍ଗଠନିତ ସଭାପତି ମନୋନୀତ କରାଯାଇଥିଲା । ତାଙ୍କୁ ବିଜୁଜନତା ଦଳର ସଭାପତି ସଦାଶିବ ମିଶ୍ର ସହଯୋଗ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏଇ ଦୁଇ ଜଣଙ୍କ ନେତୃତ୍ୱରେ ଗଣିଆ ବ୍ଲକରେ ବିଜୁଜନତା ଦଳ ଆଗକୁ ଯିବ ବୋଲି ବିଜେଡି କର୍ମୀମାନେ ମତବ୍ୟକ୍ତ କରିଥିଲେ । ଆଜିର ବୈଠକରେ ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ କୁମାର ବେହେରା ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ବସ୍‌ଷ୍ଟାଣ୍ଡରୁ ୫ କେଜି ବାର୍‌ହା ମାଂସ ଜବତ, ଜଣେ ଗିରଫ


ଜବତ ମାଂସ ଓ ଗିରଫ ଅଭିଯୁକ୍ତ ।

**ଓଡ଼ଗାଁ,୨୩।୭ (ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ଼ ଜିଲା ଓଡ଼ଗାଁ ଏନଏସି ଅନ୍ତର୍ଗତ ଗଣେଶ ବଜାର ବସଷ୍ଟାଣ୍ଡରେ ବୁଧବାର ସକାଳେ ଜଙ୍ଗଲୀ ବାରହା ମାଂସ ପଲିଥିନ ପ୍ୟାକେଟରେ ବିକ୍ରି ହେଉଥିଲା । ଏହି ଖବର ପାଇ ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲିକଙ୍କ ନିର୍ଦ୍ଦେଶ କ୍ରମେ ବନପାଳ ସରିତା ବରାଳ, ବନରକ୍ଷୀ ସୌମ୍ୟରଞ୍ଜନ ଦଳେଇ ଓ ଅନ୍ୟ କର୍ମଚାରୀମାନେ ଚଢ଼ାଉ କରିଥିଲେ । ସେଠାରୁ ବାରହା ଚମଡ଼ା ଓ ଲୋମ ଥିବା ୨ ପଲିଥିନ କଟାମାଂସ ଜବତ କରିଥିଲେ । ଓଡ଼ଗାଁ ଥାନା ତଥା ଏନଏସି ଅନ୍ତର୍ଗତ ହେମାମାଳି ସାହିର ଶିବ ରାମ ସାହୁ(୩୮)ଙ୍କୁ ଏହି ଘଟଣାରେ ଗିରଫ କରାଯାଇଛି । ଶିବରାମଙ୍କ କହିବା ଅନୁଯାୟୀ, ସ୍ଥାନୀୟ ପାଇକ ସାହିର ସନ୍ୟାସୀ ବାରିକ(୪୧) ୩୦ ରୁ ୪୦ କିଲୋ ମାଂସ ଆଣି ତାଙ୍କ ଚା ଦୋକାନରେ ବିକ୍ରି କରୁଥିଲେ । ବଳକା ୫ କେଜି ମାଂସ ବିକ୍ରି ପାଇଁ ଶିବରାମଙ୍କୁ ଦେଇଥିଲେ । ଶିବରାମଙ୍କ ଏହି ବୟାନ ରେକର୍ଡ କରି ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁସାରେ ଏକ ମାମଲା(ଓଆର ନମ୍ବର ୧୬/୨୦୨୫-୨୬) ରୁଜୁ ହୋଇଛି ।। ଗୁରୁବାର ସକାଳେ ଶିବରାମଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ରେଞ୍ଜର ମଲିକ ପ୍ରକାଶ କରିଛନ୍ତି ।

# ୧୪ ଗୋରୁ ଉଦ୍ଧାର, ବ୍ୟବସାୟୀ ଫେରାର

**ନୟାଗଡ଼,୨୩।୭ (ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ଭାପୁର ବ୍ଲକ ପଥରଚକଡା ପଞ୍ଚାୟତ ମାଧପୁର ଗ୍ରାମ ନିକଟସ୍ଥ ରାସ୍ତାରୁ ୧୪ ଗୋରୁଙ୍କୁ ମଙ୍ଗଳବାର ଉଦ୍ଧାର କରାଯାଇଛି । ଗୋରୁ ବ୍ୟବସାୟୀ ଚକମା ଦେଖାଇ ଗାଡ଼ି ନେଇ ଫେରାର ହୋଇ ଯାଇଛନ୍ତି । ଗୋରୁ ବ୍ୟବସାୟୀମାନେ ଦିନ ଦ୍ୱିପହରରେ ଗାଡ଼ିରେ ୧୪ ଗୋରୁ ନେଇ ଯାଉଥିଲେ । ବେଆଇନ ଗୋ ଚାଲାଣକୁ ସ୍ଥାନୀୟ ୩ଜଣ ଯୁବକ ବିରୋଧ କରି ପହଞ୍ଚିବାରୁ ଘଟଣାସ୍ଥଳରେ ସେମାନେ ଗାଈ ଛାଡି ଗାଡ଼ି ନେଇ ଫେରାର ହୋଇଯାଇଥିଲେ । ଫତେଗଡ ଥାନାଧିକାରୀ ପଞ୍ଚାନନ ପରିଡ଼ା ପୋଲିସ ଫୋର୍ସ ସହ ପହଞ୍ଚି ଏକ ମାମଲା(ନଂ.୨୩୧/୨୫) ରୁଜୁ କରିବା ସହ ୧୪ଗୋରୁ ଉଦ୍ଧାର କରିଥିଲେ । ଖଣ୍ଡପଡ଼ା ଥାନା କିଆଅର ପଞ୍ଚାୟତ ଭଉଁରପଲ୍ଲୀ ଗୋଶାଳାରେ ସେହି ଗୋରୁଙ୍କୁ ଛାଡ଼ିଦିଆଯାଇଛି ବୋଲି ପୋଲିସ କହିଛି ।

# କଲେଜ ଛାତ୍ରୀଛାତ୍ରଙ୍କ ଟାୟାର ଜାଳି ରାସ୍ତା ଅବରୋଧ

## ଲକ୍ଷ୍ମୀ ବସ୍‌ର ସମୟ ପରିବର୍ତ୍ତନକୁ ନେଇ ପ୍ରତିବାଦ

**ନୟାଗଡ଼,୨୩।୭ (ଲୋକନାଥ ମିଶ୍ର)**

ଲକ୍ଷ୍ମୀ ବସର ସମୟ ପରିବର୍ତ୍ତନକୁ ନେଇ ନୟାଗଡ଼ ବ୍ଲକର କେନ୍ଦୁଢ଼ିପି କଲେଜ ଛାତ୍ରୀଛାତ୍ର ରଣପୁର ବ୍ଲକର ଦର୍ପନାରାୟଣପୁର କଲେଜ ରାସ୍ତାରେ ନୂଆ ଜଗନ୍ନାଥ ସଡ଼କକୁ ଟାୟାର ଜାଳି ଅବରୋଧ କରିଥିଲେ । ଖବର ପାଇ ରଣପୁର ଥାନାର ଦର୍ପନାରାୟଣପୁର ଫାଣ୍ଡି ପୋଲିସ ପହଞ୍ଚିଲା ବେଳକୁ ଛାତ୍ରୀଛାତ୍ର ବୁଧବାର ସାଢ଼େ ୧୧ଟାରେ ଆରମ୍ଭ କରିଥିବା ରାସ୍ତାରୋକୋ ସାଢ଼େ ୧୨ଟାରେ ପ୍ରତ୍ୟାହୃତ କରି ନେଇଥିଲେ । ଖବର ପାଇ ଲକ୍ଷ୍ମୀ ବସର ଜିଲା ମ୍ୟାନେଜର ଆସି ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ସମୟ ସାରିଣୀକୁ ପରିବର୍ତ୍ତନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଅଭିଯୋଗ ଅନୁସାରେ ଲକ୍ଷ୍ମୀବସ ବଉଳସାହି କଲେଜକୁ ଯାଉ ନ ଥିବାବେଳେ କେନ୍ଦୁଢ଼ିପି କଲେଜକୁ ୫ ଥର ଯାଇ ଫେରୁଥିଲା । ବଉଳସାହି କଲେଜକୁ ଯିବା ପରେ ୩ ଥର ଯିବାକୁ ପଡୁଛି । ପୁଣି ସମୟ ସାରିଣୀର ପରିବର୍ତ୍ତନ ହୋଇ ଯାଇଛି । ପୁରୁଣା ସମୟ ସାରିଣୀ ଥିବାବେଳେ ଲକ୍ଷ୍ମୀ ବସରେ କେନ୍ଦୁଢ଼ିପି କଲେଜ ଛାତ୍ରୀଛାତ୍ର କ୍ଲାସ କରିବାକୁ ଯାଇ ସୁବିଧାରେ ଫେରୁଥିଲେ । ନୂଆ ସମୟ ସାରିଣୀ ପରେ କଲେଜ ଯାଇ କ୍ଲାସ କରିବା ଓ ଆସିବା ସମ୍ଭବ ହେଉ ନାହିଁ । ଗରୀବ ଶ୍ରେଣୀର ଛାତ୍ରୀଛାତ୍ର ପାଠପଢ଼ାରୁ ବଞ୍ଚିତ ହେଲେ । ପୁଣି ସଂପୃକ୍ତ ରାସ୍ତାରେ କଲେଜ ଛାତ୍ରୀଛାତ୍ରଙ୍କ ପାଇଁ ଆଉ ବସର ସୁବିଧା ନାହିଁ । ଏଣୁ ସମୟ ସାରିଣୀ ପରିବର୍ତ୍ତନ କରିବାକୁ ଦାବି କରି ଆନ୍ଦୋଳନକୁ ଓହ୍ଲାଇଥିଲେ ।


ଛାତ୍ରୀଛାତ୍ରମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି ।

# ଯୌନ ଉତ୍ପୀଡ଼ନ ମୁକ୍ତ ପରିବେଶ ସୃଷ୍ଟି ପାଇଁ କର୍ମଶାଳା,ଶପଥପାଠ


କଲେଜର ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଶପଥପାଠ କରୁଛନ୍ତି ।

**ଖଣ୍ଡପଡା,୨୩।୭ (ଅଜୟ କୁମାର ମହାରଣା)**

ସଂପ୍ରତି ସମାଜରେ ପ୍ରତ୍ୟେକସ୍ତରରେ ନାରୀ ସୁରକ୍ଷା ବିଶେଷକରି ଉଚ୍ଚ ଶିକ୍ଷିତାଙ୍କ କ୍ଷେତ୍ରରେ ନାରୀ ନିର୍ଯାତନା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ବିଶେଷ କରି ବିଭିନ୍ନ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ଛାତ୍ରୀମାନେ ଏହାର ଶୀକାର ହେଉଛନ୍ତି । ତେବେ ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ଆତ୍ମାହୁତି ଘଟଣା ପରେ ରାଜ୍ୟ ସରକାର ଏଦିଗରେ ଗୁରୁତ୍ୱାରୋପ କରିବା ସହିତ ଏଦିଗରେ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହାର ନିରାକରଣ ପାଇଁ ଯୁବ ସମାଜ ସଚେତନତା ହେବାର ଆବଶ୍ୟକତା ରହିଛି । ସରକାରଙ୍କ ଏହି ନିର୍ଦ୍ଦେଶ କ୍ରମେ ଖଣ୍ଡପଡା ବ୍ଲକ ଅଧିନ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ନନ୍ଦିତା ବାରିକଙ୍କ ପୌରୋହିତ୍ୟରେ କଲେଜ ଆଭ୍ୟନ୍ତରିଣ ଅଭିଯୋଗ କମିଟି(ଆଇସିସି) ଗଠନ କରାଯାଇଥିବା ଜଣାଯାଇଛି । ଉକ୍ତ କମିଟିର ସହଯୋଗୀତାରେ ମହାବିଦ୍ୟାଳୟରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନଙ୍କୁ ନେଇ ଏକ କର୍ମଶାଳା ଓ ଶପଥ ପାଠ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କର୍ମଶାଳାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଅଧ୍ୟକ୍ଷା ଡ. ବାରିକ ଆଲୋକପାତ କରିଥିଲେ । ବିଶେଷ କରି ଶିକ୍ଷାନୁଷ୍ଠାନ ପରିସରରେ ଶାନ୍ତିପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ପାଇଁ ଛାତ୍ରୀଛାତ୍ର ମାନେ ନିଜ ନିଜ ମଧ୍ୟରେ ମିତ୍ରତା ସ୍ଥାପନ, ସହଯୋଗ, ସହଭାଗିତା, ସୁସ୍ଥ ପରିବେଶ ସୃଷ୍ଟି କରିବା, ସୁରକ୍ଷା ଓ ନିରାପତ୍ତା ସହ ଚାପମୁକ୍ତ କିପରି ରହିବେ ସେ ସଂପର୍କରେ ଶିକ୍ଷାନୁଷ୍ଠାନର ଛାତ୍ରୀ ଛାତ୍ରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଛି। ରାଜ୍ୟ ସରକାରଙ୍କ ନିୟମାବଳୀ ଅନୁସାରେ ପୋକ୍‌ସୋ ଆଇନର ଅନୁପାଳନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଉପସ୍ଥିତ ଛାତ୍ରୀ ଛାତ୍ର, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀମାନଙ୍କୁ ସରକାରଙ୍କ ନିୟମାବଳୀ, ଶିକ୍ଷାନୁଷ୍ଠାନ ପରିସରରେ ଯୌନ ଉତ୍ପୀଡନ ମୁକ୍ତ କରିବା ସହିତ ଅଶୋଭନୀୟ ଉଚ୍ଚାରଣ ଓ ଆଚରଣ ବନ୍ଦ କରିବା ପାଇଁ ଅଧ୍ୟକ୍ଷା ଉପସ୍ଥିତ ଛାତ୍ରୀ ଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିବା ବେଳେ ଏ ନେଇ ଶପଥପାଠ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପିକା କଲ୍ୟାଣୀ ପଣ୍ଡା, ରଶ୍ମିତା ସାହୁ, ଅଧ୍ୟାପକ ସୁଜଳ କୁମାର ମହାରଣା, ଡ. ନିରୋଦ କୁମାର ମନ୍ତ୍ରୀ, ଶରତ କୁମାର ସାହୁ ପ୍ରମୁଖ ସରକାରଙ୍କ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ ।

# ଭିଜିଲାନ୍ସ ଜାଲରେ କୋଟିପତି ବିଏମ୍‌ସି ନିର୍ବାହୀ ଯନ୍ତ୍ରୀ



ଜଗନ୍ନାଥଙ୍କ ବଡ଼ଗଡ଼ସ୍ଥିତ ୩ ମହଲା କୋଠା

## ଘରୁ ହରିଣ ଶିଙ୍ଗ, ଅଧ କେଜି ସୁନା, ଦେଶୀ ବନ୍ଧୁକ ଜବତ

- ଭୁବନେଶ୍ୱର ଓ ରାୟଗଡ଼ାର ୪ ସ୍ଥାନରେ ଚଢ଼ାଉ
- ୩ ବହୁତଳ ପ୍ରାସାଦ, ୩ ପ୍ଲଟ୍, ଫାର୍ମ ହାଉସ୍ ଠାବ
- ଜମା ଓ ନିବେଶ ୮୦.୩୫ ଲକ୍ଷ



ଜଗନ୍ନାଥ ପଟ୍ଟନାୟକ

ଭୁବନେଶ୍ୱର,୨୩।୭(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କୋଟିପତି ନିର୍ବାହୀ ଯନ୍ତ୍ରୀ(ଇଇ) ଜଗନ୍ନାଥ ପଟ୍ଟନାୟକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ବୁଧବାର ଜଗନ୍ନାଥଙ୍କ ଭୁବନେଶ୍ୱର ଓ ରାୟଗଡ଼ାର ୪ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଯାଞ୍ଚ ଜାରି ରହିଥିବା ସ୍ଥାନ ମଧ୍ୟରେ ବଡ଼ଗଡ଼ସ୍ଥିତ ବାସଭବନ, ରାୟଗଡ଼ା ଜିଲା ଗୁଣପୁର ଜନଗମ୍ ଷ୍ଟ୍ରିଟ୍‌ସ୍ଥିତ ପୈତୃକ ଘର ଓ ବିଏମ୍‌ସି ଅଫିସସ୍ଥିତ ଚାମ୍ବର ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଯାଞ୍ଚ ଚାଲିଥିବାବେଳେ ଏଥିରେ ଭିଜିଲାନ୍ସର ୬ ଡିଏସ୍‌ପି, ୧୦ ଜଣ ଇନ୍ସପେକ୍ଟର ଓ ଅନ୍ୟାନ୍ୟ ସହାୟକ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ଟିମ୍ ଜଗନ୍ନାଥଙ୍କ ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି।

ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ଜଗନ୍ନାଥଙ୍କ ଭୁବନେଶ୍ୱରସ୍ଥ ବଡ଼ଗଡ଼ରେ ୪,୫୬୦ ବର୍ଗଫୁଟ ଅଞ୍ଚଳ ପରିମିତ ପ୍ଲଟ୍ ନଂ.ଆର୍‌ପି-୧୨ରେ ଗୋଟିଏ ୩ ମହଲା କୋଠା ଠାବ ହୋଇଛି। ସେହିପରି ରାୟଗଡ଼ା ଜିଲା ଗୁଣପୁରରେ ୨ଟି ଦୁଇ ମହଲା କୋଠା ଓ ଭୁବନେଶ୍ୱରରେ ୩ଟି ବହୁମୂଲ୍ୟ ପ୍ଲଟ୍ ମଧ୍ୟ ଠାବ ହୋଇଛି। ପ୍ଲଟଗୁଡ଼ିକ ମଧ୍ୟରେ ଖଣ୍ଡଗିରିରେ ଗୋଟିଏ ଓ ବଡ଼ଗଡ଼ରେ ୨ଟି ରହିଛି। ଚଢ଼ାଉବେଳେ ଜଗନ୍ନାଥଙ୍କ ବାସଭବନରୁ ହଳେ ହରିଣ ଶିଙ୍ଗ ଓ ଗୋଟିଏ ଦେଶୀ ବନ୍ଧୁକ ଜବତ ହୋଇଛି। ସେହିପରି ଭୁବନେଶ୍ୱର ବାଲିଅନ୍ତା ତହସିଲ୍ ଅଧୀନ ରଣପୁର ମୌଜାରେ ଗୋଟିଏ ଫାର୍ମ ହାଉସ୍ ଠାବ ହୋଇଛି। ଏହି ଫାର୍ମ ହାଉସରେ ଗୋଟିଏ ଦୁଇମହଲା କୋଠା, ଆଉ ଏକ ଘର, ମାଛ ପୋଖରୀ ରହିଛି। ଏଥିସହ ନଡ଼ିଆ, କଦଳୀ, ଡ୍ରାଗନ୍ ଫଳ, ପିଜୁଳି, ଅଙ୍ଗୁର, ବ୍ଲାକବେରି, ଲେମ୍ବୁ, ଆମ୍ବ ଆଦି ଗଛ ଫାର୍ମରେ ଲଗାଯାଇଥିବାବେଳେ ଏକ କୁକୁଡ଼ା ଫାର୍ମ ରହିଛି। ସେହିପରି ତାଙ୍କ ଘରୁ ୪୬୦ ଗ୍ରାମର ସୁନା ଅଳଙ୍କାର ଠାବ ହୋଇଛି। ଜଗନ୍ନାଥଙ୍କ ବ୍ୟାଙ୍କ, ଜୀବନବୀମା ଜମା ଓ ମ୍ୟୁଚୁଆଲ ଫଣ୍ଡରେ ନିବେଶ ୮୦ ଲକ୍ଷ ୩୫ ହଜାର ୩୭୧ ଟଙ୍କା ରହିଥିବା ଜଣାପଡ଼ିଛି। ଏଥିସହ ଘରୁ ୭ଲକ୍ଷ ଟଙ୍କାର ଘରୋଇ ଉପକରଣ ଓ ନଗଦ ଟଙ୍କା ମିଳିଛି। ମିଳିଥିବା ବେଳେ ଗୋଟିଏ ଚାରିଚକିଆ ଯାନ (ମାରୁତି ଗ୍ରାଣ୍ଡ ଭିଟାରା) ଓ ଦୁଇଟି ଦୁଇଚକିଆ ଯାନ ଠାବ ହୋଇଛି।

### ୩୩ବର୍ଷର ଚାକିରି, ଜେଇରୁ ନିର୍ବାହୀ ଯନ୍ତ୍ରୀ

ଜଗନ୍ନାଥ ୧୯୯୨ ନଭେମ୍ବର ୨ରେ ସରକାରୀ ସେବାରେ ଯୋଗ ଦେଇ କନିଷ୍ଠ ଯନ୍ତ୍ରୀ (ଜେଇ) ଭାବେ ଗୁଣୁପୁର ଏନ୍‌ଏସିରେ କାମ କରିଥିଲେ। ୨୦୦୬ ପର୍ଯ୍ୟନ୍ତ ସେ ସେଠାରେ କାମ କରିଥିଲେ। ଉକ୍ତ ବର୍ଷ ସହକାରୀ ଯନ୍ତ୍ରୀ (ଏଇ) ଭାବେ ପଦୋନ୍ନତି ପାଇ ଜଗନ୍ନାଥ ବ୍ରହ୍ମପୁର ପୌରପାଳିକାରେ ନିଯୁକ୍ତି ପାଇଥିଲେ। ୨୦୧୧ରେ ସେ ଭୁବନେଶ୍ୱର ମହାନଗର ନିଗମକୁ ବଦଳି ହୋଇଥିଲେ। ୨୦୧୬ରେ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ଭାବେ ପଦୋନ୍ନତି ପାଇଥିଲେ। ୨୦୨୪ ଅକ୍ଟୋବରରେ ନିର୍ବାହୀ ଯନ୍ତ୍ରୀ ପାହ୍ୟାକୁ ପଦୋନ୍ନତି ପାଇ କାମ କରି ଆସୁଛନ୍ତି।

# ଯୁବକଙ୍କ ଗଳାକାଟି ଦେଲେ ପ୍ରେମିକା

କେନ୍ଦ୍ରାପଡ଼ା,୨୩।୭(ଜଗନ୍ନାଥ ଧଳ)

- ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି
- ଆକ୍ରମଣକାରୀ ଫେରାର, ପୋଲିସର ତଦନ୍ତ ଜାରି

କେନ୍ଦ୍ରାପଡ଼ା ଜିଲା ସଦର ଥାନା ଅଧୀନ ହଜାରୀ ଛକରେ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକଙ୍କ ଗଳାକୁ ତାଙ୍କ ପ୍ରେମିକା କାଟି ଦେଇ ଫେରାର ହୋଇଯାଇଛନ୍ତି। ରାସ୍ତା ପାର୍ଶ୍ୱରେ ପଡିଥିବା ସେହି ଯୁବକଙ୍କୁ ପୋଲିସ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଛି। ସମ୍ପୃକ୍ତ ଯୁବକଙ୍କ ବୟାନକୁ ଆଧାର କରି ପୋଲିସ ଏକ ମାମଲା(ନଂ.୩୪୩/୨୫) ରୁଜୁ ତଦନ୍ତ ଚଳାଇଛି। ଏହି ତଦନ୍ତରେ ପୋଲିସ ଫରେନସିକ ଟିମ୍ ଓ ଡଗ୍ ସ୍କ୍ୱାର୍ଡକୁ ସାମିଲ କରିଛି। ତେବେ କେଉଁ କାରଣରୁ ଏପରି ଘଟଣା ଘଟିଲା ସେ ସମ୍ପର୍କରେ କିଛି ସ୍ପଷ୍ଟ ହୋଇନାହିଁ।

ଉକ୍ତ ଘଟଣା ସମ୍ପର୍କରେ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ କହିଛନ୍ତି, ଆହତ ଯୁବକ ଜଣକ ଜଗତସିଂହପୁର ଜିଲା କୁଜଙ୍ଗ ଥାନା ବାଘୁଆ ଠେଙ୍ଗ ଗ୍ରାମର ସତ୍ୟଜିତ ଷଡ଼ଙ୍ଗୀ। ମଙ୍ଗଳବାର ରାତି ପ୍ରାୟ ୯ଟା ସମୟରେ ମାର୍ଶାଘାଇ ଥାନା ପୋଲିସ ପାଟ୍ରୋଲିଂ କରୁଥିଲା। ଏଏସ୍‌ଆଇ ଲୋଭାବତୀ ସାହୁ ସତ୍ୟଜିତ୍‌ଙ୍କୁ ଗୁରୁତର ଅବସ୍ଥାରେ ହଜାରୀ ଛକ ସେତୁଠାରୁ ଅନତି ଦୂରରୁ ଉଦ୍ଧାର କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲ ପଠାଯାଇଛି। ସତ୍ୟଜିତ କହିଛନ୍ତି, ଜଗତସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଢ଼ାବତୀ ଗ୍ରାମର ଜଣେ ମହିଳାଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଥିଲା। ଘଟଣାଦିନ ସମ୍ପୃକ୍ତ ମହିଳା ତାଙ୍କ ଗଳାକୁ କୌଣସି ଧାରୁଆ ଅସ୍ତ୍ରରେ କାଟି ସ୍କୁଟିରେ ଫେରାର ହୋଇଯାଇଥିଲେ। ଏହାକୁ ନେଇ ଜିଲା ପୋଲିସ ତନାଘନା ଚଳାଇଛି। ଖୁବ୍‌ଶୀଘ୍ର ଅପରାଧୀ ଧରାପଡିବେ ବୋଲି ଏସ୍‌ଡିପିଓ ଗୌଡ ସୂଚନା ଦେଇଛନ୍ତି।

# ଜମି ବ୍ୟବସାୟୀଙ୍କୁ ଗୁଳିମାଡ଼

କୁଆଁରମୁଣ୍ଡା,୨୩।୭(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ତହସିଲ ଅଫିସ ନିକଟରେ ବୁଧବାର ଜଣେ ଜମି ବ୍ୟବସାୟୀଙ୍କୁ ଗୁଳିମାଡ଼ ହୋଇଛି। ସେ ହେଲେ ଉତ୍ତମ କୁମାର ଘୋଷ। ଏହି ଖବର ପ୍ରଚାରିତ ହେବା ପରେ ବୀରମିତ୍ରପୁର ଆଇଆଇସି ରାମପ୍ରସାଦ ନାଗ ଓ ଏସ୍‌ଡିପିଓ ସୁଶାନ୍ତ ଦାସ ଘଟଣା ସ୍ଥଳରେ ପହଞ୍ଚି ତନାଘନା ଜାରି ରଖିଛନ୍ତି। ଏନେଇ ବୀରମିତ୍ରପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ଦୁର୍ବୃତ୍ତ ଧରା ପଡ଼ିନାହାନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଉତ୍ତମ ତହସିଲ ଅଫିସ ନିକଟରେ କାର ଭିତରେ ଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ଆସି ୨ ରାଉଣ୍ଡ ଗୁଳି ଚାଳନା କରି ଫେରାର ହୋଇଯାଇଥିଲେ। ଗୁଳି ଉତ୍ତମଙ୍କ କାରରେ ବାଜିଥିଲା। ସେ କାର ଭିତରେ ଥିବାରୁ ସାମାନ୍ୟ ଆହତ ହୋଇ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତେବେ ଜମି ବେପାରକୁ ନେଇ ଏହି ଗୁଳିକାଣ୍ଡ ଘଟିଥାଇପାରେ ବୋଲି ଆଲୋଚନା ହେଉଛି।

# ଏସ୍‌ଟିଏଫ୍ ହାତରେ ଅଭ୍ୟାସଗତ ଅପରାଧୀ

## ୧୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ପାରାଦୀପ ଥାନାରେ ୧୭ ମାମଲା

ଭୁବନେଶ୍ୱର,୨୩।୭ (ସତ୍ୟଜିତ୍ ରାଉତ)

କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବୁଧବାର ରାଜଧାନୀ ତମାଣ୍ଡୋ ଥାନା ଅଞ୍ଚଳର ୧୬ ନଂ. ଜାତୀୟ ରାଜପଥରେ ଚଢ଼ାଉ କରି ପୁରୀ ଜିଲା ଗଡ଼ିଷଗଡ଼ା ଥାନା ଅଞ୍ଚଳର ଲଳିତ ଭୁଜବଳ (୩୬)ଙ୍କୁ ଗିରଫ କରିଛି। ତାଙ୍କଠୁ ଏକ ଚାରିଚକିଆ ଯାନ (ଓଡି୦୫-ବିୟୁ-୧୮୧୩) ଓ ସେଥିରୁ ୭ଟି ଜରି ପେଟିରେ ଭର୍ତ୍ତି ୧ କୁଇଣ୍ଟାଲ ୪୭ କେଜି ଗଞ୍ଜେଇ ଜବତ କରାଯାଇଛି। ଏନେଇ ଏସ୍‌ଟିଏଫ୍ ପକ୍ଷରୁ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ.୧୫/୨୦୨୫) ରୁଜୁ କରାଯାଇ ଅଭିଯୁକ୍ତ ଲଳିତଙ୍କୁ ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଜିଲା ଓ ଦୌରା ଜଜ୍‌ଙ୍କ ଅଦାଲତକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ଲଳିତ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବାବେଳେ ତାଙ୍କ ନାମରେ ଆର୍ମସ ଆକ୍ଟ, ଇଣ୍ଡିଆନ୍ ଏକ୍ସପ୍ଲୋସିଭ୍ ଆକ୍ଟ ସହ ଆଇପିସିର ବିଭିନ୍ନ ଦଫାରେ ପାରାଦୀପ ଥାନାରେ ୧୭ଟି ମାମଲା ରହିଥିବା ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ଲଳିତ ପୂର୍ବରୁ ବହୁତ ଥର ଜେଲ ଯିବା ପରେ ମଧ୍ୟ ଅପରାଧ ଘଟାଉଥିଲେ। ତେବେ ସେ ଏତେ ପରିମାଣର ଗଞ୍ଜେଇ କେଉଁଠୁ ଆଣିଲେ ସେନେଇ ଏସ୍‌ଟିଏଫ୍ ଅଧିକ ତଥ୍ୟ ସଂଗ୍ରହ କରୁଛି।

# ଗୁରୁତର ଯୁବତୀଙ୍କୁ ଏମ୍ସ ସ୍ଥାନାନ୍ତର

**ଫଟୋ ଭାଇରାଲ ପରେ ବିଷ ପିଇବା ଘଟଣା**

## ଫଟୋ ଭାଇରାଲ କରିଥିବା ଯୁବକ ଗିରଫ

ଉମରକୋଟ, ୨୩।୭ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ରାଇଘର ଥାନା ଅଞ୍ଚଳର ଜଣେ ଯୁବତୀଙ୍କ କେତେକ ଫଟୋ ଭାଇରାଲ କରିଦେଲେ ତାଙ୍କୁ ଏକତରଫା ପ୍ରେମ କରୁଥିବା ଜଣେ ଯୁବକ। ତେବେ ଯୁବତୀ ଜଣକ ଲୋକଲଜ୍ଜା ଭୟରେ ବିଷ ପିଇଦେଲେ। ଏବେ ସେ ଗୁରୁତର ଅବସ୍ଥାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ପୀଡ଼ିତାଙ୍କୁ ଚିକିତ୍ସା କରାଯାଇଥିଲା। ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଉନ୍ନତ ଚିକିତ୍ସା ଯୋଗାଇଦେବାକୁ ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନ ପ୍ରଚେଷ୍ଟାରେ ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇ ଥିବା ନେଇ ନବରଙ୍ଗପୁର ସିଡିଏମ୍‌ଓ ସନ୍ତୋଷ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଫଟୋ ଭାଇରାଲ କରିଥିବା ଯୁବକଙ୍କୁ ନୟାଗଡ଼ରୁ ଗିରଫ କରାଯାଇଥିବାବେଳେ ତାଙ୍କ ବାପାଙ୍କୁ ଅଟକ ରଖାଯାଇଛି। ସେହିଭଳି ରାଇଘର ପୋଲିସର ଏକ ଟିମ୍ ଜୟପୁର ଯାଇ ଯୁବତୀଙ୍କ ପୁରୁଷ ବନ୍ଧୁଙ୍କୁ ଆଣି ଅଟକ ରଖି ପଚରାଉଚରା କରୁଛି।

ସୂଚନାନୁଯାୟୀ, ରାଇଘର ଅଞ୍ଚଳର ଜଣେ ଯୁବତୀ ଜୟପୁରରେ ନର୍ସିଂ ଦ୍ୱିତୀୟ ବର୍ଷ ଛାତ୍ରୀ। ସେଠାରେ ସେ ହଷ୍ଟେଲରେ ରହି ପଢ଼ୁଥିଲେ। ପୀଡ଼ିତାଙ୍କୁ ଏକତରଫା ପ୍ରେମ କରୁଥିବା ପଡ଼ୋଶୀ ଗାଁର ସତ୍ୟଜିତ ସରକାର ଗତ ଜୁଲାଇ ୧୩ରେ ଜୟପୁର ଯାଇ ରାସ୍ତା ଉପରେ ଯୁବତୀଙ୍କୁ ମାରପିଟ କରିଥିଲେ। ସ୍ଥାନୀୟ ଲୋକେ ଜୟପୁର ପୋଲିସକୁ ଏନେଇ ଖବର ଦେଇଥିଲେ। ଜୟପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଥାନାକୁ ନେଇଯାଇଥିଲେ। ଯୁବତୀ ଜଣକ ସତ୍ୟଜିତଙ୍କ ନାମରେ ଏତଲା ଦେଇଥିଲେ। ପୋଲିସ କେସ୍ ନଂ. ୨୪୭/୨୫ରେ ମାମଲା ରୁଜୁକରିବା ସହ ସତ୍ୟଜିତଙ୍କୁ ଗିରଫ କରିଥିଲା। ୧୪ ତାରିଖରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ତାଙ୍କ ଜାମିନ ମଞ୍ଜୁର ହୋଇଥିଲା। ୧୫ ତାରିଖରେ ପୀଡ଼ିତା ଅଭିଭାବକଙ୍କ ସହ ଘରକୁ ଫେରି ଆସିଥିଲେ। ୧୬ ତାରିଖରେ ସତ୍ୟଜିତ ଯୁବତୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କ ଅନ୍ତରଙ୍ଗ ଫଟୋ ଭାଇରାଲ କରିଦେଇଥିଲେ। ପୀଡ଼ିତା ଲୋକାଲଜ୍ଜା ସହି ନ ପାରି ୧୭ରେ ଘରେ ଥିବା ଘାସମରା ବିଷ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ଛତିଶଗଡ଼ କୋଣ୍ଡାଗାଁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ଓ ଅବସ୍ଥା ଗୁରୁତର ହେବାରୁ ରାୟପୁର ନେଇଥିଲେ। କିନ୍ତୁ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନ ହେବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ୨୧ଜୁଲାଇରେ ପରିବାର ଲୋକେ ପୀଡ଼ିତାଙ୍କୁ ଘରକୁ ନେଇ ଆସିଥିଲେ। ମଙ୍ଗଳବାର ରାଇଘର ଥାନାରେ ପୀଡ଼ିତାଙ୍କ ଦାଦା ଏକ ଲିଖିତ ଅଭିଯୋଗ କରିଥିଲେ। ଜୟପୁର ପୋଲିସ ଉପଯୁକ୍ତ ତଦନ୍ତକରି କଠୋର କାର୍ଯ୍ୟାନୁଷ୍ଠାନ ନେଇଥିଲେ ଏପରି ସ୍ଥିତି ଉପୁଜି ନ ଥାନ୍ତା ବୋଲି ପୀଡ଼ିତାଙ୍କ ପରିବାର ଲୋକେ ଏତଲାରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ କେସ୍ ନଂ. ୧୬୦/୨୫ରେ ଏକ ମାମଲା ରୁଜୁ କରିଛି। ଘରକୁ ଯାଇ ପୋଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିବା ଥାନାଧିକାରୀ ରଘୁନାଥ ମାଝୀ ସୂଚନା ଦେଇଛନ୍ତି। ପୋଲିସ ଆମ୍ବୁଲାନ୍ସ ଯୋଗେ ପୀଡ଼ିତାଙ୍କୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଘଟଣା ସମ୍ପର୍କରେ ଖବରପାଇ ମାତୃ ଆଶ୍ରୟ ଆଶ୍ରମ ଅଧକ୍ଷା କାଦମ୍ବିନୀ ତ୍ରିପାଠୀ ସେଠାରେ ପହଞ୍ଚି ପୀଡ଼ିତାଙ୍କୁ ଭେଟିଛନ୍ତି। ନବରଙ୍ଗପୁର ଜିଲା କଂଗ୍ରେସ ସଭାପତି ଭୁଜବଳ ମାଝୀ, ପୂର୍ବତନ ସଭାପତି ମୁନା ତ୍ରିପାଠୀ ଓ ଦେବବ୍ରତ ପଣ୍ଡା, ଅବଦୁଲ ଫିରୋଜ, ଧନଞ୍ଜୟ ପୂଜାରୀ ଆଇସିୟୁ ବାହାରେ ଧାରଣାରେ ବସିଥିଲେ। ପୀଡ଼ିତାଙ୍କୁ ଏସ୍‌ସିବି କିମ୍ବା ଏମ୍ସ ସ୍ଥାନାନ୍ତର ଓ ଅଭିଯୁକ୍ତଙ୍କୁ ଧରିବା ଦାବି କରିଥିଲେ। ସେହିଭଳି ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ସନରାଜ ଗଣ୍ଡ ପୀଡ଼ିତାଙ୍କ ପରିବାରକୁ ଭେଟିଥିଲେ। ଅଭିଯୁକ୍ତଙ୍କୁ ଧରିବାକୁ ଏକ ଟିମ୍ ଗଠନ କରାଯାଇଛି। ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯଉଛି। ଅତିଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଏସ୍‌ଡିପିଓ ଶୁଭେନ୍ଦୁ ଶବର କହିଛନ୍ତି।

# କିରୋସିନ ଢାଳି ବୃଦ୍ଧଙ୍କ ଆତ୍ମାହୁତି

## ସୁଇସାଇଡ୍ ନୋଟ୍ ଜବତ

ଦିଗପହଣ୍ଡି/ପାଟପୁର,୨୩।୭(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଦୟାନିଧିପୁର ପଞ୍ଚାୟତ ବଡ଼ିଆଓସ୍ତା ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ଜଣେ ବୃଦ୍ଧ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମଦାହ କରିଛନ୍ତି। ସେ ହେଲେ ଗାଁ ପୁରୋହିତ ପୀତବାସ ଆଚାର୍ଯ୍ୟ(୬୨)। ପାଟପୁର ପୋଲିସ ପୀତବାସଙ୍କ ଘରୁ ଏକ ସୁଇସାଇଡ୍ ନୋଟ ଜବତ କରିଛି। ସେଥିରେ ଲେଖାଅଛି ଯେ, ମୁଁ ଆଉ ବଞ୍ଚିବାକୁ ଚାହୁଁ ନାହିଁ। ମୋର ମୃତ୍ୟୁ ପାଇଁ ଅନ୍ୟ କେହି ଦାୟୀ ନୁହନ୍ତି। ବୋଉକୁ ଭଲରେ ରଖିବୁ ବୋଲି ପୁଅ ଉଦ୍ଦେଶ୍ୟରେ ଲେଖାଯାଇଛି। ଘଟଣାର ତଦନ୍ତ କରାଯିବ ବୋଲି ପୋଲିସ କହିଛି।

ପୀତବାସଙ୍କ ପୁଅ ସୀତାରାମଙ୍କ ସୂଚନା ଅନୁଯାୟୀ, ବାପା ଉଚ୍ଚ ରକ୍ତଚାପ, ମଧୁମେହ ରୋଗରେ ପୀଡ଼ିତ ହୋଇ ନିୟମିତ ବ୍ୟବଧାନରେ ଚିକିତ୍ସିତ ହେଉଥିଲେ। କିଛିଦିନ ହେଲା କୌଣସି କାରଣକୁ ନେଇ ସବୁବେଳେ ଅନ୍ୟମନସ୍କ ରହୁଥିଲେ। ଭଭଭଭବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସ୍ତ୍ରୀଙ୍କୁ ଡାକି ଦୋକାନରୁ ଏକ ଥଣ୍ଡା ପାନୀୟ ବୋତଲ ଆଣିବାକୁ କହିଥିଲେ। ସେ ଦୋକାନକୁ ଚାଲିଯିବା ପରେ ବାରିପଟକୁ ଯାଇ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ।

# ସୁନା କାରବାର ଆଳରେ ୧୨ କୋଟିରୁ ଊର୍ଦ୍ଧ୍ୱ ଠକେଇ

## ଅଭିଯୁକ୍ତ ଗିରଫ, ଦାମୀ କାର୍ ଜବତ

ଭୁବନେଶ୍ୱର,୨୩।୭ (ସତ୍ୟଜିତ୍ ରାଉତ)

ସୁନା କାରବାର ଆଳରେ ବିଭିନ୍ନ ବ୍ୟବସାୟଙ୍କୁ ୧୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ଜଣେ ଅଭିଯୁକ୍ତଙ୍କୁ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ (ଏସ୍‌ସିୟୁ) ଗିରଫ କରିଛି। ସେ ହେଲେ ଆଚାର୍ଯ୍ୟ ବିହାର ଅଞ୍ଚଳର ରମେଶ ଚନ୍ଦ୍ର ମାଝୀ। ତାଙ୍କଠୁ ଏକ ଦାମୀ କାର ଜବତ କରାଯାଇଛି। ଅଭିଯୁକ୍ତ ରମେଶଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବା ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ରମେଶଙ୍କ ସ୍ତ୍ରୀ ଅନିଶା ସୁବୁଦ୍ଧି ମଧ୍ୟ ସହ ଅଭିଯୁକ୍ତ ରହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଏମ୍/ଏସ୍ ଷ୍ଟାରୱେ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ପ୍ରାଇଭେଟ ଲିଃ ଓ ଷ୍ଟାରୱେ ଡେଭ୍‌ଲପର୍ସ ପିଭିଟି ଲିଃର ଏମ୍‌ଡି ଭୋଲାନାଥ ମହାନ୍ତି ରମେଶଙ୍କ ଦ୍ୱାରା ୫.୬ କୋଟି ଟଙ୍କା ଠକେଇର ଶିକାର ହୋଇଥିଲେ। ତାଙ୍କ ଏତଲା ଆଧାରରେ ମଙ୍ଗଳବାର ସ୍ପେଶାଲ କ୍ରାଇମ ୟୁନିଟ୍ ଏକ ମାମଲା (ନଂ.୫/୨୦୨୫) ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କେବଳ ଭୋଲାନାଥ ନୁହେଁ, ଅନ୍ୟ ୧୫ଜଣ ମଧ୍ୟ ରମେଶଙ୍କ ଦ୍ୱାରା ପ୍ରାୟ ୭କୋଟି ଟଙ୍କା ଠକେଇର ଶିକାର ହୋଇଛନ୍ତି। ତେବେ ୧୦ଜଣ ପୀଡ଼ିତ ନ୍ୟାୟ ପାଇବା ପାଇଁ ବୁଧବାର ପୋଲିସ କମିଶନର ଏସ୍. ଦେବଦତ୍ତ ସିଂଙ୍କୁ ଭେଟି ଅଭିଯୋଗ ମଧ୍ୟ କରିଛନ୍ତି। ରମେଶ ନିଜକୁ ବଡ଼ ସୁନା ଟ୍ରେଡର ବୋଲି ପରିଚୟ ଦେଉଥିଲେ। ନିଲାମ ସୁନା କିଣିବା ପରେ ବିକ୍ରି କଲେ ଅଧିକ ଲାଭ ମିଳିବା ଆଶା ଦେଇ ଲୋକଙ୍କୁ ଜାଲରେ ଫସାଉଥିଲେ। ରମେଶ କହୁଥିଲେ,ବିଭିନ୍ନ ବ୍ୟାଙ୍କରେ ସୁନା ନିଲାମ ହେବାବେଳେ ତାଙ୍କୁ ସେ ବିଲ୍ କରି ଆଣନ୍ତି। ଏହାପରେ ଉକ୍ତ ସୁନାକୁ ସେ ବ୍ୟବସାୟୀମାନଙ୍କୁ ବିକ୍ରି କରି ବହୁ ଲାଭ କରନ୍ତି। ଏଥିପାଇଁ ଆର୍‌ବିଆଇ ପକ୍ଷରୁ ଅନୁମୋଦନ ମିଳିଥିବା ବୋଲି ମଧ୍ୟ ରମେଶ ମିଛ କହୁଥିଲେ। ରମେଶ ୨୦୨୨ରୁ ୨୦୨୩ ମଧ୍ୟରେ ଅଭିଯୋଗକାରୀ ଭୋଲାନାଥଙ୍କଠାରୁ ୫.୬ କୋଟି ଟଙ୍କା ନେଇଥିଲେ। ସେ ଏହା ବଦଳରେ ଲାଭ ମିଶାଇ ୬.୭୨ କୋଟି ଦେବେ ବୋଲି କହିଥିଲେ। ହେଲେ ପରବର୍ତ୍ତୀ ସମୟରେ ରମେଶ ଟଙ୍କା ଫେରାଉ ନ ଥିଲେ କି ଧରା ଛୁଆଁ ମଧ୍ୟ ଦେଉ ନ ଥିଲେ। ଏପରିକି ଘରକୁ ଗଲେ ବିଭିନ୍ନ ଉପାୟରେ ଧମକ ଦେଉଥିଲେ ବୋଲି ଭୋଲାନାଥ କହିଛନ୍ତି। ତେବେ ତଦନ୍ତ ଆଗେଇବା ପରେ ଠକେଇର ପରିମାଣ ଆଗକୁ ବଢ଼ିବ ବୋଲି ସନ୍ଦେହ କରାଯାଉଛି।



ରମେଶ ଚନ୍ଦ୍ର ମାଝୀ

# ବରୀ ବିଧାୟକ, ବିଡିଓଙ୍କ ନାଁରେ ଥାନାରେ ଅଭିଯୋଗ

## ବ୍ଲକ୍‌ରେ ବିଜେଡି କର୍ମୀଙ୍କ ଆତଙ୍କରାଜ, ମୁଖ୍ୟମନ୍ତ୍ରୀ ଓ ଭାଜପା ନେତାଙ୍କୁ ଗାଳିଗୁଲଜ

ବରୀ,୨୩।୭(ମହେନ୍ଦ୍ର ସ୍ୱାଇଁ)

ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଓ ବିଡିଓ ଅସିତ୍ କୁମାର ମହାନ୍ତିଙ୍କ ନାମରେ ବୁଧବାର ସନ୍ଧ୍ୟାରେ ବରୀ-ରାମଚନ୍ଦ୍ରପୁର ଥାନାରେ ବରୀ ବ୍ଲକ୍ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି। ବ୍ଲକ୍‌ରେ ବିଜେଡି କର୍ମୀ ଆତଙ୍କରାଜ ସୃଷ୍ଟି କରିବା ସହ ମୁଖ୍ୟମନ୍ତ୍ରୀ ଓ ଭାଜପା ନେତାଙ୍କୁ ଗାଳିଗୁଲଜ କରିଛନ୍ତି। ଏଥିରେ ବିଧାୟକ ଓ ବିଡିଓଙ୍କ ପ୍ରମୁଖ ଭୂମିକା ରହିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ତେଣୁ ପୋଲିସ ଯଦି ଘଟଣାର ତଦନ୍ତକରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ଭାଜପା ଯୁବମୋର୍ଚ୍ଚା ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

ଅଭିଯୋଗରେ ଦର୍ଶାଯାଇଛି, ଗତ ମଙ୍ଗଳବାର ଭାଜପା ନେତା ଉମେଶ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓଙ୍କ ସହିତ ବରୀ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବାର ଥିଲା। ତେଣୁ ବିଡିଓଙ୍କୁ ଉପସ୍ଥିତ ରହିବାକୁ ପୂର୍ବରୁ ଅବଗତ କରାଯାଇଥିଲା। ମାତ୍ର ବିଧାୟକ ଏକଥା ଜାଣିବା ପରେ ତାଙ୍କ ନେତୃତ୍ୱରେ ବହୁ କର୍ମୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଆତଙ୍କରାଜ ସୃଷ୍ଟି କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ଏହି ଘଟଣା ପଛରେ ବିଡିଓଙ୍କ ପ୍ରମୁଖ ଭୂମିକା ରହିଥିଲା। ବ୍ଲକ କାର୍ଯ୍ୟାଳୟ ପରିସରରେ ବିଜେଡି କର୍ମୀ ହୋହଲ୍ଲା କରିବାରୁ ବିଭିନ୍ନ କାମରେ ଆସିଥିବା ଲୋକେ ନିରାଶ ହୋଇ ଫେରିଥିଲେ। ଭାଜପା ଯୁବମୋର୍ଚ୍ଚାର ଶ୍ରବଣ ଦାସ, ସୌଭାଗ୍ୟ ଦାସ, ସଞ୍ଜୟ ଘଡ଼େଇ, ଓମ୍ ବେହେରା, ଅଭିଜିତ ରାୟ, ଚିତ୍ତରଞ୍ଜନ ଜେନା, ନାରାୟଣ ସାହୁ, ନୃସିଂହ ବେହେରା, ସୌମ୍ୟଜିତ ସିଂ ଓ ସୁବାସ ଦାସ ପ୍ରମୁଖ ଥାନା ଅଧିକାରୀଙ୍କୁ ଭେଟି ଅଭିଯୋଗପତ୍ର ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି, ତାଙ୍କ ବିରୋଧରେ କରାଯାଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ବିଧାୟକ ମଲ୍ଲିକଙ୍କୁ ପଚାରିବାରେ ସେ ଅଭିଯୋଗଗୁ ଭିତ୍ତିହୀନ ବୋଲି କହିବା ସହ ତାଙ୍କ ବିରୋଧୀ ଔଷଧ ଖାଆନ୍ତୁ ତାଟିଆ ନ କାମୁଡ଼ନ୍ତୁ ବୋଲି ପ୍ରକାଶ କରିଛନ୍ତି।



ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତା ଥାନା ଅଧିକାରୀଙ୍କୁ ଅଭିଯୋଗପତ୍ର ଦେଉଛନ୍ତି।

# ବନ ବିଭାଗରେ ହାଜର ହେଲେ ଖଳନାୟକ

- ମଞ୍ଚରେ ଅଜଗର ସାପ ଧରି ଯାତ୍ରା ପରିବେଷଣ କରିବା ମହଙ୍ଗା ପଡ଼ିଲା
- ଅଜଗର ନୁହେଁ, ସାଉଥ୍ ଆଫ୍ରିକାର ବଲ-ପାଇଥନ୍ ବୋଲି ଦର୍ଶାଇଲେ

ଚଣ୍ଡିଖୋଲ,୨୩।୭(ପ୍ରଦୀପ୍ତ କୁମାର ପୃଷ୍ଟି)



ଖଳନାୟକ ସାଇ ସତ୍ୟଜିତ୍ ପଣ୍ଡା।

ମଞ୍ଚରେ ଅଜଗର ସାପ ଧରି ଯାତ୍ରା ପରିବେଷଣ କରିବା ତୁଳସୀ ଗଣନାଟ୍ୟର ଖଳନାୟକ ସାଜିଥିବା ଅଭିନେତା ସାଇ ସତ୍ୟଜିତ୍ ପଣ୍ଡାଙ୍କ ପାଇଁ ମହଙ୍ଗା ପଡ଼ିଛି। ବନ ବିଭାଗ ନୋଟିସ ଅନୁସାରେ ଖଳନାୟକ ସାଇ ସତ୍ୟଜିତ୍ ବୁଧବାର ଯାଜପୁର ଜିଲା ବୈରୀ ସ୍ଥିତ ବନ ବିଭାଗ କାର୍ଯ୍ୟାଳୟରେ ହାଜର ହୋଇଛନ୍ତି। ସେ ସେଠାରେ କହିଛନ୍ତି, ଯେଉଁ ସାପଟି ଧରି ମଞ୍ଚରେ ପ୍ରଦର୍ଶନ କରିଥିଲେ, ତାହା ଅଜଗର ନ ଥିଲା, ତାହା ସାଉଥ୍ ଆଫ୍ରିକାର ବଲ-ପାଇଥନ୍ ନାମକ ସାପ। ଏହା ବିଷଧର ନୁହେଁ। ଏହି ସାପ ଭାରତରେ ବିକ୍ରି କରାଯାଉଛି। ସାଇ ସତ୍ୟଜିତ୍ ଜିଏସ୍‌ଟି ସହିତ ସମ୍ପୂର୍ଣ୍ଣ ପଇସା ଦେଇ ସାପଟିକୁ କିଣିଛନ୍ତି। ଏହାକୁ ଘରେ ରଖିଲେ କୌଣସି ଅସୁବିଧା ନାହିଁ। ଏପରିକି ଓଡ଼ିଶାରେ ବିଭିନ୍ନ ଲୋକ ଏହି ସାପକୁ କିଣି ଘରେ ରଖିଛନ୍ତି। କିନ୍ତୁ ଏହାକୁ ମଞ୍ଚରେ ପ୍ରଦର୍ଶନ କରାଯାଇପାରିବ କି ନାହିଁ ସେ ସମ୍ପର୍କରେ ସାଇ ସତ୍ୟଜିତ୍ ଜାଣିନାହାନ୍ତି ବୋଲି ବନ ବିଭାଗ ଅଧିକାରୀଙ୍କୁ କହିଛନ୍ତି। ଯଦି ବନ ବିଭାଗ ତରଫରୁ ମନା କରାଯାଏ ତେବେ ସେ ଆଉ ସାପ ଧରି ଅଭିନୟ କରିବେ ନାହିଁ ବୋଲି ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ବୈରୀ ରେଞ୍ଜର ଆଦିତ୍ୟ ପ୍ରଧାନଙ୍କୁ ପଚାରିବାରେ ସେ କହିଛନ୍ତି, ଆମେ ନୋଟିସ ଦେବାପରେ ସେ କାଗଜପତ୍ର ଧରି ଏଠାରେ ପହଞ୍ଚିଥିଲେ। ଏହାର ଯାଞ୍ଚ କରାଯିବ। ଏହାପରେ ଆଇନ ଅନୁଯାୟୀ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ। ଏସିଏଫ୍ ରବିନାରାୟଣ ମହାନ୍ତି କହିଛନ୍ତି, ସେ ସାପ କିଣିଥିବା ନେଇ ଯେଉଁ କାଗଜପତ୍ର ଦେଖାଉଛନ୍ତି ତାହାକୁ ଯାଞ୍ଚ କରାଯିବ। ଏଥିସହ ଯେଉଁଠାରୁ ସାପ କିଣିଛନ୍ତି ତାଙ୍କର ବିକ୍ରିକରିବାର ଅନୁମତି ଅଛି କି ନାହିଁ ଏବଂ ସେ କେଉଁଠାରୁ ଆଣିଲେ ତାହାକୁ ମଧ୍ୟ ଯାଞ୍ଚ କରାଯିବ। ବନ୍ୟପ୍ରାଣୀ ନିୟମ ଅନୁଯାୟୀ ଯେଉଁମାନେ କାଗଜପତ୍ର ଠିକ୍ କରି କିଣିଥିବେ ତାହା ଠିକ୍ ଥାଇପାରେ। କିନ୍ତୁ ବନ୍ୟପ୍ରାଣୀଙ୍କୁ ଧରି ସର୍ବସାଧାରଣ ସ୍ଥାନରେ ପ୍ରଦର୍ଶନ କରିବା ଦ୍ୱାରା ଆଇନର ଉଲ୍ଲଂଘନ ହେଉଛି। ତେଣୁ ସମସ୍ତ ଯାଞ୍ଚ ପ୍ରକ୍ରିୟା ସରିଲାପରେ ଯାହା ଆଇନଗତ ଦୃଷ୍ଟିକୁ ଆସିବ ସେହି ଅନୁସାରେ ପଦକ୍ଷେପ ନିଆଯିବ। ଆବଶ୍ୟକ ପଡ଼ିଲେ କଳାକାର ଓ ଯାତ୍ରା ମାଲିକଙ୍କ ବିରୋଧରେ ମଧ୍ୟ ପଦକ୍ଷେପ ନିଆଯାଇପାରେ ବୋଲି ଏସିଏଫ୍ ମହାନ୍ତି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ତୁଳସୀ ଗଣନାଟ୍ୟର ମାଲିକ ଅନନ୍ତ ନାରାୟଣ ଧଳ ଓରଫ୍ ନାଣ୍ଟୁ କହିଛନ୍ତି, କଳାକାର ନିଜେ ସାପ କିଣି ତାହାକୁ ସେ ଆଖଡ଼ାଶାଳରେ ପ୍ରଦର୍ଶନ କରିଛନ୍ତି। ଏହା ତାଙ୍କର ବ୍ୟକ୍ତିଗତ ବ୍ୟାପାର। ଏଥିରେ ଯାତ୍ରା ପାର୍ଟିର କୌଣସି ସମ୍ପର୍କ ନାହିଁ।

ଖଳନାୟକ ସାଇ ସତ୍ୟଜିତ୍ ମଞ୍ଚରେ ସାପ ଧରି ଅଭିନୟ କରୁଥିବା ନେଇ ସୋସିଆଲ ମିଡିଆରେ ପ୍ରଚାର କରାଯାଇଥିଲା। ଏହାପରେ ବୈରୀ-ଡାଳିଯୋଡ଼ା ରେଞ୍ଜ ତରଫରୁ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବିକ୍ରମ ତିରଣସ୍ଥିତ ଯାତ୍ରା ଆଖଡ଼ାଶାଳରେ ମଙ୍ଗଳବାର ଚଢ଼ାଉ ହୋଇଥିଲା। ଚଢ଼ାଉ ସମୟରେ ଖଳନାୟକ କିମ୍ବା ଯାତ୍ରା ପାର୍ଟି ମାଲିକ ଅନୁପସ୍ଥିତ ଥିଲେ। ତେଣୁ ବନ ବିଭାଗ କାର୍ଯ୍ୟାଳୟରେ ହାଜରହେବାକୁ ଖଳନାୟକଙ୍କୁ ବନବିଭାଗ ପକ୍ଷରୁ ନୋଟିସ କରାଯାଇଥିଲା।

# ଜାତୀୟ ମାଗାଜିନରେ ମାଲକାନଗିରି କେଜିବିଭି ଛାତ୍ରୀ ବିଭୂତି

ମାଲକାନଗିରି, ୨୩।୭ (ସୁର୍ଯ୍ୟୋଧନ ପାତ୍ର)

ଏକ ଜାତୀୟସ୍ତରୀୟ ମାଗାଜିନରେ ସ୍ଥାନ ପାଇଛନ୍ତି ମାଲକାନଗିରି ଜିଲା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି) ଛାତ୍ରୀ ବିଭୂତି ମୁଣ୍ଡାଗୁଡ଼ିଆ। ଜାତୀୟସ୍ତରର ହ୍ୟାଣ୍ଡବଲ୍ ଖେଳାଳି ବିଭୂତିଙ୍କ ସଫଳ କାହାଣୀ ଏଥିରେ ପ୍ରକାଶ ପାଇଛି। ସେ ସଦର ବ୍ଲକ ସିକ୍ରିମାଳ କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟ ୧୦ମ ଶ୍ରେଣୀ ଛାତ୍ରୀ। ହ୍ୟାଣ୍ଡବଲ ଖେଳ ପ୍ରତି ଥିବା ତାଙ୍କ ଆଗ୍ରହ ତାଙ୍କୁ ଆଜି ଜାତୀୟସ୍ତରରେ ପରିଚିତ କରାଇଛି। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଆନୁକୂଲ୍ୟରେ



ବିଭୂତି ମୁଣ୍ଡାଗୁଡ଼ିଆ

କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କ ସଫଳ କାହାଣୀକୁ ନେଇ ମାଗାଜିନ ପ୍ରସ୍ତୁତ କରାଯାଇଛି। ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରି ସେ ଭବିଷ୍ୟତରେ ଜଣେ ବଡ଼ ଅନ୍ତର୍ଜାତୀୟ ଖେଳାଳି ହେବା ପାଇଁ ସ୍ୱପ୍ନ ଦେଖୁଛନ୍ତି। ବାପା ମିସ୍ତ୍ରି କାମ କରୁଥିବାବେଳେ ମା' ଛତୁଚାଷ କରନ୍ତି। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବା ସତ୍ତ୍ୱେ ଭଲ ପାଠପଢ଼ି ଖେଳକୁଦରେ ଉପରକୁ ଯିବା ତାଙ୍କର ଇଚ୍ଛା। ପାଠପଢ଼ା ସହ ଖେଳପ୍ରତି ରୁଚି ରଖିଥିବା ବିଭୂତି ଜିଲା ଓ ରାଜ୍ୟସ୍ତରରେ ଅନେକ ପ୍ରତିଯୋଗିତାରେ ବିଜୟୀ ହେବା ପରେ ଜାତୀୟସ୍ତରରେ ଖେଳିବା ପାଇଁ ମନୋନୀତ ହୋଇଥିଲେ। ଜୁନିୟର ନ୍ୟାଶନାଲ ସ୍କୁଲ ଗେମସ୍ ହ୍ୟାଣ୍ଡବଲ ଚାମ୍ପିୟନଶିପରେ ସେ ଭାଗନେଇ ରାଜ୍ୟ ପାଇଁ ଗୌରବ ଆଣିଥିଲେ। ପ୍ରକାଶ ଯେ, ଅନୁସୂଚିତ ଜାତି ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆବର୍ଗ ବାଳିକାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ନିମନ୍ତେ ୨୦୦୪ରେ କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ ହୋଇଥିଲା।

# ଲଘୁଚାପ: ୫ ଦିନ ଅତି ପ୍ରବଳ ବର୍ଷିବ

ଭୁବନେଶ୍ୱର,୨୩।୭ (ଅନୁରାଧା ମହାରଣା)

ଦକ୍ଷିଣ ଚାଇନା ସାଗରରେ ସୃଷ୍ଟ ବାତ୍ୟା 'ୱିଫା'ର ଅବଶିଷ୍ଟାଂଶ ଘୂର୍ଣ୍ଣିବଳୟ ରୂପରେ ବୁଧବାର ବଙ୍ଗୋପସାଗରରେ ପ୍ରବେଶ କରିଛି। ଏହାର ପ୍ରଭାବରେ ସୃଷ୍ଟି ହୋଇଥିବା ଲଘୁଚାପ ଆଗକୁ ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେଇପାରେ। ଫଳରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ଲଘୁଚାପ ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ୨୮ ତାରିଖ ପର୍ଯ୍ୟନ୍ତ ବର୍ଷା ଆଶଙ୍କା ରହିଥିବାବେଳେ ଗୁରୁବାରଠାରୁ ବର୍ଷାର ପ୍ରଭାବ ବଢ଼ିବ ବୋଲି ଆକଳନ କରାଯାଇଛି। ବର୍ତ୍ତମାନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାର ଦକ୍ଷିଣ ଭାଗ ଉପରେ ରହୁଛି। ତେଣୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି। ବୁଧବାର କଟକ ଓ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ଗୁରୁବାର ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହୋଇ ଲଘୁଚାପ କ୍ଷେତ୍ର ଆଗକୁ ବଢ଼ିବ, ଯାହାର ପ୍ରଭାବରେ ଜୁଲାଇ ୨୪ ଓ ୨୫ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବଜ୍ରପାତର ଆଶଙ୍କା ରହିଛି। ଗୁରୁବାର କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, ଗଜପତି, କେନ୍ଦୁଝର, ମାଲକାନଗିରିରେ ଅତି ପ୍ରବଳ ବର୍ଷା ହେବ। ସେହିପରି ସୁନ୍ଦରଗଡ଼, ଦେବଗଡ଼, ଢେଙ୍କାନାଳ, ଅନୁଗୋଳ, ବାଲେଶ୍ୱର, କେନ୍ଦ୍ରାପଡ଼ାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଉପକୂଳ ଜିଲାରେ ଘଣ୍ଟା ପ୍ରତି ୩୦ରୁ୪୦ କିଲୋମିଟର ବେଗରେ ପବନ ବୋହିବା ସାଙ୍ଗକୁ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ଅଛି। ୨୫ ତାରିଖରେ ମୟୂରଭଞ୍ଜ ଓ କେନ୍ଦୁଝରରେ ଅତି ପ୍ରବଳ ବର୍ଷା ହେବ। ସେହିପରି ଯାଜପୁର, ସୁନ୍ଦରଗଡ଼, ଢେଙ୍କାନାଳ, ଭଦ୍ରକ, ଜଗତ୍‌ସିଂହପୁର, ଅନୁଗୋଳ, ବାଲେଶ୍ୱର, କେନ୍ଦ୍ରାପଡ଼ା ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ।


## NOTICE

No.E-253:Sealed Tenders are invited from the interested firms for supply of dietary articles i.e. **Bengal Gram, Sliced Milk Bread, Fresh Green Grass, Fresh Green Vegetables** for the animal house of VIMSAR, Burla for the financial year 2025-26.The detail terms and conditions in this college website i.e www.vimsar.ac.in and district website i.e.www.sambalpur.odisha.govt.in. The last date of receipt of tenders will be on 19.08.2025 latest by 5.30 PM which will be opened on 19.08.2025 at 11.30 AM in the Conference Hall of Dean & Principal, VIMSAR Burla.

**Sd/-**
**Dean & Principal,**
**VSS Institution of Medical Sciences & Research, Burla**

OIPR-10012/11/0004/2526

## Bhubaneswar Municipal Corporation

**Notice No. - 36035/BMC/2025-26** **Dt. : 21.07.2025**

### REQUEST FOR PROPOSAL FOR

**SELECTION OF AGENCY FOR TOWING OF ILLEGALLY PARKED VEHICLE UNDER THE JURISDICTION OF BMC AREA BHUBANESHWAR MUNICIPAL CORPORATION AREA**

**No.C-728** : Bhubaneswar Municipal Corporation (BMC) invites proposals from reputed Agencies for towing of illegally parked vehicle under the jurisdiction of Bhubaneswar Municipal Corporation Area. Interested agencies may participate for this tender and submit their proposal. The detailed Request for Proposal (RFP) document can be downloaded from BMC website: **www.bmc.gov.in** from **03.00 PM of 24.07.2025 to 04.00 PM of 11.08.2025**. The last date of receipt of technical and financial bids is **11.08.2025** till **4.00 PM** and the same would be opened on **11.8.2025** at **5.00 P.M. The Pre-bid meeting** is scheduled on **29.07.2025** at **04.00 P.M.** in the Conference Hall at BMC Office. Further details can be seen from the BMC Website. Any addendum/corrigendum/cancellation of tender can also be seen in the said website..

BMC reserves the right to cancel this invitation and / or invite fresh Bid/ RFP with or without amendments to this invitation, without liability or any obligation for such invitation and without assigning any reason. BMC reserves the right to accept or reject any or all proposals without assigning any reason whatsoever.

**Sd./- Deputy Commissioner (Revenue)**
**Bhubaneswar Municipal Corporation**

**OIPR-13002/11/0222/2526**

## Government of Odisha, "e"-Procurement Notice
## WORKS DEPARTMENT

No.B-314

E-mail : ceroads.bbsr@gmail.com

**Bid Identification No. CE-Roads-I-07/2025-26**

1. The Chief Engineer (Roads-I), Odisha on behalf of Governor of Odisha invites percentage rate bids in double cover system through ONLINE MODE form eligible contractors for Roadwork as mentioned below :
2. Nature of work : Road works
3. No. of work : 4 Nos.
4. Tender Paper cost : Rs. 10,000.00
5. Class of Contractor : 'A' Class / Special Class / Super Class
6. Available of bid document in the website : From 10.00 A.M. of 23.07.2025 to 5.30 P.M. of 12.08.2025
7. Date of opening of Bid : Dt.13.08.2025 at 11.30 A.M.
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum/corrigendum/cancellation of tender can also be seen in the said website.

**Sd./- Chief Engineer (Roads-I), Odisha**

**OIPR-34181/11/0033/2526**

## ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର

### ସୂଚନା

ସଂ.୧୮୯– ସି ଗୋପନୀୟ ବିବିଧ–୨୦/୨୦୨୫ ତା.୨୧.୦୭.୨୫ରିଖ

No.E-251:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, MISSION DIRECTOR, NHM,ODISHA ଦର୍ଶାଯାଇ ବର୍ତ୍ତମାନର ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକଙ୍କ ଜାଲି ବା ନକଲି ଦସ୍ତଖତ ଥିବା ୨୮୩୨ ତା.୯.୭.୨୦୨୫ ସଂଖ୍ୟା ବିଶିଷ୍ଟ ଏକ ଜାଲି ବା ନକଲି ଚିଠି ନିମ୍ନ ସ୍ୱାକ୍ଷରକାରୀଙ୍କ ଗୋଚରକୁ ଆସିଛି । ଏପରି ଚିଠି ନିମ୍ନ ସ୍ୱାକ୍ଷରକାରୀ ଦସ୍ତଖତ କରିନାହାନ୍ତି କି ଏହି ନିର୍ଦ୍ଦେଶାଳୟରୁ ଏହା ନିର୍ଗମନ କରାଯାଇନାହିଁ । ଏହି ଜାଲି ବା ନକଲି ଚିଠିକୁ କାର୍ଯ୍ୟକାରୀ ନ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଉଛି । ଏହି ଚିଠିକୁ ନେଇ କୌଣସି ଅଘଟଣ ଘଟିଲେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ଉତ୍ତରଦାୟୀ ରହିବ ନାହିଁ ।

ସ୍ୱା./–
ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ, ଓଡ଼ିଶା

OIPR-10002/11/0016/2526

## ODISHA CONSTRUCTION CORPORATION LIMITED, BHUBANESWAR

**PIN-751012, Tel.No.(0674) 2562020**
e-Mail:theoccltd@odishaconstruction.com, GSTIN-21AAACO2571K2ZM

No.CAD-1211:

**"e"-Procurement Notice No.25/OCCL/2025-26 (on-line)**

Online percentage rate tender is invited from the eligible bidders for the following work.

| Sl. No. | Name of Work | Bid Identification No. | Approx. value of work | Bid Security (in Rs.) | Period of Completion (in months) | Availability & Submission of tender of Tender (On-line) |
|---|---|---|---|---|---|---|
| 01 | Construction works of Arrival Plaza for "Integrated Master Plan of Hirakud Reservoir" | OCCL_ SMP/04/ 2025-26 | Rs.17.68 Crore | Rs.17,68,000/- | **09 Calendar Months** | From 25.07.2025, 03.30 PM to 14.08.2025, 05.30 PM |

Procurement Officer : Managing Director, OCCL.
Date of Opening of the Tender : **16.08.2025, 12.00 noon onwards**
Further details can be seen from the e-Procurement portal : https://www.tendersodisha.gov.in. https://odishaconstruction.com

**Sd./- Managing Director**

OIPR-34120/11/0043/2526

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, RAYAGADA

No.O-444

Email ID : ccerwcrayagada@gmail.com

**Letter No. 1459** **Date : 15.07.2025**

**e-Procurement Notice for Periodical Renewal work of 5 Year Post DLP PMGSY Roads for financial year 2024-25 under Incentive grant**

1. Name of the work : Periodical Renewal work of 5 Year Post DLP PMGSY Roads for finacial year 2024-25 under Incentive grant (14 Nos Packages)
2. Class of contractor : "B", "A" & "Special" Class of (Odisha PWD) or relevant class of other licensing authority
3. Estimated Cost : Varies from Rs.109.31 Lakhs to Rs.706.03 Lakhs (Approximately)
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Rayagada | NCB-13/ RWCRGDA/ /2025-26 | Dt.23.07.2025 at 11.00 A.M. | Dt.12.08.2025 Up to 5.00 P.M. | Dt.11.08.2025 Up to 5.00 P.M. | Dt.13.08.2025 at 11.00 A.M. | Will be intimated later |

5. The details of works can be seen from the website www.pmgsytenders.gov.in
6. Any Corrigendum/Addendum will be displayed in the above e-tender website.

**Sd./- Chief Construction Engineer, Rural Works Circle, Rayagada**

**OIPR-25196/11/0022/2526**

## OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

No.CAD-1216

**Tender Call Notice No- BBSR/ELECT-II/E-366/25-26/1762 Dt:17.07.2025**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work:** Supply installation, testing and commissioning of two nos 10 passenger lift for integrated infrastructure Complex (Old age home) at Sartaguda, Phulbani, Kandhamala.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID.No. BBSR/ ELECT-II/ e-24/25-26 | 23.07.2025 at 12.00 Hrs. | 02.08.2025 at 16.00 Hrs. |

Further details can be seen from the e-Procurement portal: **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in **e-Procurement portal** as well as in **IDCO website.**

**Sd./-Divisional Head (Elect-II), IDCO, Bhubaneswar**

OIPR-14003/11/0209/2526

## ODISHA PUBLIC SERVICE COMMISSION CUTTACK

### NOTICE

**No. 5208 / P.S.C., Dt. 22.07.2025**
**1E-30-2025/26 (DR-III)**

**Post Graduate Teacher in Discipline - PSYCHOLOGY**

(Advertisement No.25 of 2023-24)

**No.D-142** : In Continuation to this Office Notice No. 5135/PSC, dtd. 18.07.2025, it is for information of all shortlisted candidates that the **Document Verification and Interview/ Personality Test** for recruitment to the post of **Post Graduate Teacher in Psychology - Discipline**, pursuant to Advertisement No. 25 of 2023-24 will be held from **04.08.2025 to 06.08.2025** in the Office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of verification | Time of Interview | ROLL NO. of candidates |
|---|---|---|---|
| 04.08.2025 | 08.30 A.M. | 10.30 A.M. | 103478, 103482, 103490, 103501, 103506, 103519, 103530, 202518, 202520, 202529, 202530, 308299, 308304, 308308, 308309, 308314, 308316, 308326, 308333 & 308344 **= 20 Candidates** |
| | 12.30 P.M. | 02.30 P.M. | 308357, 308359, 308360, 308365, 308369, 308374, 308376, 308378, 308383, 308388, 308410 & 308411 **= 12 Candidates** |
| 05.08.2025 | 08.30 A.M. | 10.30 A.M. | 308418, 308423, 308438, 308441, 308445, 308446, 308464, 308473, 308485, 308517, 308523, 308532, 308539, 308549, 308552, 308555, 308573, 308574, 308580 308593 **= 20 Candidates** |
| | 12.30 P.M. | 02.30 P.M. | 308594, 403727, 403728, 403733, 403738, 403774, 403776, 403778, 403785, 403807, 403817 & 403825 **= 12 Candidates** |
| 06.08.2025 | 08.30 A.M. | 10.30 A.M. | 403839, 403845, 403848, 403853, 505509, 505511, 505515, 505516, 505544, 505552, 505555, 505556, 505571, 505577, 505582 & 505597 **= 16 Candidates** |

**N.B. -** The candidates are advised to report at the office of the Commission **30 minutes before** the commencement of Document Verification in each 'time slot' allotted in the 'scheduled programme'.

**NOTE: THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

It is also made clear that, the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/ documents and is subject to fulfillment of terms & conditions laid down in the Advertisement.

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. Hard Copy of Online Application form mentioning **Roll No** at the Top **Right-hand Corner**. (Online Applications are available in the website of the Commission. The candidates are required to download the same using their respective e-mail ID/Phone Number and Password/OTP etc through OPSC e-Chayan Portal via www.opscechayan.in)
2. Four **(04)** 'passport size photographs' (Unsigned & Unattested) which has been uploaded with application form.
3. **Matriculation Certificate** in support of declaration of age.
4. Bachelor's Degree Certificate.
5. Post-Graduation Certificate/ Master's Degree Certificate in the subject concerned in respect of Educational Qualification prescribed.
6. B.Ed. Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in Computer Application in respect of Educational Qualification prescribed.
9. Caste Certificate **by birth** in support of claim as **SEBC/ST/SC** whichever applicable. (which has been uploaded with online Application Form)
10. Required Odia Test Pass Certificate from the competent authority.
11. Permanent Disability Certificate (indicating percentage of permanent disability i.e. **40% and more**);
12. Ex-Servicemen claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt. 16.10.1985. Further, Ex-Servicemen candidates must submit an affidavit undertaking that he/she has not been appointed against any civil post after retirement from military service.
13. Identity Card of Sports Persons issued by the Director of Sports Odisha.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in affixed with passport size photograph (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

**OIPR-12002/11/0278/2526** **Sd./- Secretary**

## ODISHA PUBLIC SERVICE COMMISSION CUTTACK

### NOTICE

**No. 5204 / P.S.C., Dt. 22.07.2025**
**1E-08-2025/26 (DR-III)**

**Recruitment to the post of Post Graduate Teacher in Discipline - HOME SCIENCE**

(Advertisement No.25 of 2023-24)

**No.D-141** : In continuation to this Office Notice No. 5137/PSC, dtd. 18.07.2025, it is for information of all shortlisted candidates that the **Document Verification and Interview/ Personality Test** for recruitment to the post of **Post Graduate Teacher** in **Home Science Discipline**, pursuant to Advertisement No. 25 of 2023-24 will be held from **11.08.2025 to 14.08.2025** in the Office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of verification | Time of Interview | ROLL NO. of candidates |
|---|---|---|---|
| 11.08.2025 | 08.30 A.M. | 10.30 A.M. | 102375, 102384, 102393, 201643, 201649, 201654, 201656, 201663, 305550, 305553 & 305561 **= 11 Candidates** |
| | 12.30 P.M. | 02.30 P.M. | 305564, 305568, 305583, 305584, 305587, 305590 & 305601 **= 07 Candidates** |
| 12.08.2025 | 08.30 A.M. | 10.30 A.M. | 305603, 305604, 305606, 305607, 305610, 305612, 305616, 305622, 305635, 305636 & 305640 **= 11 Candidates** |
| | 12.30 P.M. | 02.30 P.M. | 305646, 305650, 305652, 305653, 305661, 402421 & 402433 **= 07 Candidates** |
